READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ ସଂଖ୍ୟା-୧୬ ୨୯ ଏପ୍ରିଲ - ୫ ମଇ, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-16 29th APRIL - 5th MAY, 2024 BHUBANESWAR ₹ 5/- (8 Pages)

### ସବୁଠୁ ମହଙ୍ଗା ୨୪ ନିର୍ବାଚନ

## ଖର୍ଚ୍ଚ ଟପିବ ୧.୩୫ ଲକ୍ଷ କୋଟି



**ନୂଆଦିଲ୍ଲୀ :** ବର୍ଷ ୨୦୨୪କୁ ବିଶ୍ୱର ନିର୍ବାଚନ ବର୍ଷ ଭାବେ ବିବେଚନା କରାଯାଉଛି। କାରଣ ଏହି ବର୍ଷ ଭାରତ ସମେତ ବିଶ୍ୱର ୭୦ ରୁ ୮୦ଟି ଦେଶରେ ନିର୍ବାଚନ ହେଉଛି। ବର୍ତ୍ତମାନ ସୁଦ୍ଧା ରୁଷିଆ, ପାକିସ୍ତାନ ଏବଂ ବାଂଲାଦେଶ ଭଳି କିଛି ରାଷ୍ଟ୍ରରେ ନିର୍ବାଚନ ଶେଷ ହୋଇଥିଲା ବେଳେ ଭାରତରେ ନିର୍ବାଚନ ଚାଲିଛି। ଆଗକୁ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ଇସ୍ରାଏଲ, ଇରାନ, ଫ୍ରାନ୍ସ, ବ୍ରାଜିଲ, ଇଣ୍ଡୋନେସିଆ ଭଳି ଆଉ କିଛି ଦେଶରେ ନିର୍ବାଚନ ହେବ। ତେବେ ସବୁ ଦେଶ ତୁଳନାରେ ଭାରତରେ ହେଉଥିବା ନିର୍ବାଚନ ସବୁଠୁ ବ୍ୟୟବହୁଳ ବୋଲି କୁହାଯାଉଛି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏବଂ ଜନବହୁଳ ରାଷ୍ଟ୍ର ଭାବେ ଭାରତରେ ନିର୍ବାଚନ କରାଇବା ଯେତିକି କଷ୍ଟକର ସେତିକି ବ୍ୟୟବହୁଳ ବୋଲି ଏ ସମ୍ପର୍କରେ କରାଯାଇଥିବା ସ୍ୱତନ୍ତ୍ର ଅନୁଧ୍ୟାନ ସୂତ୍ରରୁ କୁହାଯାଇଛି। ଭାରତରେ ୧୮ତମ ଲୋକସଭା ନିର୍ବାଚନର ଖର୍ଚ୍ଚ ଏକ ନୂଆ ରେକର୍ଡ କରିବାକୁ ଯାଉଛି। ସାରା ବିଶ୍ୱରେ ସବୁଠୁ ବଡ ଗଣତାନ୍ତ୍ରିକ ଦେଶ ଭାରତରେ ସାଧାରଣ ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟି ଟଙ୍କା ଟପିବ ବୋଲି ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ (ସିଏମ୍ଏସ୍) ଏନ୍‌ଜିଓ ଏକ ରିପୋର୍ଟରେ ଦାବି କରିଛି। ୨୦୧୯ ଲୋକସଭା ନିର୍ବାଚନରେ ପ୍ରାୟ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଚଳିତ ଥର ତାହା ଦୁଇଗୁଣରୁ ଅଧିକ ହେବ। ୩୫ ବର୍ଷ ଧରି ସିଏମ୍,ସ୍ ନିର୍ବାଚନୀ ଖର୍ଚ୍ଚ ଉପରେ ନଜର ରଖିଆସିଛି। ସିଏମ୍ଏସ୍ ଅଧ୍ୟକ୍ଷ ଏନ୍ ଭାସ୍କର ରାଓ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଏହି ଖର୍ଚ୍ଚରେ ରାଜନୈତିକ ଦଳ, ସଙ୍ଗଠନ, ପ୍ରାର୍ଥୀ, ସରକାର ଏବଂ ନିର୍ବାଚନ କମିଶନଙ୍କ ସମେତ ପ୍ରତ୍ୟେକ୍ଷ ଓ ପରୋକ୍ଷ ଖର୍ଚ୍ଚ ଅନ୍ତର୍ଭୁକ୍ତ। ପୂର୍ବରୁ ଏହି ଆକଳନ ୧.୨୦ ଲକ୍ଷ କୋଟି ଟଙ୍କା ରହିଥିଲା। ହେଲେ ଇଲେକ୍ଟୋରାଲ ବଣ୍ଡ ତଥ୍ୟ ସାମ୍ନାକୁ ଆସିବା ପରେ ସେହି ➤ ପୃ-୬

### କନ୍ଧମାଳରେ ଏଥର କାମ ଦେବନି ଅଚ୍ୟୁତଙ୍କ ଚକ୍ରାନ୍ତ

## ଲୋକଙ୍କ ଭରସା ସୁକାନ୍ତ



**ଭୁବନେଶ୍ୱର :** ଏଥର ଆଉ କାମ ଦେବନି ନବୀନ ମ୍ୟାଜିକ୍। ଯେଉଁ ବିକାଶର କଥା କହି ବିଜୁ ଜନତା ଦଳ ୨୫ ବର୍ଷ ଶାସନ କ୍ଷମତାରେ ରହିଲା ସେଥିରେ କନ୍ଧମାଳର କୌଣସି ବିକାଶ ହୋଇନାହିଁ। ଯାହାକୁ ନେଇ ଲୋକଙ୍କ ମନରେ ବିଜେଡି ପ୍ରତି ବିଦ୍ରୋହ ଭାବେ ଦେଖାଦେଇଛି। କନ୍ଧମାଳ ଲୋକ ବୁଝିଗଲେଣି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ତାଙ୍କ ସହିତ ସିଧାସଳଖ କଥା ହୋଇପାରିବେ ନାହିଁ। ଯାହା କହିବେ ଟିଭିରେ କହିବେ। ତେଣୁ ତାଙ୍କ ବଦଳରେ ଭିକେ ପାଣ୍ଡିଆନ ଯେଉଁ ଚାଲ ଚଳାଇଛନ୍ତି ତାହା କନ୍ଧମାଳରେ ବିଜେଡିର ସାଂସଦ ପ୍ରାର୍ଥୀ ହୋଇଥିବା ଡକ୍ଟର ଅଚ୍ୟୁତ୍ ସାମନ୍ତଙ୍କୁ ଆଉ ଜିତାଇ ପାରିବେନାହିଁ। କାରଣ ଗତଥର କନ୍ଧମାଳବାସୀ ଯେଉଁ ଭରସାରେ ଡକ୍ଟର ସାମନ୍ତଙ୍କୁ ଭୋଟ ଦେଇଥିଲେ ତାହା କାର୍ଯ୍ୟରେ ପ୍ରତିଫଳିତ ହୋଇପାରିଲା ନାହିଁ। ଶୀତଳ ଭଣ୍ଡାର ହେଉ କିମ୍ବା ସରକାରୀ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା ସବୁଥିରେ ଫେଲ୍ ମାରିଛନ୍ତି ଡକ୍ଟର ସାମନ୍ତ। ବରଂ ସେ ତାଙ୍କର ପୁରୁଣା ଅଭ୍ୟାସ ଅନୁସାରେ ଘରୋଇ ହସ୍ପିଟାଲ ଓ ଘରୋଇ ଶିକ୍ଷାନୁଷ୍ଠାନ ତିଆରି କରିବା ପାଇଁ କନ୍ଧମାଳରେ ଶହ ଶହ ଏକର ସରକାରୀ ଜମି ହାତେଇ ଚାଲିଛନ୍ତି। ଯେଉଁଠି ସରକାରୀ ମେଡିକାଲ କଲେଜ ରହିଛି ତା' ପାଖକୁ ଲାଗି ଆଉ ଗୋଟିଏ ଘରୋଇ ମେଡିକାଲ କଲେଜ ତିଆରି କରିବା କେତେ ଯୁକ୍ତିଯୁକ୍ତ। ଏହାପଛର କାରଣ ସହଜରେ ବୁଝିହେବ। ସରଳ, ନିରୀହ ଆଦିବାସୀଙ୍କୁ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ଲୁଟ୍ କରିବା ପାଇଁ ଡକ୍ଟର ସାମନ୍ତ ଯେଉଁ ଅଭିନବ ଯୋଜନା ଚଳାଇଛନ୍ତି ତାହାକୁ ସ୍ଥାନୀୟ ଲୋକ ବୁଝିସାରିଲେଣି। ଏଠାରେ ଗୋଟିଏ ରେଫରାଲ ହସ୍ପିଟାଲ ନାମରେ ରୋଗୀଙ୍କ ଠାରୁ ଅର୍ଥ ଲୁଟ୍ କରି ସେମାନଙ୍କୁ କିଟ୍ ହସ୍ପିଟାଲ ପଠାଇ ସେବା କରୁଛନ୍ତି ବୋଲି କହିଲେ କେହି ବିଶ୍ୱାସ କରିବେ କି? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ ବର୍ଷର ସୁଶାସନକୁ ଲୋକେ ଭଲ ଭାବେ ହୃଦୟଙ୍ଗମ କରିସାରିଲେଣି। ଗତ ୫ ବର୍ଷ ଡକ୍ଟର ସାମନ୍ତ ଏଠାରୁ ସାଂସଦ ରହି କନ୍ଧମାଳକୁ ବିକାଶ ଧାରାରେ ଯୋଡିପାରି ନାହାନ୍ତି। ➤ ପୃ-୬

### ନିର୍ବାଚନ ସମୟରେ 'ଡିପଫେକ'ର ପ୍ରଭାବ

## ଚିନ୍ତାରେ ଭାରତୀୟ



**ନୂଆଦିଲ୍ଲୀ :** ବର୍ତ୍ତମାନ ଦେଶରେ ସାଧାରଣ ନିର୍ବାଚନ ଚାଲିଛି। ଏହି ସମୟରେ କୃତ୍ରିମ ବୁଦ୍ଧି ବା ଏଆଇ ଦ୍ୱାରା ତିଆରି କରାଯାଇଛି ଡିପଫେକ ବିଷୟବସ୍ତୁ। ନକଲି ଭିଡିଓ ଓ ଫଟୋକୁ ଏଭଳି ଭାବେ ଚିତ୍ରଣ କରାଯାଉଛି ଯେ ମିଛ-ସତ କିଛି ବି ଜଣାପଡୁନାହିଁ। କମ୍ପ୍ୟୁଟର ସିକ୍ୟୁରିଟି କମ୍ପାନୀ ଏମ୍‌ସିଏଏଫ୍‌ଇଇର ଅନୁସନ୍ଧାନରୁ ଜଣାପଡିଛି ଯେ ୭୫% ଭାରତୀୟ ଡିପଫେକ ବିଷୟବସ୍ତୁର ସମ୍ମୁଖୀନ ହୋଇଛି। ସେହିପରି ୨୨% ଭାରତୀୟ କହିଛନ୍ତି ଯେ ସେମାନେ ଡିଜିଟାଲ୍ ପ୍ଲାଟଫର୍ମରେ ବିକୃତ କରାଯାଇଥିବା ଭିଡିଓ, ଫଟୋ ଓ ରାଜନୀତିକ ପ୍ରାର୍ଥୀଙ୍କ ରେକର୍ଡିଂ ସଂସ୍ପର୍ଶରେ ଆସିଛନ୍ତି। ବର୍ତ୍ତମାନ ଲୋକସଭା ନିର୍ବାଚନ ଓ ଆଇପିଏଲ୍ ଚାଲିଛି। ଏପରି ସ୍ଥିତିରେ ଲୋକମାନେ ଅଧିକ ମାତ୍ରାରେ ଡିପଫେକ ବିଷୟବସ୍ତୁର ସାମ୍ନା କରୁଛନ୍ତି। ଅନେକ ଭାରତୀୟ ନକଲି ଓ ପ୍ରକୃତ ବିଷୟବସ୍ତୁ କ'ଣ ତାହା ଜାଣିବାକୁ ସକ୍ଷମ ନୁହନ୍ତି। କୃତ୍ରିମ ବୁଦ୍ଧି (ଏଆଇ) ଟେକ୍ନୋଲୋଜିର ଅତ୍ୟାଧୁନିକତା ➤ ପୃ-୬

### ପ୍ରାର୍ଥୀ ଓ କର୍ମକର୍ତ୍ତାଙ୍କୁ ଶାହାଙ୍କ ମନ୍ତ୍ର

## କେନ୍ଦ୍ରରେ ମୋଦି, ଓଡ଼ିଶାରେ ବିଜେପି ସରକାର



**ଭୁବନେଶ୍ୱର :** କେନ୍ଦ୍ରରେ ମୋଦି ସରକାର, ଓଡ଼ିଶାରେ ବିଜେପି ସରକାର। ଏଭଳି ସ୍ଲୋଗାନ ଦେବାକୁ ଦଳୀୟ ପ୍ରାର୍ଥୀ ଓ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି ବିଜେପିର ଚାଣକ୍ୟ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା। ଓଡ଼ିଶାରେ ନିର୍ବାଚନୀ ବିଗୁଲ ଫୁଙ୍କିଥିବା ଶ୍ରୀ ଶାହା ସୋନପୁରରେ ସାଧାରଣ ସଭାକୁ ସମ୍ବୋଧିତ କରିବା ପରେ ଭୁବନେଶ୍ୱରରେ ଦଳୀୟ ପ୍ରଭାରୀ, ସଂଯୋଜକ, ପ୍ରାର୍ଥୀ ଓ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇ ଦିଲ୍ଲୀ ଫେରି ଯାଇଥିବା ଜଣାପଡ଼ିଛି। ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରର ପୁରୀ ବାଇପାସସ୍ଥିତ ଏକ ଘରୋଇ ମଣ୍ଡପରେ ଗୁରୁବାର ସନ୍ଧ୍ୟାରେ ଶ୍ରୀ ଶାହା ଦଳୀୟ କର୍ମକର୍ତ୍ତା ଓ ପ୍ରାର୍ଥୀଙ୍କ ସହ ବୈଠକ କରି ଦେଶରେ ମୋଦି ସରକାର ଓ ରାଜ୍ୟରେ ବିଜେପି ସରକାର ଗଢ଼ିବା ନେଇ ସ୍ଲୋଗାନ ଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରାର୍ଥୀମାନେ ଯେଭଳି ଅଧିକ ଘରକୁ ଘର ଯିବେ ଓ ସାଧାରଣ ଭୋଟରଙ୍କୁ ଭେଟିବେ ତା'ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ କରିବା ନେଇ କେନ୍ଦ୍ରୀୟ ନେତୃତ୍ୱ ସବୁପ୍ରକାରର ସହଯୋଗ କରିବ। ଆବଶ୍ୟକ ପଡ଼ିଲେ ନୂଆ ରଣନୀତି ନେଇ କାର୍ଯ୍ୟ କରାଯିବ ବୋଲି ଶାହା ସଙ୍କେତ ଦେଇଥିବା ଜଣାପଡ଼ିଛି। ଓଡ଼ିଶାରେ ୨୦୧୯ ମସିହା ନିର୍ବାଚନରେ ବିଜେପିକୁ ୩୪% ଭୋଟ୍ ମିଳିଥିଲା। ଏଥର ଅଧିକ ପରିମାଣର ଭୋଟ୍ ମିଳିବା ସହ ବିଜେପି ସରକାର ଗଢ଼ିବା ନେଇ ଶାହା ➤ ପୃ-୬

## ୫୯ ଦେଶରେ ଖାଦ୍ୟ ସଙ୍କଟ

**ଜେନିଭା:** ସାରା ବିଶ୍ୱରେ ଗୁରୁତର ଖାଦ୍ୟ ସଙ୍କଟ ଦେଖାଦେଇଛି। ଯାହା ଫଳରେ ୨୦୨୩ ମସିହାରେ ବିଶ୍ୱର ୫୯ ଦେଶର ପ୍ରାୟ ୨୮ କୋଟି ୨୦ ଲକ୍ଷ ଲୋକ ଭୋକରେ ରହିଥିଲେ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ତେବେ ଗାଜା ଏବଂ ସୁଦାନରେ ସ୍ଥିତି ସବୁଠୁ ଗମ୍ଭୀର ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ୨୦୨୨ରେ ୨ କୋଟି ୪୦ ଲକ୍ଷ ଲୋକଙ୍କୁ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ସମୟ ମଧ୍ୟରେ ଗାଜା ଏବଂ ସୁଦାନରେ ଖାଦ୍ୟ ନିରାପତ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ମୁଖ୍ୟ ଅର୍ଥନୀତିଜ୍ଞ ମାକ୍ସିମୋ ଟୋରେରୋ କହିଛନ୍ତି ଯେ, ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ଭୋକର ଏକ ➤ ପୃ-୬

## ବକ୍ରବାଣୀ



ସଭାରେ ଫେକୁଆ କରେ ଗର୍ଜନ
ଯାତ୍ରା ପେଣ୍ଡାଲରେ ଯେହ୍ନେ ଭିଲ୍ୟାନ
ଇଣ୍ଡି ମେଣ୍ଟ ଯଦି ଶାସନ ନେବେ
ମୁସଲ୍‌ମାନ ତମ ଧନ ଲୁଟିବେ
ସଧବାଙ୍କ ଧନ ମଙ୍ଗଳ ସୂତ୍ର
ଟାଣିନେବେ ତାଙ୍କ ଯବନ ମିତ୍ର
ଟଙ୍କାରେ ଷୋଳଣା ମିଛ ଜିଭରେ
ବିଳିବିଳି ହୋଇ ବିଷ ଉଦ୍‌ଗାରେ
ସତେକି ଦେଶର ଭାଗ୍ୟ ହୋଇବ
ଆମ ଗଣତନ୍ତ୍ର ବଞ୍ଚି ରହିବ।

—ଟୁଟୁ

### ଇସିଆଇଙ୍କୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ

## ପ୍ରାର୍ଥୀଙ୍କ ଠାରୁ ନୋଟାରେ ଅଧିକ ଭୋଟ୍ ପଡ଼ିଲେ କ'ଣ ହେବ ?



**ନୂଆଦିଲ୍ଲୀ :** ଯଦି କୌଣସି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନଙ୍କ ତୁଳନାରେ ଲୋକମାନେ ନୋଟାକୁ ଅଧିକ ଭୋଟ ଦେଉଛନ୍ତି, ତା'ହେଲେ ଉକ୍ତ ସ୍ଥାନରେ ନିର୍ବାଚନ ବାତିଲ କରାଯାଉ। ନିର୍ବାଚନ ବାତିଲ କରି ଉକ୍ତ ନିର୍ବାଚନ ମଣ୍ଡଳୀରେ ପୁଣି ଭୋଟ କରାଯାଉ ବୋଲି ଗୋଟିଏ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଦାଏର କରାଯାଇଛି। ଏହାକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ନିର୍ବାଚନ କମିଶନ (ଇସି)ଙ୍କୁ ଏହା ଉପରେ ଜବାବ ରଖିବାକୁ କହିଛନ୍ତି। ଏଭଳି ଏକ ଜନସ୍ୱାର୍ଥ ମାମଲା। ଲେଖକ ତଥା ମୋଟିଭେସନାଲ ସ୍ପିକର ଶିବ ଖେରା ସୁପ୍ରିମ କୋର୍ଟରେ ଆଗତ କରିଛନ୍ତି। ସେ ତାଙ୍କ ଆବେଦନରେ ଆହୁରି କହିଛନ୍ତି ଯେ ଯଦି କୌଣସି ପ୍ରାର୍ଥୀ ନୋଟା ଠାରୁ ମଧ୍ୟ କମ ଭୋଟ ପାଉଛନ୍ତି, ତା'ହେଲେ ତାଙ୍କୁ ୫ ବର୍ଷ ପାଇଁ ନିର୍ବାଚନ ଲଢ଼ିବାକୁ ବାରଣ କରାଯାଉ। ନୋଟାରେ କେତେ ଭୋଟ ପଡୁଛି, ତା'ର ଉପଯୁକ୍ତ ତଥ୍ୟ ଗୁରୁତ୍ୱର ସହ ସାର୍ବଜନୀନ କରିବାକୁ ଗୋଟିଏ ନିୟମ ପ୍ରଣୟନ କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ବରିଷ୍ଠ ଆଇନଜୀବୀର ଗୋପାଳ ଶଙ୍କରନାରାୟଣ ଆବେଦନକାରୀ ଖେରାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ପିଆଇଏଲ ଦାଖଲ କରିଛନ୍ତି। ବିନା ନିର୍ବାଚନରେ ବିଜେପିର ସୁରତ ପ୍ରାର୍ଥୀ ଲୋକସଭା ନିର୍ବାଚନ ଜିତି ଯିବା ଘଟଣାର ଉଦାହରଣ ➤ ପୃ-୬

### ୨୪ ବର୍ଷର ଅପାରଗ ବିଜେଡି ସରକାର ବିରୁଦ୍ଧରେ ଚାର୍ଜସିଟ୍

## 'ଲାଇନଚ୍ୟୁତ ଓଡ଼ିଶା ଶାସନ ବ୍ୟବସ୍ଥା'




**ଭୁବେନଶ୍ୱର :** ୨୫ ବର୍ଷର ଅପାରଗ ବିଜେଡି ସରକାର ବିରୁଦ୍ଧରେ ବିଜେପିର ଚାର୍ଜସିଟ୍ ଲୋକାର୍ପିତ ହୋଇଛି। ରାଜଧାନୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟରେ ଏହାର ଲୋକାର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ। 'କେତେ ଦିନ ସହିବା, ପରିବର୍ତ୍ତନ ଆଣିବା' ନାଁରେ ଏହି ଚାର୍ଜସିଟ୍ ଆଣିଛି ବିଜେପି। ପଞ୍ଚାୟତଠୁ ସଚିବାଳୟ ଯାଏଁ ବିଭିନ୍ନ ଦୁର୍ନୀତିକୁ ନେଇ ଚାର୍ଜସିଟ୍ ଜାରି କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ପାନୀୟ ଜଳ ସମସ୍ୟାକୁ ନେଇ ଚାର୍ଜସିଟ୍ ଅଣାଯାଇଛି। ଚିଟଫଣ୍ଡ ଦୁର୍ନୀତି ଓ ମହିଳା ବିରୋଧୀ ହିଂସା ପ୍ରସଙ୍ଗରେ ବି ଦଳ ପ୍ରଶ୍ନ ଉଠାଇଛି। ଏହି ଚାର୍ଜସିଟ୍ ରେ ୨୫ଟି ପ୍ରଶ୍ନ କରାଯାଇଛି। ଓଡ଼ିଶାବାସୀଙ୍କଠାରୁ ତାମିଲନାଡୁକୁ କାହିଁକି ଶସ୍ତାରେ ବିଜୁଳି ଦିଆଯାଉଛି ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ। ସେ କହିଛନ୍ତି, ଓଡ଼ିଶା ଲୋକେ ବିଜୁଳି ୟୁନିଟ ପିଛା ୨ ଟଙ୍କା ୮୩ ପଇସା ଦେଉଛନ୍ତି, ହେଲେ ତାମିଲନାଡୁ ବିଦ୍ୟୁତ୍ ବିତରଣ ସଂସ୍ଥା ୟୁନିଟ ପିଛା ୨ଟଙ୍କା ୫୩ ପଇସା ଦେଉଛି। ଓଡ଼ିଶାରେ ଶାସନ ଲାଇନଚ୍ୟୁତ ହୋଇଛି। ଠିକ୍ ସେହିପରି ଯୋଗ୍ୟ ଲୋକଙ୍କୁ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯାଉନାହି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏଣେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ରାଜ୍ୟରେ ଓଡ଼ିଆ ଲୋକଙ୍କ ଅସ୍ମିତା ପାଇଁ ଲଢ଼େଇ କରିବ ବିଜେପି। ଓଡ଼ିଶାରେ ଅଫିସରଙ୍କ ଆତଙ୍କରାଜ ଚାଲିଛି। ଆଜି ରାଜ୍ୟର ମନ୍ତ୍ରୀ, ବିଜେଡି ବିଧାୟକ ଓ ସାଂସଦଙ୍କ ମୁହଁରୁ ପଦୁଟିଏ କଥା ବାହାରୁନାହିଁ। ରାଜ୍ୟରେ ୨୫ ବର୍ଷ ଭିତରେ କ'ଣ କ'ଣ ସମସ୍ୟା ଦେଖାଦେଇଛି ତାହା କହିଛି ବିଜେପି। ରାଜ୍ୟରେ ହଜାର ହଜାର ପରିବାର ଚିଟଫଣ୍ଡର ଶିକାର ହେଲେ। ସେମାନଙ୍କୁ ସେମାନଙ୍କ ଜମା ଟଙ୍କା ଫେରାଇବାକୁ କର୍ପସ୍ ଫଣ୍ଡ ଗଠନ ହେଲା, କମିଶନ ବି ବସିଲା କିନ୍ତୁ ଫଳ କିଛି ହେଲାନି। ➤ ପୃ-୬

## ୨୫ ବର୍ଷର ନବୀନ ସରକାର ଯୁବ ସମାଜ ପାଇଁ ବିନାଶ କାଳ : କଂଗ୍ରେସ



**ଭୁବନେଶ୍ୱର:** ନବୀନ ବାବୁ ଓଡ଼ିଶାକୁ ୨୫ ବର୍ଷ ଲଗାତାର ଶାସନ କରି ଯୁବ ସମାଜକୁ ବିକଶିତ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଯଦି ବିକାଶ ହୋଇଥାନ୍ତା ତେବେ ଆଜିର ଓଡ଼ିଶା ସୁନାର ଓଡ଼ିଶାରେ ପରିଣତ ହୋଇଥାନ୍ତା। ନବୀନ ବାବୁଙ୍କ ୨୫ ବର୍ଷର ସରକାର ଓଡ଼ିଶାର ଯୁବ ସମାଜ ପାଇଁ ବିକାଶ ନୁହେଁ ବିନାଶ କାଳ। ଯେଉଁ ଗରିବ ଖଟିଖିଆଙ୍କର ସେତେବେଳେ ପିଲାଟିଏ ଜନ୍ମ ହୋଇଥିଲା ସେମାନେ କେତେ ଆଶା ପୋଷଣ କରିଥିବେ ଯେ ନୂଆ ନୂଆ ସରକାର ଆସିଲା, ମୋ ପିଲା ବଡ଼ ହେଲେ ଗରିବ ରହିବ ନାହିଁ, ମୂଲ ଲାଗିବ ନାହିଁ କିମ୍ବା ଦାଦନ ଖଟିବ ନାହିଁ। ସେ ପିଲା ଏବେ ସବୁ ୨୫ ବର୍ଷର ହୋଇଯିବେଣି। ସେମାନେ ଗରିବରୁ ବେଡ଼ିର ମୁକୁଳିଲେ କି ନା ବେରୋଜଗାର ହୋଇ ସେଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ପଞ୍ଚାନ ଦାଶ କହିଛନ୍ତି। ଶ୍ରୀ ଦାଶ ଆହୁରି ମଧ୍ୟ କହିଛନ୍ତି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଭାରତର ଅନ୍ୟ ରାଜ୍ୟ ମାନଙ୍କ ଠାରୁ ବେଶୀ ବିକଶିତ। ସେଠାରେ ସରକାର ନିୟମିତ ପରିବର୍ତ୍ତନ ହୁଏ। ସେଇ ଦକ୍ଷିଣ ଭାରତରୁ ଗୋଟିଏ ଲୋକ ଓଡ଼ିଶାର ଲୋକଙ୍କ ବିନା ସହମତିରେ ଓଡ଼ିଶାକୁ ଶାସନକୁ କୌଶଳ କରି ହାତେଇ କହୁଛନ୍ତି ନବୀନ ବାବୁଙ୍କ ମୁହଁକୁ ଦେଖି ଭୋଟ ଦିଅନ୍ତୁ ଏବଂ ହେବାର ଆଶା ଆକାଂକ୍ଷାକୁ ଛାଡ଼ି ସେଇ ନିକୃଷ୍ଟ ଜୀବନ ଯାପନ କରନ୍ତୁ। ବେରୋଗାରୀ ବର୍ତ୍ତମାନ ଦେଶର ସବୁଠାରୁ ଗୋଟିଏ ପ୍ରସଙ୍ଗ। ନବୀନ ସରକାର ଓଡ଼ିଶାରେ ବେରୋଜଗାରୀର ସମସ୍ୟାକୁ ଲାଘବ କରିବା ପରିବର୍ତ୍ତେ ଉକ୍ଟ କରିସାରିଲେଣି। ସେଂଟର ଫରଦି ଷ୍ଟଡି ଅଫ ଡେଭଲପିଙ୍ଗ ସୋସାଇଟ ରିପୋର୍ଟ ଅନୁସାରେ ଦେଶର ବେରୋଜଗାରୀ ଜନତାଙ୍କ ଆଗରେ ସବୁଠାରୁ ବଡ଼ ପ୍ରସଙ୍ଗ (୨୭%) ତାପରେ ମୁଲ୍ୟବୃଦ୍ଧି (୨୩%)। ଏବେ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ସହଯୋଗରେ ମାନବ ସମ୍ବଳ ପ୍ରତିଷ୍ଠାନ ଭାରତ ରୋଜଗାର ରିପୋର୍ଟ ୨୦୨୪ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ସ୍ନାତକ ଡିଗ୍ରୀଧାରୀ ପିଲାଙ୍କ ମଧ୍ୟରୁ ୨୯.୧% ବେରୋଜଗାର। ଶିକ୍ଷା ସ୍ତର ସହିତ ଯୁବ ବେରୋଗାରୀ ହାର ବୃଦ୍ଧି ପାଇବା ଲକ୍ଷ କରାଯାଉଛି। ସ୍ନାତକ କିମ୍ବା ତାଠାରୁ ବେଶୀ ବଡ଼ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେରୋଜଗାରୀ ହାର ସର୍ବାଧିକ ଏବଂ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମଧ୍ୟରେ ବେରୋଜଗାରୀ ହାର ଅଧିକ। ୨୦୨୨ ମସିହାରେ ପଢ଼ିବା ଏବଂ ଲେଖିବାରେ ଅସମର୍ଥ ବ୍ୟକ୍ତିଙ୍କ ବେରୋଜଗାରୀ ହାର ତୁଳନାରେ (୩.୪%) ମାଧ୍ୟମିକ କିମ୍ବା ଉଚ୍ଚ ସ୍ତରର ଶିକ୍ଷା ହାସଲ କରିଥିବା ଯୁବ ପୀଢ଼ିଙ୍କର ବେରୋଜଗାରୀ ହାର ଛଅ ଗୁଣ ଅଧିକ (୧୮.୪ ପ୍ରତିଶତରେ ଏବଂ ସ୍ନାତକୋତରମାନଙ୍କ ମଧ୍ୟରେ ନଅ ଗୁଣ ଅଧିକ। (୨୯.୧ ପ୍ରତିଶତ) ଥିଲା। ଶିକ୍ଷିତ ଯୁବକଙ୍କ ତୁଳନାରେ ଶିକ୍ଷିତ ଯୁବତୀ ବେଶୀ ବେରୋଜଗାରୀର ଶିକାର ହେଉଥିବା ଜଣାପଡ଼ିଛି। ଚିନ୍ତାଜନକ ବିଷୟ ହେଲା ୨୮.୫% ଯୁବ ବେରୋଜଗାର, ଶିକ୍ଷା ଏବଂ ପ୍ରଶିକ୍ଷଣରେ ନାହାନ୍ତି। ଚିନ୍ତାଜନକ ବିଷୟ ହେଲା ୨୮.୫% ଯୁବ ରୋଜଗାର, ଶିକ୍ଷା ଏବଂ ପ୍ରଶିକ୍ଷଣରେ ନାହାନ୍ତି। ପୁରୁଷଙ୍କ ୯.୮% ପ୍ରତିଶତ ତୁଳନାରେ ଏହା ମହିଳାଙ୍କ ପାଇଁ ୪୮.୪%। ବିଭିନ୍ନ ସର୍ଭେ ରିପୋର୍ଟ ଦର୍ଶାଉଛି ଯେ ନିୟମିତ ରୋଜଗାର କମି କମି ଯାଉଛି ଏବଂ ରୋଜଗାର ଭିତରେ ସ୍ୱ ରୋଜଗାର ପ୍ରତିଶତ ବଢ଼ି ବଢ଼ି ଯାଉଛି। ଆତ୍ମ ନିଯୁକ୍ତିର ଅଂଶ ୨୦୧୮-୧୯ ଆର୍ଥିକ ବର୍ଷରେ ୫୨.୧ ପ୍ରତିଶତରୁ ୨୦୨୨-୨୩ ରେ ୫୭.୩ ପ୍ରତିଶତକୁ ବୃଦ୍ଧି ପାଇଛି। ଆଂଚଳିକ ପାର୍ଥକ୍ୟ ଏବଂ ନିଯୁକ୍ତିର ଗୁଣବତ୍ତା ଏବଂ ସ୍ଥିତିର ଅଗ୍ରଗତି ଆକଳନ କରିବାକୁ, ଭାରତର ୨୨ ଟି ପ୍ରମୁଖ ରାଜ୍ୟ ପାଇଁ ଏକ ମିଶ୍ରିତ ସୂଚକାଙ୍କ- ନିଯୁକ୍ତି ସ୍ଥିତି ସୂଚକାଙ୍କ ନିର୍ମାଣ କରାଯାଇଥିଲା। ଏହି ସୂଚକାଙ୍କ ଅନୁସାରେ ୨୦୦୫ ମସିହାରେ ଓଡ଼ିଶା ୨୨ଟି ପ୍ରମୁଖ ରାଜ୍ୟରେ ସର୍ବ ନିମ୍ନରେ ଥିଲା, ୨୦୧୨, ୨୦୧୯ ଏବଂ ୨୦୨୨ ବର୍ଷ ଗୋଟିଏ ସ୍ଥାନ ଉପରକୁ ଉଠି ୨୧ ତମ ଥିଲା। କେବଳ ବିହାର ଓଡ଼ିଶା ତଳେ ରହି ଆସିଛି ଏବଂ ଅନ୍ୟସବୁ ରାଜ୍ୟର ସ୍ଥିତି ଓଡ଼ିଶା ଠାରୁ ଉନ୍ନତ। ଓଡ଼ିଶା ଗୋଟିଏ ବଳକା ରାଜ୍ୟ ହିସାବରେ ଗଣାଯାଉଛି। ଓଡ଼ିଶା ଖଣିଜ ଉତ୍ପାଦନରୁ ଭାରତର ପ୍ରାୟ ୨୫% ଏକାକି ପାଏ ଯାହାର ମୂଲ୍ୟ ୫୦ ହଜାର କୋଟି ଟଙ୍କାରୁ ଅଧିକ। ତା ସାଙ୍ଗକୁ ମଦ ବିକ୍ରୀରୁ ୬ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ କରୁଛି। ବଳକା ରାଜ୍ୟ ହେବା ସତ୍ତ୍ୱେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଥଣ୍ଡା ଓ ଶର୍ଦ୍ଦିରେ ପୀଡିତ ହେବେ। କାର୍ଯ୍ୟକ୍ଷେତ୍ରରେ ମନମୁତାବକ ଫଳ ପ୍ରାପ୍ତି। ଘର ଆର୍ଥିକ ସମସ୍ୟା ସମାଧାନ। ଭ୍ରମଣ ଯୋଗ। ପ୍ରେମରେ ସଫଳତା। ସନ୍ତନପ୍ରତି ଧ୍ୟାନ ଦିଅନ୍ତୁ। ଶୁଭ ତାରିଖ : ୩୦, ୨, ଭାଗ୍ୟଫଳ: ୬୦%। ପ୍ରତିକାର : ଚଳନ୍ତି ଜଳରେ ଯଅ ବୁଧବାର ଅର୍ପଣ କରନ୍ତୁ।

**ବୃଷ** ମଧୁମେହ ରୋଗୀ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ କଠିନ ପରିଶ୍ରମ କଲେ ଫଳ ମିଳିବ। ଋଣ କରି ପାରନ୍ତି। ପ୍ରେମ ସମ୍ବନ୍ଧରେ ପ୍ରତିବନ୍ଧକ। ଦାମ୍ପତ୍ୟ ଭଲ ରହିବ। ଶୁଭ ତାରିଖ : ୨୯, ୫, ଭାଗ୍ୟପଳ : ୭୦%। ପ୍ରତିକାର : ହନୁମାନଙ୍କୁ ମିଠା ଭୋଗ ଲଗାନ୍ତୁ।

**ମିଥୁନ** ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ଚାକିରି ଓ ବ୍ୟବସାୟରେ ଲାଭ। ପଦୋନ୍ନତି ଯୋଗ ଅଛି। ରୋକିଥିବା ଧନ ଫେଣିବ। ବିବାହ ଯୋଗ ଅଛି। ଶୁଭ ତାରିଖ : ୧, ୩, ଭାଗ୍ୟଫଳ: ୭୦%। ପ୍ରତିକାର : ଗୁରୁବାର ଭଗବାନ ବିଷ୍ଣୁଙ୍କୁ ଘିଅ ଦୀପ ଅର୍ପଣ କରନ୍ତୁ।

**କର୍କଟ** ସନ୍ତାନଙ୍କ ସ୍ୱାସ୍ଥ୍ୟ ବିଗିଡି ପାରେ। ବିଦେଶ ଯାତ୍ରା ଯୋଗ। ନୂଆ ବ୍ୟବସାୟ କରିବେ। ଆୟ ବଢ଼ିବ। ପ୍ରେମ ବିବାହ ଯୋଗ ଅଛି। ଶୁଭ ତାରିଖ ୨୯, ୪, ଭାଗ୍ୟଫଳ : ୯୦%। ପ୍ରତିକାର : ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ।

**ସିଂହ** ସ୍ୱାସ୍ଥ୍ୟ ସାମାନ୍ୟରହିପାରେ। ବ୍ୟବସାୟରେ ଉନ୍ନତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ। ଲାଭ ବଢ଼ିବ। ଦାମ୍ପତ୍ୟ ଭଲ ରହିବ। ପ୍ରେମରେ ପ୍ରତିବନ୍ଧକ। ଶୁଭ ତାରିଖ : ୨, ୩, ଭାଗ୍ୟପଳ : ୫୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ନୂଆ ବ୍ୟବସାୟ ଖୋଲିବ। ପରିଶ୍ରମ ବଢ଼ିବ। ପ୍ରେମୀମାନେ ସତର୍କ ରହନ୍ତୁ। ବାଣୀରେ ଲଗାମ ଦିଅନ୍ତୁ। ଶୁଭ ତାରିଖ : ୨୯, ୪, ଭାଗ୍ୟଫଳ: ୮୦%। ପ୍ରତିକାର : ହନୁମାନଙ୍କୁ ଚଣା ଗୁଡ ଚଢ଼ାନ୍ତୁ।

**ତୁଳା** ଅଣ୍ଟାରେ ଯନ୍ତ୍ରଣା ହୋଇପାରେ। ପଦୋନ୍ନତି ହେବ। ନୂଆ ନୂଆ ସୁଯୋଗ ମିଳିବ। ଆୟ ବଢ଼ିବ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ : ୧, ୪, ଭାଗ୍ୟଫଳ : ୮୦%। ପ୍ରତିକାର : ସୋମବାର ବ୍ରତ ରଖନ୍ତୁ।

**ବିଛା** ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଆୟ ବଢ଼ିବ। ନୂଆ ଚାକିରି ଯୋଗ ଅଛି। ଧନ ଖର୍ଚ୍ଚ ହେବ। ପାରିବାରିକ ଜୀବନ ଭଲ ରହିବ। ଶୁଭ ତାରିଖ : ୨୯, ୩୦, ଭାଗ୍ୟଫଳ : ୭୦%। ପ୍ରତିକାର : କିଛି ଦାନ ଧର୍ମ କରନ୍ତୁ।

**ଧନୁ** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ଭାଗୀଦାରୀ ବ୍ୟବସାୟ ପାଇଁ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ପରିଶ୍ରମ ବଢ଼ିବ। ଘର, ଗାଡି ଇତ୍ୟାଦି କ୍ରୟ ଯୋଗ ଅଛି। ପ୍ରେମ ସମ୍ପର୍କ ଭାଙ୍ଗି ପାରେ। ଶୁଭ ତାରିଖ : ୨, ୫, ଭାଗ୍ୟଫଳ : ୫୦%। ପ୍ରତିକାର : ଭଗବାନ ବିଷ୍ଣୁଙ୍କୁ ହଳଦିଆ ଜିନିଷ ଅର୍ପଣ କରନ୍ତୁ।

**ମକର** ପେଟରେ କଷ୍ଟ ହୋଇପାରେ। ଲାଭ ପାଇଁ ଅଧିକ ପରିଶ୍ରମ ଆବଶ୍ୟକ। ପୁରୁଣା ଋଣ ପରିଶୋଧ କରିବେ। ପରିବାରରେ ବିବାଦ ଯୋଗ। ଶୁଭ ତାରିଖ : ୨୯, ୩, ଭାଗ୍ୟଫଳ : ୬୦%। ପ୍ରତିକାର : ହନୁମାନ ଶ୍ଳୋକ ପାଠ କରନ୍ତୁ।

**କୁମ୍ଭ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ନିଜ ଲୋକ ଅସୁବିଧାରେ ପକାଇବେ। ଦୂରଯାତ୍ରା ଯୋଗ ଅଛି। ନେଣଦେଣରେ ଧନ କ୍ଷତି ହୋଇପାରେ। ପରିବାର ସୁଖ ପାଇବେ। ଶୁଭ ତାରିଖ : ୩୦, ୩, ଭାଗ୍ୟଫଳ : ୮୦%। ପ୍ରତିକାର : ଶନିବାର ଦିନ ଗଛଟିଏ ଲଗାନ୍ତୁ।

**ମୀନ** ଶରୀରରେ ପୀଡା ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଆୟ ବଢ଼ିବ। ପାରିବାରିକ କାମରେ ବ୍ୟସ୍ତ ରହିବେ। ଶୁଭ ତାରିଖ : ୧, ୪, ଭାଗ୍ୟଫଳ : ୭୦%। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଇଭିଏମ୍ ଭୋଟକୁ ସୁପ୍ରିମ୍‌କୋର୍ଟଙ୍କ ମୋହର

**ନୂଆଦିଲ୍ଲୀ:** ନିର୍ବାଚନରେ ବାଲାଟ ପେପର ବ୍ୟବସ୍ଥା ଫେରାଇ ଆଣିବାକୁ ହୋଇଥିବା ଆବେଦନ ଖାରଜ। ଶୁକ୍ରବାର ସର୍ବୋଚ୍ଚ ଅଦାଲତ ଏ ଉପରେ ଶୁଣାଣି କରି ଆବେଦନକୁ ଖାରଜ କରିବା ସହ ଇଭିଏମ୍ ଜରିଆରେ ହିଁ ଭୋଟିଂ ହେବ ବୋଲି କହିଛନ୍ତି। ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ସ୍ଲିପ୍ ସହିତ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାର କରି ଦିଆଯାଇଥିବା ଭୋଟର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଥିଲା, ଯାହାକୁ ଆଜି ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ। ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର), ଅକ୍ଷୟ ଭକଚାନ୍ଦ ଛାଜେଡ ଏବଂ ଅରୁଣ କୁମାର ଅଗ୍ରୱାଲଙ୍କ ଦ୍ୱାରା ଏହି ରିଟ୍ ପିଟିସନ ଦାଖଲ କରାଯାଇଥିଲା। ସର୍ବୋଚ୍ଚ ଅଦାଲତର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲା ଉପରେ ଶୁଣାଣି କରି ଆବେଦନକୁ ଖାରଜ କରି କହିଛନ୍ତି, ଇଭିଏମରେ ଦିଆଯାଉଥିବା ଭୋଟର ଶତ ପ୍ରତିଶତ ଯାଞ୍ଚ କରାଯାଇ ପାରିବ ନାହିଁ, ନିର୍ବାଚନରେ ବି ବାଲାଟ ପେପର ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକାରୀ ହୋଇପାରିବ ନାହିଁ। କିନ୍ତୁ ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କୁ ଦୁଇଟି ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ,



ଇଭିଏମରେ ଚିହ୍ନ ଲୋଡିଂ ପ୍ରକ୍ରିୟା ସମାପ୍ତ ହେବା ପରେ ସିମ୍ବଲ ଲୋଡିଂ ୟୁନିଟ୍ (ଏସ୍‌ଏଲ୍‌ୟୁ)କୁ ସିଲ୍ କରାଯିବା ଉଚିତ୍ ଏବଂ ଏହାକୁ ଅତି କମରେ ୪୫ ଦିନ ପର୍ଯ୍ୟନ୍ତ ଷ୍ଟୋର୍ କରି ରଖାଯିବା ଆବଶ୍ୟକ। ଫଳାଫଳ ପ୍ରକାଶ ପାଇବା ପରେ ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ମାଇକ୍ରୋକଣ୍ଟ୍ରୋଲର ଇଭିଏମରେ ପୋଡିଯାଇଥିବା ବା ନଷ୍ଟ ହୋଇଯାଇଥିବା ମେମୋରିକୁ ଏକ ଇଞ୍ଜିନିୟର୍ ଟିମ୍ ଦ୍ୱାରା ଯାଞ୍ଚ କରାଯିବା ଉଚିତ୍। ଏଥିପାଇଁ ପ୍ରାର୍ଥୀଙ୍କୁ ଫଳାଫଳ ପ୍ରକାଶର ସାତ ଦିନ ମଧ୍ୟରେ ଆବେଦନ କରିବାକୁ ପଡିବ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ଇଭିଏମ ଯାଞ୍ଚ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ସମସ୍ତ ଖର୍ଚ୍ଚ ବହନ କରିବେ, ଯଦି ଇଭିଏମ୍ ଟାମ୍ପରିଂ ହୋଇଥାଏ ତେବେ ଖର୍ଚ୍ଚ ଫେରସ୍ତ ପାଇବେ। ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କୁ, କାଗଜ ସ୍ଲିପ୍ ଗଣନା ପାଇଁ ଏକ ଇଲେକ୍ଟ୍ରୋନିକ୍ ମେସିନ୍ ପାଇଁ ପରାମର୍ଶ ଯାଞ୍ଚ କରିବାକୁ କହିଛନ୍ତି। ଏଥିସହ ପ୍ରତ୍ୟେକ ଦଳ ପାଇଁ ବାର୍ କୋଡ୍ ରହିପାରିବ କି ବୋଲି ପଚାରିଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ଦତ୍ତ କହିଛନ୍ତି, ଏକ ସିଷ୍ଟମ ଉପରେ ସମ୍ପୂର୍ଣ୍ଣ ରୂପେ ଅବିଶ୍ୱାସ କରିବା ଦ୍ୱାରା ଅଯଥା ସନ୍ଦେହ ସୃଷ୍ଟି ହୋଇପାରେ। ସମସ୍ତ ସ୍ତମ୍ଭ ମଧ୍ୟରେ ସମନ୍ୱୟ ଏବଂ ବିଶ୍ୱାସ ବଜାୟ ରଖିବା ଉପରେ ଗଣତନ୍ତ୍ର ନିର୍ଭର କରେ। ବିଶ୍ୱାସ ଏବଂ ସହଯୋଗ ମାଧ୍ୟମରେ ଆମେ ଆମର ଗଣତନ୍ତ୍ରର ସ୍ୱରକୁ ମଜବୁତ କରିପାରିବା ବୋଲ୍ ଜଷ୍ଟିସ୍ ଦତ୍ତ କହିଛନ୍ତି।

### ପାଣି ବୋତଲ ବିକ୍ରି ପାଇଁ ଜୁନ୍‌ରୁ ନୂଆ ନିୟମ

# ବିଆଇଏସ୍ ପ୍ରମାଣପତ୍ର ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** ବଜାରରେ ବିକ୍ରି ହେଉଥିବା ପାଣି ବୋତଲକୁ ନେଇ ଦେଶରେ ଖୁବ୍‌ଶୀଘ୍ର ଲାଗୁ ହେବାକୁ ଯାଉଛି ନୂଆ ନିୟମ। ପାଣି ବୋତଲ ବିକ୍ରି କ୍ଷେତ୍ରରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଏଣିକି ପାଣି ବୋତଲ ବିକ୍ରି କରିବାକୁ ହେଲେ କମ୍ପାନୀଗୁଡ଼ିକୁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍)ର ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ। ଏହି ନୂଆ ନିୟମକୁ ସରକାର ଆସନ୍ତା ଜୁନ୍ ମାସରୁ ଲାଗୁ କରିବାକୁ ଯାଉଛନ୍ତି। ଯଦି ଏହା ହୁଏ, ତେବେ ବଜାରରେ ବିକ୍ରି ହେଉଥିବା ସାଧାରଣ ବୋତଲ ଗାଏବ ହୋଇଯିବ। ବିଶେଷକରି ବିଦେଶରୁ ଆମଦାନୀ ହେଉଥିବା



ବୋତଲ ଉପରେ ଏହି ନୂଆ ନିୟମର ପ୍ରଭାବ ଅଧିକ ପଡ଼ିବାର ସମ୍ଭାବନା ରହିଛି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ଯୋଜନାନୁଯାୟୀ, ବିଆଇଏସ୍ ମାର୍କ ନ ଥିଲେ କୌଣସି କମ୍ପାନୀ ଦେଶରେ ପାଣି ବୋତଲ ବିକ୍ରି କରିପାରିବନାହିଁ। ବର୍ତ୍ତମାନ ଦେଶର ଅଧିକାଂଶ କମ୍ପାନୀ ତମ୍ବା, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଆଲୁମିନିୟମ୍ ପାଣି ବୋତଲ ଆମଦାନୀ କରୁଛନ୍ତି। ଏବେ ବିଆଇଏସ୍ ନିୟମ ଲାଗୁ ହେଲେ ଭାରତୀୟ କମ୍ପାନୀ ଏହି ବୋତଲଗୁଡ଼ିକୁ ନିଜ ଦେଶରେ ଉତ୍ପାଦନ କରିବାକୁ ବାଧ୍ୟ ହେବେ। ମନ୍ତ୍ରଣାଳୟ କମ୍ପାନୀଗୁଡ଼ିକୁ ବିଆଇଏସ୍ ପ୍ରମାଣପତ୍ର ହାସଲ କରିବା ପାଇଁ ଜୁନ୍ ୨୪ ପର୍ଯ୍ୟନ୍ତ ସମୟ ଦେଇଛି। ଏହାପରେ ଖୁଚୁରା ଏବଂ ଇ-କମର୍ସ ବଜାରରୁ ଅନେକ ବୋତଲ ବ୍ରାଣ୍ଡ ଉଭେଇଯିବେ ବୋଲି କ୍ଷେତ୍ର ସହ ଜଡ଼ିତ ବିଶେଷଜ୍ଞମାନେ ମତ ରଖିଛନ୍ତି। ଦେଶର ବଡ଼ କମ୍ପାନୀଗୁଡ଼ିକ ଏହି ପ୍ରସଙ୍ଗରେ ନିରବ ରହିଥିବା ବେଳେ ଛୋଟ କମ୍ପାନୀଗୁଡ଼ିକ ଏହା ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ ନୂତନ ନିୟମ ସେମାନଙ୍କ ଉପରେ ବହୁତ ଖରାପ ପ୍ରଭାବ ପକାଇବ। କାରଣ ପାଣି ବୋତଲ ବଜାରରେ ବଜାରରେ ଏହି କମ୍ପାନୀଗୁଡ଼ିକର ବଜାର ଅଂଶ ପାଖାପାଖି ୩୦ ପ୍ରତିଶତ ରହିଛି। ଗତ ବର୍ଷ ଜୁଲାଇ ମାସରେ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଥିଲା। ୬ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାର ଥିଲା। ବର୍ତ୍ତମାନ ଏହା ଜୁନ୍, ୨୦୨୪ରେ କାର୍ଯ୍ୟକାରୀ ହେବ।

## ଡିଆରଡିଓ ତିଆରି କଲା ସବୁଠୁ ହାଲୁକା ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍



**ନୂଆଦିଲ୍ଲୀ :** ଶତ୍ରୁଙ୍କ ଗୁଳିରୁ ଯବାନଙ୍କ ଜୀବନ ରକ୍ଷା ପାଇଁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ତିଆରି କରିଛି ସବୁଠୁ ହାଲୁକା ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍। ପୂର୍ବରୁ ଥିବା ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଓଜନ ଅଧିକ ରହୁଥିବାରୁ ଅପରେଶନ ସମୟରେ ତାହାକୁ ପିନ୍ଧି କାର୍ଯ୍ୟ କରିବାରେ ଯବାନମାନଙ୍କ ପାଇଁ କିଛିଟା ସମସ୍ୟା ଉପୁଜୁଥିଲା। କିନ୍ତୁ ଏହି ହାଲୁକା ଜ୍ୟାକେଟ୍ ସେହି ସମସ୍ୟା ଦୂର କରିବା ସହିତ ସବୁଠୁ ଅଧିକ ବିପଜ୍ଜନକ ସାବ୍ୟସ୍ତ ହେଉଥିବା ବିଆଇଏସ ଗୋଳାବାରୁଦର ଲେଭେଲ-୬ ଠାରୁ ଯବାନମାନଙ୍କୁ ସୁରକ୍ଷା ଦେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନିକଟରେ ଚଣ୍ଡୀଗଡ଼ର ଟର୍ମିନାଲ ବାଲିଷ୍ଟିକ୍ସ ରିସର୍ଚ୍ଚ ଲାବରେଟୋରି (ଟିବିଆରଏଲ)ଠାରେ ଏହି ଜ୍ୟାକେଟ୍‌ର ସଫଳ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ନୂଆ ଡିଜାଇନ ଆଧାରରେ ଏହି ଜ୍ୟାକେଟ୍ ତିଆରି ହୋଇଛି। ଏଥିରେ ଉନ୍ନତ ମାନର ସାମଗ୍ରୀ ବ୍ୟବହାର କରାଯାଇଛି। ଜ୍ୟାକେଟ୍ ସମ୍ମୁଖରେ ଥିବା ହାର୍ଡ ଆର୍ମର ପ୍ୟାନେଲ (ଏଚଏପି) ଏକାଧିକ ଆଘାତକୁ ପ୍ରତିରୋଧ କରିବାରେ ସକ୍ଷମ। ଏହି ହାର୍ଡ ଆର୍ମର ପ୍ୟାନେଲ ବା କଠିନ କବଚଟି ମନୋଲିଥିକ ସେରାମିକ୍ ପ୍ଲେଟ୍‌ରେ ତିଆରି ହୋଇଛି, ଯାହା ଅପରେଶନ ସମୟରେ ଜ୍ୟାକେଟ୍‌କୁ ପିନ୍ଧିବାଯୋଗ୍ୟ ଏବଂ ଆରାମ ଦାୟକ କରିଥାଏ।

## ଭାରତ ନିର୍ମାଣ କରୁଛି ସ୍ୱତନ୍ତ୍ର ଏୟାର ଡିଫେନ୍ସ ମିସାଇଲ ସିଷ୍ଟମ



**ନୂଆଦିଲ୍ଲୀ :** ପଡ଼ୋଶୀ ରାଷ୍ଟ୍ରଠାରୁ ବଢୁଛି ଭାରତ ଲାଗି ବିପଦ। ଶତ୍ରୁ ପକ୍ଷରୁ ଡ୍ରୋନ ଓ ଲଢୁଆ ଯୁଦ୍ଧ ବିମାନର ମୁକାବିଲା ଲାଗି ଭାରତ ନିର୍ମାଣ କରୁଛି ସ୍ୱତନ୍ତ୍ର ଏୟାର ଡିଫେନ୍ସ ମିସାଇଲ ସିଷ୍ଟମ। କାନ୍ଧରେ ରଖି ପ୍ରୟୋଗ କରାଯାଇପାରୁଥିବା ଏହି ସିଷ୍ଟମ ଖୁବ୍ ଶୀଘ୍ର ଭାରତକୁ ଶକ୍ତିଶାଳୀ କରିବାରେ ସକ୍ଷମ ହେବ। ସୀମାରେ ପାକିସ୍ତାନ ଓ ଚୀନ ପକ୍ଷରୁ ବିପଦ କ୍ରମାଗତ ଭାବେ ବଢୁଥିବାବେଳେ ଏହାକୁ ପ୍ରତିହତ କରିବା ଲାଗି ସେନା ଓ ବାୟୁସେନାକୁ ୩୫୦ ଲଞ୍ଚର ଓ ୨ ହଜାର ମିସାଇଲ ପ୍ରଦାନ କରିବାକୁ ନିଆଯାଇଛି ପଦକ୍ଷେପ। ପ୍ରତିରକ୍ଷା ବିଭାଗ ସୂତ୍ର ଅନୁସାରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଲେଜର ବିମ୍ ରାଇଡିଂ ଭେରି ସର୍ଟ ରେଞ୍ଜ ଏୟାର ଡିଫେନସ ସିଷ୍ଟମ ପ୍ରସ୍ତୁତ କରାଯାଉଛି। ଏକ ରାଷ୍ଟ୍ରାୟତ୍ତ ସଂସ୍ଥା ଓ ଏକ ଘରୋଇ ସଂସ୍ଥା ପକ୍ଷରୁ ଏହାର ନିର୍ମାଣ କରାଯାଉଛି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ବା ଡିଆରଡିଓ ଅନ୍ୟ ସଂସ୍ଥା ସହ ମିଶି ପ୍ରସ୍ତୁତ କରୁଛି ସ୍ୱତନ୍ତ୍ର ପ୍ରକାର ମିସାଇଲ ଯାହାକି କାନ୍ଧରୁ ପ୍ରୟୋଗ କରାଯାଇପାରିବ। ଭାରତ ନିକଟରେ ରହିଥିବା ରୁଷିଆ ନିର୍ମିତ ଇଗଲା-୧ ଏମର ଏହା ବିକଳ୍ପ ହେବ।

## ବିନା ଇଣ୍ଟରନେଟରେ ଗୁଗୁଲ୍ ମ୍ୟାପ୍‌ରେ ହୋଇପାରିବ ଲୋକେସନ୍ ସେୟାର

**ନୂଆଦିଲ୍ଲୀ :** ସାରା ଦୁନିଆର ବଡ଼ ବଡ଼ କମ୍ପାନୀଗୁଡିକ ସମ୍ପ୍ରତି ସେମାନଙ୍କର ଆପ୍ସ ଏବଂ ସେବାଗୁଡିକୁ ଅପଡେଟ୍ କରୁଛନ୍ତି। ବର୍ତ୍ତମାନ ଗୁଗୁଲ୍ ଆପରେ ଏକ ଧମଦାର ଫିଚର ସାମ୍ନାକୁ ଆସୁଛି। ଏହି ଫିଚର ସାଟେଲାଇଟ କନେକ୍ଟିଭିଟିକୁ ଆହୁରି ଉନ୍ନତ କରିବ। ରିପୋର୍ଟ ମୁତାବକ, ଡିଭାଇସ୍ରେ ସେଲ୍ୟୁଲାରର ନେଟୱର୍କ ଏବଂ ୱାଇ-ଫାଇ ନ ଥିବା କାରଣରୁ ଗୁଗୁଲ୍ ମ୍ୟାପର ସାଟେଲାଇଟ କନେକ୍ଟିଭିଟି ଫିଚରର ସାହାଯ୍ୟ ନିଆଯାଇପାରିବ। ଗୁଗୁଲ ଆପ୍ସ ସାଟେଲାଇଟ କନେକ୍ଟିଭିଟି ଫିଚରର ବିଟା ଭର୍ଜସ୍ ଆରମ୍ଭ କରିଛି। ଏହି ଅପଡେଟର ଖାସ କଥା ହେଉଛି, ୟୁଜର୍ସ ଗୁଗୁଲ୍ ମ୍ୟାପରେ ହିଁ ନିଜ ଲୋକେସନ ସେୟାର କରିପାରିବେ। ଯେଉଁ ଅଞ୍ଚଳରେ ମୋବାଇଲ ନେଟୱର୍କର ସମସ୍ୟା ରହିଛି, ସେଠାରେ ଏହି ଫିଚର ବହୁମାତ୍ରାରେ ଲାଭଦାୟକ ପ୍ରମାଣିତ ହେବ। ମିଡିଆ ରିପୋର୍ଟ ମୁତାବକ, ୟୁଜର୍ସ ଖୁବ ଶୀଘ୍ର ଏହି ଅପଡେଟ ବ୍ୟବହାର କରିପାରିବେ।



ୟୁଜର୍ସ ୧୫ ମିନିଟ୍ ପରେ ଗୁଗୁଲ ମ୍ୟାପରେ ଲୋକେସନ ସେୟାର କରିପାରିବେ, ହେଲେ ଏହି ସୁବିଧା ସେମାନଙ୍କୁ ମାତ୍ର ୫ ଥର ମିଳିବ। ଏହାକୁ ଏପର୍ଯ୍ୟନ୍ତ ଆଣ୍ଡ୍ରଏଡ୍ ଡିଭାଇସ ସହ ଯୋଡାଯାଇନାହିଁ। ଗୁଗୁଲ ମ୍ୟାପରେ ସାଟେଲାଇଟ୍ କନେକ୍ଟିଭିଟି କୌଣସି ମଧ୍ୟ ଜରୁରୀ ସ୍ଥିତିରେ ଉପଯୋଗୀ ପ୍ରମାଣିତ ହେବ।

## ପୁଣି ତୃତୀୟଥର ପାଇଁ ମହାକାଶକୁ ଯାତ୍ରା କରିବେ ସୁନିତା



**ଫ୍ଲୋରିଡା :** ଆମେରିକୀୟ ମହାକାଶ ସଂସ୍ଥା ନାସାର ବରିଷ୍ଠ ମହାକାଶଚାରୀ ସୁନିତା ୱିଲିୟମ୍ସ ଆସନ୍ତା ମେ’ ୬ରେ ପୁଣି ମହାକାଶକୁ ଯାତ୍ରା କରିବେ। ଏଥିପାଇଁ ସେ ବର୍ତ୍ତମାନ ତାଲିମ ନେଉଛନ୍ତି। ଭାରତୀୟ ବଂଶୋଦ୍ଭବ ୫୯ ବର୍ଷୀୟା ସୁନିତାଙ୍କର ଏହା ହେବ ତୃତୀୟ ମହାକାଶ ଯାତ୍ରା। ସୁନିତା ୨୦୦୬ ଡିସେମ୍ବର ୯ରେ ‘ଡିସ୍କଭରୀ’ ମହାକାଶ ଯାନରେ ପ୍ରଥମ ଥର ମହାକାଶ ଯାତ୍ରା କରିଥିଲେ। ଇଣ୍ଟରନ୍ୟାସନାଲ ସ୍ପେସ୍ ସେଣ୍ଟର (ଆଇଏସଏସ)ରେ ମାସାଧିକ କାଳ ଅବସ୍ଥାନ କରିଥିଲେ। ଏହି ସମୟରେ ସେ ଚାରିଥର ଆଇଏସଏସରୁ ବାହାରି ମହାକାଶରେ ପଦଯାତ୍ରା କରିଥିଲେ। ପୁଣି ୨୦୧୨ ଜୁଲାଇ ୧୫ରେ ସୁନିତା କାଜାଖସ୍ତାନର ବୈକାନୁର କସ୍ମୋଡ୍ରମରୁ ସୋୟୁଜ-୦୫ଏମ ରକେଟ ଜରିଆରେ ଦ୍ୱିତୀୟ ଥର ମହାକାଶ ଯାତ୍ରା କରିଥିଲେ। ଆସନ୍ତା ମେ’ରେ ସୁନିତା ବୋଇଙ୍ଗ୍ କମ୍ପାନୀର ଷ୍ଟାରଲାଇନର ମହାକାଶ ଯାନରେ ଯାତ୍ରା କରିବେ ବୋଲି ନାସା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବିଶ୍ୱ ତାପନ ଯୋଗୁ ଜଳବାୟୁ ପରିବର୍ତ୍ତନ

# ଗଙ୍ଗା, ସିନ୍ଧୁ ନଦୀ ଅବବାହିକାରେ ବଢ଼ିବ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବ

**ନୂଆଦିଲ୍ଲୀ :** ବିଶ୍ୱ ତାପନ ଯୋଗୁ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି, ଯାହାର ପ୍ରଭାବ ସାରା ବିଶ୍ୱ ଉପରେ ପଡୁଛି। କିନ୍ତୁ ଆଗାମୀ ଦସନ୍ଧି ମଧ୍ୟରେ ଭାରତର ଅନେକ ଅଞ୍ଚଳ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶେଷ ପ୍ରଭାବିତ ହେବ ବୋଲି ପରିବେଶ ବିଜ୍ଞାନୀମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି। ନିର୍ଦ୍ଦିଷ୍ଟ ଭାବେ କେତେକ ନଦୀ ଅବବାହିକାରେ ଥିବା ଅଞ୍ଚଳ ସବୁଠୁ ବେଶୀ ପ୍ରଭାବିତ ହେବ। ଏହି ନଦୀଗୁଡ଼ିକ ହେଲେ ଗଙ୍ଗା ଏବଂ ସିନ୍ଧୁ। ଏହା ଅବବାହିକାରେ ଆଗାମୀ କିଛି ବର୍ଷ ମଧ୍ୟରେ ଲୁ, ପ୍ରବଳ ବର୍ଷା, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିବ ବୋଲି ଆକଳନ କରାଯାଇଛି। ଭାରତୀୟ



ପ୍ରଯୁକ୍ତିବିଦ୍ୟା ସଂସ୍ଥାନର ବିଶେଷଜ୍ଞମାନେ ନିକଟରେ କରିଥିବା ଏହି ଅଧ୍ୟୟନରୁ ଜଳବାୟୁ ପରିବର୍ତ୍ତନର କୁପରିଣାମକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କିତ ତଥ୍ୟ ଜର୍ନାଲ ଅଫ ହାଇଡ୍ରୋମେଟେରୋଲୋଜିରେ ପ୍ରକାଶ ପାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଭାରତର କେଉଁ ଅଞ୍ଚଳ ବେଶୀ ପ୍ରଭାବିତ ହେବ ସେ ନେଇ ବିଶେଷଜ୍ଞମାନେ ଅଧ୍ୟୟନରେ ଅଧିକ ଧ୍ୟାନ ଦେଇଥିଲେ। ବିଶେଷ କରି ଗଙ୍ଗା ଏବଂ ସିନ୍ଧୁ ନଦୀ ଅବବାହିକାରେ ଥିବା ଅଞ୍ଚଳଗୁଡ଼ିକାରେ ନିୟମିତ ବ୍ୟବଧାନରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି। ଚିରସ୍ରୋତା ନଦୀ ଶୁଖିଲା ପଡ଼ିଯିବ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଉର୍ବର ଚାଷଜମି ପ୍ରଭାବିତ ହେବା ସାଙ୍ଗକୁ ଅମଳ ହ୍ରାସ ପାଇବ, ଯାହା ଖାଦ୍ୟ ସଂକଟ ମଧ୍ୟ ସୃଷ୍ଟି କରିବ। ତେଣୁ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ଗରମ ଏବଂ ଅଧିକ ଥଣ୍ଡାକୁ ସାମ୍ନା କରିପାରୁଥିବା କୃଷିଜାତ ବିହନ ଓ ଜଳ ସଂରକ୍ଷଣ ପାଇଁ ଡ୍ୟାମଗୁଡ଼ିକରେ ଅଧିକ ନିବେଶ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଦୁଇ ନଦୀ ଅବବାହିକା ଅଞ୍ଚଳରେ ଥିବା ଚାଷ ଜମିରେ ପ୍ରାୟତଃ ଧାନ ଏବଂ ଗହମ ଭଳି ଫସଲ ଅମଳ କରାଯାଇଥାଏ। ଭବିଷ୍ୟତରେ ତାପମାତ୍ରା ଆହୁରି ବୃଦ୍ଧି ପାଇଲେ ନଦୀ ଶୁଖିଲା ପଡ଼ିଯିବା ସହିତ ବେଳେବେଳେ ମାତ୍ରାଧିକ ବର୍ଷା ମଧ୍ୟ ହେବ। ଫଳରେ କେବଳ ଅମଳ ପ୍ରଭାବିତ ହେବ ନାହିଁ ବରଂ କିଛି ଫସଲର ବିହନ ବୁଡ଼ିଯିବାର ଆଶଙ୍କା ମଧ୍ୟ ରହିଥିବା ବିଶେଷଜ୍ଞମାନେ କହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନ୍ୟ ଅଞ୍ଚଳ ତୁଳନାରେ ଏହି ଦୁଇ ନଦୀ ଅବବାହିକା ଅଞ୍ଚଳରେ ୬ ଗୁଣା ଅଧିକ ରହିବ ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି।

### ଛୋଟ ସହରରେ ଅଧିକ ହେଉଛି ଏସି-ଫ୍ରିଜ୍ ବିକ୍ରି

# ଚଳିତବର୍ଷ ଏସି ବିକ୍ରି ୪୦% ବଢ଼ିବ

**ନୂଆଦିଲ୍ଲୀ :** ଦେଶରେ ସମ୍ପ୍ରତି ଗ୍ରୀଷ୍ମ ତାତି ବଢ଼ିବାରେ ଲଗିଛି। ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଜ୍ଞମାନଙ୍କର କହିବାନୁଯାୟୀ, ଚଳିତଥର ୧୬ ବର୍ଷର ତାତି ରେକର୍ଡ ଭାଙ୍ଗିବ। ପ୍ରବଳ ଖରା ଯୋଗୁ ଯୋଗୁ ଏସି, ଫ୍ରିଜ୍ ଏବଂ ଆଇସକ୍ରିମ୍‌ର ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଛି। ଚାହିଦା ବଢ଼ିବା ସହିତ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଖରମ ବଢ଼ିବାକୁ ଥିବାରୁ ଏ ବର୍ଷ କମ୍ପାନୀଗୁଡିକ ବହୁତ ବିକ୍ରି ଆଶା କରୁଛନ୍ତି। ବର୍ତ୍ତମାନ ମଧ୍ୟବିତ୍ତ ପରିବାରଗୁଡିକରେ ମଧ ଲୋକମାନେ ବହୁ ପରିମାଣରେ ଏସି କିଣିବା ଆରମ୍ଭ କରିଛନ୍ତି। ବଜାରରେ କୁଲରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଏହାଛଡା ରେଫ୍ରିଜରେଟର ମଧ୍ୟ ପ୍ରଚୁର ପରିମାଣରେ ବିକ୍ରି ହେଉଥିବା ଗୋଦ୍ରେଜ୍ ଆପ୍ଲାଏନ୍ସର ବ୍ୟବସାୟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପାଧକ୍ଷ କମଲ ନନ୍ଦୀ କହିଛନ୍ତି। ତାଙ୍କ ମତରେ ଚଳିତବର୍ଷ ଶିଳ୍ପ ପାଇଁ ଏହା ସର୍ବୋତ୍ତମ ଗ୍ରୀଷ୍ମ ଋତୁ ରହିବ। ବିଜୟ ସେଲ୍ସର ନିର୍ଦ୍ଦେଶକ ନୀଲେଶ ଗୁପ୍ତା କହିଛନ୍ତି ଯେ ଗତ ୧୦-୧୫ ବର୍ଷ ମଧ୍ୟରେ ଚଳିତ ବର୍ଷ ଅଧିକ ଗରମ ଅନୁଭୂତ ହେବ। କାରଣ ଗତ ବର୍ଷ ତୁଳନାରେ ଚଳିତଥର ବିକ୍ରିରେ ୩୦ ପ୍ରତିଶତରୁ



ଅଧିକ ଅଭିବୃଦ୍ଧି ପଞ୍ଜିକରଣ ହେବା ନେଇ ଆଶା କରାଯାଉଛି। ଶିଳ୍ପ ସୂତ୍ରରୁ ପ୍ରକାଶ ଯେ ଏସି ବଜାର ଗତ ବର୍ଷ ତଳନାରେ ଏ ବର୍ଷ ୧୫ ପ୍ରତିଶତ ଅଭିବୃଦ୍ଧି କରିଥିବାବେଳେ ରେଫ୍ରିଜରେଟର ବିକ୍ରି ପ୍ରାୟ ପୂର୍ବ ବର୍ଷ ଭଳି ସ୍ଥିର ରହିଛି। ଏଥର ଖରାକୁ ଦେଖି ଅନେକ ଆଇସକ୍ରିମ ଏବଂ ମୃଦୁ ପାନୀୟ କମ୍ପାନୀ ମଧ୍ୟ ବିକ୍ରିରେ ୨୦-୩୦ ପ୍ରତିଶତ ବୃଦ୍ଧି ଆଶା କରୁଛନ୍ତି। ଗ୍ରୀଷ୍ମର ଉତ୍ତାପକୁ ଦୃଷ୍ଟିରେ ରଖି ଆଇସକ୍ରିମ୍ ନିର୍ମାତା ବାସ୍କିନ୍ ରବିନ୍ସ ଚଳିତ ସିଜନରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଭିବୃଦ୍ଧି ଆଶା କରୁଛି। ସାରା ଦେଶରେ ଯେଉଁଭଳି ଭାବେ ଗ୍ରୀଷ୍ମ ପ୍ରବାହ ବଢୁଛି ତାହାକୁ ବିଚାରକୁ ନେଇ ସମସ୍ତଙ୍କ ପାଇଁ ଏକ ରେଫ୍ରିଜରେଟର କିମ୍ବା ଏସି ବର୍ତ୍ତମାନ ଏକ ଜରୁରୀ ଆବଶ୍ୟକତା ପାଲଟିଛି। ଉଦାହରଣ ସ୍ୱରୂପ, ୯୦ ପ୍ରତିଶତ ଗ୍ରାହକ ପ୍ରଥମ ଥର ପାଇଁ ଏସି କିଣୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ଛୋଟ ସହରରୁ ଆସିଛନ୍ତି। ହାୟର୍ ଆପ୍ଲାଏନ୍ସ ଇଣ୍ଡିଆ କରିଥିବା ଆକଳନ ଅନୁଯାୟୀ, ଏସି ବିକ୍ରିରେ ୩୫ରୁ ୪୦ ପ୍ରତିଶତ ଅଭିବୃଦ୍ଧି ଏବଂ ଏ ବର୍ଷରେ ରେଫ୍ରିଜରେଟର ବିକ୍ରିରେ ୩୦ ପ୍ରତିଶତ ଅଭିବୃଦ୍ଧି ଘଟିବାକୁ ଯାଉଛି। ସେହିପରି ଗୋଦ୍ରେଜ୍ ଆପ୍ଲାଏନ୍ସର କହିବାନୁଯାୟୀ, ରେଫ୍ରିଜରେଟର ବର୍ଗରେ ୩୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟିଛି। ସେହିପରି ଏସି ବିକ୍ରିରେ ୬୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିବା ଆଶା କରାଯାଉଛି।



# ଜାତୀୟ ହାର ତୁଳନାରେ ଓଡ଼ିଶାରେ ମେଲେରିଆ ମୃତ୍ୟୁ ସଂଖ୍ୟା ହ୍ରାସ

**ଭୁବନେଶ୍ୱର :** ଜାତୀୟ ହାର ତୁଳନାରେ ଓଡ଼ିଶାରେ ମେଲେରିଆ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ୨୦୧୪ ରୁ ୨୦୨୩ ମଧ୍ୟରେ ୧୦ ବର୍ଷରେ ପ୍ରାୟ ୯୫ ପ୍ରତିଶତ ମେଲେରିଆ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ସେହିପରି ମେଲେରିଆ ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇ ୮୬ ପ୍ରତିଶତରେ ରହିଛି। ଏହି ସମୟ ମଧ୍ୟରେ ମେଲେରିଆରେ ଆକ୍ରାନ୍ତ ୩୧୩ ଜଣଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୭,୦୧,୦୪,୨୧୪ ଜଣଙ୍କ ପରୀକ୍ଷା କରାଯାଇଥିବାବେଳେ ୧୮,୬୩,୪୦୮ ଜଣ ମେଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ୨୦୧୮ରୁ ମେଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ମୃତ୍ୟୁ ସଂଖ୍ୟାରେ ମଧ୍ୟ ଅଙ୍କୁଶ ଲାଗିପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୨୦୩୦ ସୁଦ୍ଧା ମେଲେରିଆ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ସେହି ଆଧାରରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ସେହିପରି ୨୦୨୭ ସୁଦ୍ଧା ମେଲେରିଆ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ରାଜ୍ୟକୁ ମେଲେରିଆ ମୁକ୍ତ କରିବା ପାଇଁ ଏବେ ଅଧିକ ପରୀକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ଅଧିକ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେଲେ ତାଙ୍କର ଚିକିତ୍ସା ହୋଇ ପାରିବ ଏବଂ ସମ୍ପୃକ୍ତ ଅଞ୍ଚଳ ମେଲେରିଆ ମୁକ୍ତ ହୋଇପାରିବ। ଏହାସତ୍ତ୍ୱେ ରାଜ୍ୟରେ ୭ ଜିଲ୍ଲା ରାୟଗଡ଼ା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ଗଜପତି, ବୌଦ୍ଧ ଏବଂ ମାଲକାନଗିରି ସର୍ବାଧିକ ମେଲେରିଆପ୍ରବଣ ଭାବେ ଶୀର୍ଷରେ



ରହିଛି। ସ୍ଥିତିରେ ସୁଧାର ଆଣିବା ପାଇଁ ତୃଣମୂଳସ୍ତରରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆଶାକର୍ମୀ ସଚେତନତା କରିବା ସହିତ ଔଷଧ ପ୍ରଦାନ କରୁଛନ୍ତି। ପ୍ରାୟ ୪୮ ହଜାରୁ ଅଧିକ ଆଶାକର୍ମୀ ଘରକୁ ଘର ବୁଲି ସଚେତନ କରିବା ସହିତ ନିଧି ମଉସା ରଥ ମଧ୍ୟ ଏଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ଲୋକକଳା ମାଧ୍ୟମରେ ମଧ୍ୟ ବିଭିନ୍ନ ଅଞ୍ଚଳରେ ସଚେତନତା ଜାରି ରହିଛି। ଦୁର୍ଗମ ଅଞ୍ଚଳରେ ଦମନ କାର୍ଯ୍ୟକ୍ରମ ଜାରି ରହିଛି। ୨୦୧୭ରେ ଦମନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ୨୦୨୩ ସୁଦ୍ଧା ୩୦,୬୭୮ ଦମନ ଶିବିର ହୋଇଥିବାବେଳେ ଏହା ଜରିଆରେ ୧,୪୨,୩୧୭ ମେଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୨୦୨୪-୨୫ ବର୍ଷ ପାଇଁ ଦେଢ କୋଟି ଔଷଧୀୟ ମଶାରି ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୀତ, କମ୍ପ ସହିତ ଜ୍ୱର ହେବା, ବାତ ମାରିବା, ବାନ୍ତି ହେବା ସାଙ୍ଗକୁ ମୁଣ୍ଡ ବିନ୍ଧିବା ଏସବୁ ମେଲେରିଆର ଲକ୍ଷଣ। ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରି ମେଲେରିଆ ପରୀକ୍ଷା କରାଇ ନେବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଇଛି। ଉଚିତ୍ ସମୟରେ ଓ ସଠିକ୍ ଭାବେ ମେଲେରିଆ ରୋଗୀଙ୍କର ଚିକିତ୍ସା କରାନଗଲେ ରୋଗୀର ମସ୍ତିଷ୍କ, କିଡନୀ, ଯକୃତ ତଥା ଅନ୍ୟାନ୍ୟ ମୁଖ୍ୟ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ। ସେହିପରି ଗର୍ଭାବସ୍ଥାରେ ମେଲେରିଆର ଠିକ୍ ଚିକିତ୍ସା କରାନଗଲେ ଗର୍ଭପାତ ହେବା ସହିତ ମୃତ ପିଲା ଜନ୍ମ ଓ ପ୍ରସବ ଆଗରୁ ଜନ୍ମ ହେବା ସମସ୍ୟା ଦେଖାଦେଇଥାଏ। ତେଣୁ ମେଲେରିଆ ନିରାକରଣ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ସଚେତନତା ସାଙ୍ଗକୁ ମାଗଣା ଔଷଧ ଓ ମଶାରି ବଣ୍ଟନ କାର୍ଯ୍ୟ ଜାରି ରହିଛି।

## ପୁଲିସ ଗାଡିରୁ ହଟିବ ହଳଦିଆ ବତି ସର୍କୁଲାର ଜାରି କଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର :** ପୁଲିସ ଗାଡିରୁ ହଟିବ ହଳଦିଆ ରଙ୍ଗର ସାଇରନ୍ ଲାଇଟ୍। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ସର୍କୁଲାର ଜାରି କରାଯାଇଛି। ହଳଦିଆ ରଙ୍ଗର ସାଇରନ୍ ଲାଇଟ୍



ବଦଳରେ ଏଣିକି ପୁଲିସ ଗାଡିରେ ଧଳା-ନାଲି-ନିଳ ମିଶା ସାଇରନ୍ ଲାଗିବ। ଏନେଇ ସମସ୍ତ ଜିଲ୍ଲାର ଏସପିଙ୍କ ସମେତ କଟକ-ଭୁବନେଶ୍ୱର ଡିସିପି, କମାଣ୍ଡାଣ୍ଟ ଓ ପୁଲିସ ଅଧିକାରୀଙ୍କୁ ଚିଠି କରିଛି ଓଡ଼ିଶା କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ଚିଠି ଅନୁସାରେ କେବଳ ଅଗ୍ନିଶମ, ପାଟ୍ରୋଲିଂରେ ନିୟୋଜିତ ଗାଡ଼ିରେ ହଳଦିଆ ସାଇରନ୍ ଲାଗିପାରିବ। ପୁଲିସ ଗାଡିରେ ଧଳା-ନାଲି-ନିଳ ମିଶା ସାଇରନ୍ ଲାଇଟ୍ ବ୍ୟବହାର ନେଇ ୨୦୧୭ ମସିହାରେ ବିଜ୍ଞପ୍ତି ପ୍ରକାଶ କରିଥିଲେ କେନ୍ଦ୍ର ସରକାର। କିନ୍ତୁ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖା ଦେବା ପରେ କ୍ରାଇମବ୍ରାଞ୍ଚର ତତ୍ପରତା ପ୍ରକାଶ କରିବା ସହ ଏନେଇ ସମସ୍ତ ଜିଲ୍ଲାର ଏସପିଙ୍କୁ ଚିଠି କରିଛି।

## ଖରା ଛୁଟିରେ +୨ ପିଲାଙ୍କୁ ଦିଆଯିବ ନିଟ୍ ଓ ଜେଇଇ କୋଚିଂ

**ଭୁବନେଶ୍ୱର :** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ଖରାଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ରାଜ୍ୟର ସମସ୍ତ +୨ ମହାବିଦ୍ୟାଳୟରେ ମଧ୍ୟ ଶିକ୍ଷାଦାନ ବନ୍ଦ ରହିଛି। ଏହି ସମୟରେ ନିଟ୍ ଓ ଜେଇଇ ଆଶାୟୀଙ୍କ ପାଇଁ ନିୟମିତ ଭାବେ ରବିବାର ଓ ସରକାରୀ ଛୁଟି ଦିବସ ବ୍ୟତୀତ ସକାଳ ୧୦ଟାରେ ଅନ୍ଲାଇନ୍ କୋଚିଂ ବା ଶିକ୍ଷାଦାନ କରାଯିବ। ଛୁଟି ସମୟକୁ ସଦୁପଯୋଗ କରିବା ସହ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି



କରାଯାଇଛି। ଛୁଟି ସମୟରେ ଛାତ୍ରଛାତ୍ରୀମାନେ ଶିକ୍ଷା ସହ ଜଡ଼ିତ ହୋଇ ରହିବା ପାଇଁ ସେମାନଙ୍କୁ ହୋମ୍ୱାର୍କ ପ୍ରଦାନ କରିବେ ଶ୍ରେଣୀ ଶିକ୍ଷକ। କୌଣସି ବିଷୟରେ ଦ୍ୱନ୍ଦ୍ୱ ଥିଲେ, ସେମାନେ ସେହି ବିଷୟର ଶିକ୍ଷକ ବା ଶ୍ରେଣୀ ଶିକ୍ଷକଙ୍କୁ ଫୋନରେ ଯୋଗାଯୋଗ କରି ସନ୍ଦେହ ଦୂର କରିପାରିବେ। ଆବଶ୍ୟକସ୍ଥଳେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଶ୍ରେଣୀ ଶିକ୍ଷକ ଆଲୋଚନା କରିବେ। ସମଗ୍ର ଖରା ଛୁଟିରେ ଶିକ୍ଷକ ଓ କର୍ମଚରୀମାନେ ରୋଷ୍ଟର ଡ୍ୟୁଟି କରିବେ। ଏଥିପାଇଁ ସ୍ୱତନ୍ତ୍ର ରେଜିଷ୍ଟରରେ ସମସ୍ତ ତଥ୍ୟ ଉଲ୍ଲେଖ କରାଯିବ। ନାମଲେଖାକୁ ଦୃଷ୍ଟିରେ ରଖି ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଅଫିସ ଖୋଲା ରହିବ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମହାବିଦ୍ୟାଳୟ ଅଧକ୍ଷ ଓ କର୍ମଚାରୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ନ ଛାଡ଼ିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରରେ ସ୍ୱତନ୍ତ୍ର ୟୁନିଟ୍

**ଭୁବନେଶ୍ୱର :** ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନକୁ ଦିନ ବୃଦ୍ଧି ଘଟୁଥିବା ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ କାର୍ଯ୍ୟକାରୀ ହୋଇଛି। ଅସହ୍ୟ ଗ୍ରୀଷ୍ମ କାରଣରୁ ଦେଖାଯାଉଥିବା ସନ୍ ଷ୍ଟ୍ରୋକ୍ ତଥା ଅନ୍ୟାନ୍ୟ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଏମ୍ସରେ ଏହି ଉତ୍ସର୍ଗୀକୃତ ୟୁନିଟ୍ କାର୍ଯ୍ୟ କରିବ। ପ୍ରବଳ ଗ୍ରୀଷ୍ମ ପ୍ରବାହ ତଥା ଏନେଇ ସୃଷ୍ଟି ହେଉଥିବା ସମ୍ଭାବ୍ୟ ଆପତକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ବିଶେଷ ସହାୟକ ହେବାନେଇ ଆଶାବ୍ୟକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଆବଶ୍ୟକୀୟ ଚିକିତ୍ସା ସୁବିଧା ସହିତ ବିଭିନ୍ନ ବିଭାଗର ଡାକ୍ତରଙ୍କ ପକ୍ଷରୁ ଏହି ୟୁନିଟ୍ରେ ସେବା ପ୍ରଦାନ କରାଯିବ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ସେହିପରି ପ୍ରଖର ଖରାରେ ନିହାତି ଆବଶ୍ୟକ ନଥିଲେ ବାହାରକୁ ନବାହାରିବାକୁ ସେ ପରାମର୍ଶ ଦେଇଛନ୍ତି। ଜରୁରୀ ପରିସ୍ଥିତିରେ ଦିନବେଳା ବାହାରକୁ ଯିବା ସମୟରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଯେପରିକି ସାଙ୍ଗରେ ଛତା, ଓଦା ଗାମୁଛା କିମ୍ବା ଟାଓ୍ୱେଲ୍ ଏବଂ ପାଣି ବୋତଲ ଭଳି ସାମଗ୍ରୀ ନେବାକୁ ଡ. ବିଶ୍ୱାସ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଆୟୁଷ ବିଭାଗରେ କାର୍ଯ୍ୟକ୍ଷମ ଛଅ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ ୟୁନିଟ୍ ଗତ ସପ୍ତାହରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏଯାବତ ଏମ୍ସ ଭୁବନେଶ୍ୱର ପକ୍ଷରୁ



ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ସନ୍ ଷ୍ଟ୍ରୋକ୍ ପିଡ଼ୀତ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣି। ଜେନେରାଲ୍ ମେଡିସିନ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆୟୁଷ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକରେ ଏହି ୟୁନିଟ୍ ସଫଳ ପରିଚାଳନା କାର୍ଯ୍ୟଶୈଳୀ ପ୍ରସ୍ତୁତି ସୁନିଶ୍ଚିତ କରାଯାଇଥିଲା। ମେଡିସିନ୍ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ ବେହେରାଙ୍କୁ ହିଟ୍ ଷ୍ଟ୍ରୋକ ୟୁନିଟ୍ର ନୋଡାଲ୍ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ଏହି ୟୁନିଟ୍ରେ ଆବଶ୍ୟକୀୟ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆରଏସ ଆଦି ଗଚ୍ଛିତ ରଖାଯାଇଛି। ସେହିପରି ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀ କର୍ମଚାରୀମାନେ ସଜାଗ ଅଛନ୍ତି। ଜନସାଧାରଣଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଏମ୍ସ ଭୁବନେଶ୍ୱର ସର୍ବଦା ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଏଥିସହିତ ଏହି ଗ୍ରୀଷ୍ମ ପ୍ରବାହ ଏବଂ ପ୍ରଚଣ୍ଡ ତାତିର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କ ସୁସ୍ଥତାକୁ ପ୍ରାଥମିକତା ଦେବା ଆବଶ୍ୟକ।

## ମେ' ୬ରୁ ଓଜେଇଇ



**ଭୁବନେଶ୍ୱର :** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ମେ' ୬ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତିନୋଟି ସିଫ୍ଟରେ ରାଜ୍ୟ ଭିତରେ ୩୦ଟି ଓ ପଶ୍ଚିମବଙ୍ଗ, ବିହାର ଏବଂ ଝାଡଖଣ୍ଡରେ ୩ଟି କେନ୍ଦ୍ରରେ ପରୀକ୍ଷା ହେବ। ଏ ନେଇ ବୁଧବାର ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ସିଫ୍ଟ ସକାଳ ସାଢ଼େ ୮ଟାରୁ ଆରମ୍ଭ ହୋଇ ପୂର୍ବାହ୍ଣ ସାଢେ ୧୦ଟା ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ସିଫ୍ଟ ମଧ୍ୟାହ୍ନ ସାଢ଼େ ୧୨ଟାରୁ ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୨ଟାରେ ସରିବ। ତୃତୀୟ ସିଫ୍ଟ ଅପରାହ୍ଣ ସାଢେ ୪ଟାରୁ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬.୩୦ରେ ସରିବ। ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଉପଲବ୍ଧ ବି.ଫାର୍ମା, ଏମ୍‌ସିଏ, ଏମ୍.ଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ବି.କାର୍ଟ, ଏମ୍.ଟେକ୍, ଏମ୍.ଟେକ୍ (ପାର୍ଟ-ଟାଇମ୍), ଏମ୍.ଆର୍କ, ଏମ୍.ପ୍ଲାନ୍, ଏମ୍.ଫାର୍ମା ଓ ଲାଟେରାଲ ଏଣ୍ଟ୍ରି ବି.ଟେକ୍ ଓ ଲାଟେରାଲ୍ ଏଣ୍ଟ୍ରି ବି.ଫାର୍ମା ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେଉଛି। ମେ', ୬, ୭, ୮, ୯ ଓ ୧୦ ତାରିଖରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ପରୀକ୍ଷା ହେବ। ଚଳିତ ବର୍ଷ ରାଜ୍ୟରେ ମୋଟ ୬୫ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ୫୭ ହଜାର ଛାତ୍ରଛାତ୍ରୀ ଆବେଦନ କରିଥିଲେ। ଚଳିତ ବର୍ଷ ଅଧିକ ୮ ହଜାର ଛାତ୍ରଛାତ୍ରୀ ଓଜେଇଇ ଦେବା ନିମନ୍ତେ ପଞ୍ଜୀକରଣ କରିଛନ୍ତି।

## ପ୍ରଚଣ୍ଡ ଖରାରେ ପାଣିର ଅଭାବ

**ଖୋର୍ଦ୍ଧା :** ପ୍ରଚଣ୍ଡ ଖରାରେ ପାଣିର ଅଭାବ। ପାନୀୟ ଜଳର ଘୋର ଅଭାବ ଯୋଗୁଁ ସାଧାରଣ ଲୋକେ ବାଧ ହୋଇ ଦୂଷିତ ପାଣି ନଚେତ ଚୂଆ ଖୋଳି ଜଳ ସଂଗ୍ରହ କରୁଛନ୍ତି। ଆଉ ଶେଷରେ ଗୋଡା ଗ୍ରାମବାସୀ ୧୫ କିମି ଚାଲି ଚାଲି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗରା, ବାଲଟି, ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ତା ସାଙ୍ଗକୁ ରାଜ୍ୟର ଅନେକ ଅଞ୍ଚଳରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା। ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଇପ୍ ଯୋଗେ ଜଳ ଯୋଗାଇବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ହେଲେ ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତର ଗୋଡା ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଉଛି। ବାରମ୍ବାର ଜିଲ୍ଲା ପ୍ରଶାସନ ଠାରୁ ବ୍ଲକ ପ୍ରଶାସନିକ ଅଧିକାରୀ ଜଣାଇଲେ ବି ପାନୀୟ ଜଳ ବଣ୍ଟନ ସମସ୍ୟାର ସମାଧାନ ହେଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତ ଓ ପାନୀୟ ଜଳ ବିଭାଗ ଗ୍ରାମବାସୀଙ୍କ ପାଇଁ ବର୍ଷ ବର୍ଷ ଧରି ପାନୀୟ ଜଳର ଅଭାବ ଲାଗି ରହୁଛି। ଗ୍ରାମରେ ବୃହତ ପାଣି ଟାଙ୍କି ଥିବା ସତ୍ତ୍ୱେ ମଧ୍ୟ ଗୋଡା ଟାଙ୍ଗି ସାହିର ଅନେକ ପରିବାର ପାଇଁ ପାନୀୟ ଜଳର ଘୋର ଅଭାବ ଯୋଗୁଁ ସାଧାରଣ ଲୋକେ ବାଧ ହୋଇ ଦୂଷିତ ପାଣି ନଚେତ ଚୂଆ ଖୋଳି ଜଳ ସଂଗ୍ରହ କରୁଛନ୍ତି। ଯାହାଫଳରେ ଗୋଡା ଗ୍ରାମବାସୀ ଗରା, ବାଲଟି, ମାଠିଆ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ ମେଗା ପାନୀୟ ଜଳ ପ୍ରକଳ୍ପ ନାଁରେ କେବଳ ପ୍ରତିଶୃତି ମିଳିଛି। ଖୋର୍ଦ୍ଧା ଜିଲ୍ଲାର ତାପମାତ୍ରା ଅଧିକ ରହୁଥିବାବେଳେ ଅନେକ ସ୍ଥାନରେ ପାନୀୟ ଜଳକୁ ନେଇ ହା ହା କାର ଦେଖାଦେଇଛି। ବିଶେଷ କରି ବେଗୁନିଆ ବ୍ଲକର ଗୋଡା ଟାଙ୍ଗୀ ସାହିରେ ପାନୀୟ ଜଳର ଉତ୍କଟ ସମସ୍ୟାକୁ ସ୍ଥାନୀୟ ଗ୍ରାମବାସୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି।

### ଖରା ଛୁଟିରେ ଛାତ୍ରଛାତ୍ରୀ କରିବେ ହଲିଡେ' ହୋମ୍ୱାର୍କ

## ରୋଷ୍ଟର୍ ଡ୍ୟୁଟିରେ ଶିକ୍ଷକ

**ଭୁବନେଶ୍ୱର :** ଗୁରୁବାରଠାରୁ ରାଜ୍ୟରେ ଗ୍ରୀଷ୍ମ ଛୁଟି ଆରମ୍ଭ ହୋଇଯାଇଛି। ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଆଗୁଆ ଗ୍ରୀଷ୍ମ ଛୁଟି ପାଇଁ ସରକାର ଘୋଷଣା କରିଛନ୍ତି। ଏହି ସମୟରେ ସ୍କୁଲର ସମସ୍ତ କାର୍ଯ୍ୟ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯିବ। ଏଥିପାଇଁ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି। ଗ୍ରୀଷ୍ମ ଛୁଟିରେ ଛାତ୍ରଛାତ୍ରଙ୍କୁ ବିବିଧ ବିଷୟଭିତ୍ତିକ କାର୍ଯ୍ୟ ତଥା ନିଜର ଦକ୍ଷତା ଓ କୌଶଳର ଅଭିବୃଦ୍ଧି ପାଇଁ କେତେକ ଅବସରକାଳୀନ ଗୃହକାର୍ଯ୍ୟ (ହଲିଡେ ହୋମଓ୍ୱର୍କ) ପ୍ରତିବର୍ଷ ଦିଆଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ସମୟକୁ ଉପଯୁକ୍ତ ଭାବେ ବିନିଯୋଗ କରିବା ସହ ପୂର୍ବ ଶ୍ରେଣୀର ଧାରଣାଗୁଡ଼ିକୁ ଦୃଢ଼ୀକରଣ କରିବା ଓ କିଛି ମାତ୍ରାରେ ନୂତନ ଶ୍ରେଣୀର ପାଠକୁ ଶିଖିବାର ସହାୟକ ହୋଇପାରିବ। ଏହି ଅବକାଶକାଳୀନ ଗୃହକାର୍ଯ୍ୟକୁ ରିସୋର୍ସ ଟିଚର ପ୍ରସ୍ତୁତ କରିବେ ଏବଂ



ପ୍ରଧାନ ଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରିବେ। ଛାତ୍ରୀଛାତ୍ରଙ୍କର କୌଣସି ବିଷୟରେ ଦ୍ୱନ୍ଦ୍ୱ ଥିଲେ, ସେମାନେ ବିଷୟଭିତ୍ତିକ ଶିକ୍ଷକ ବା ଶ୍ରେଣୀ ଶିକ୍ଷକଙ୍କୁ ଟେଲିଫୋନ ଯୋଗେ ସେମାନଙ୍କର ସନ୍ଦେହ ଦୂର କରିପାରିବେ। ଗ୍ରୀଷ୍ମ ଛୁଟି ସମୟରେ ଛାତ୍ରୀଛାତ୍ରମାନେ କିପରି ସ୍ୱପଠନ କରିବେ, ସେଥିପାଇଁ ବିଷୟଭିତ୍ତିକ ଶିକ୍ଷକ ବା ଶ୍ରେଣୀ ଶିକ୍ଷକମାନେ ଛାତ୍ରୀଛାତ୍ର/ଅଭିଭାବକଙ୍କ ସହ ଆଲୋଚନା କରିବେ। ଅପରପକ୍ଷେ, ପୂରା ଗ୍ରୀଷ୍ମ ଛୁଟିରେ ଶିକ୍ଷକ, ଜୁନିଅର ଆସିଷ୍ଟାଣ୍ଟ ଏବଂ ପିଅନମାନେ ରୋଷ୍ଟର ଡ୍ୟୁଟି କରିବେ। ସ୍କୁଲରେ ରୋଷ୍ଟର୍ ଡ୍ୟୁଟି ପାଇଁ ଏକ ରେଜିଷ୍ଟର କରାଯିବ। ବର୍ତ୍ତମାନ ସ୍କୁଲରେ ନାମଲେଖା ଚାଲିଛି। ଏହି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଅଫିସ୍ ଖୋଲା ରହିବ। ସ୍କୁଲର ସମ୍ପତ୍ତି ଯେପରିକି ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ ଇତ୍ୟାଦି ଉପରେ ରୋଷ୍ଟର ଡ୍ୟୁଟିରେ ଥିବା କର୍ମଚାରୀମାନେ ନଜର ରଖିବେ। କୌଣସି ପ୍ରାକୃତିକ ବିପର୍ଯ୍ୟୟ (କାଳବୈଶାଖୀ ଇତ୍ୟାଦି) ହେଲେ ରୋଷ୍ଟର୍ ଡ୍ୟୁଟିରେ ଥିବା କର୍ମଚାରୀ ସ୍କୁଲ ଯାଇ ତଦାରଖ କରିବେ। ସ୍କୁଲ ଖୋଲିବା ପୂର୍ବରୁ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ସ୍କୁଲର ପରିମଳ ଏବଂ ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ପ୍ରବର୍ତ୍ତନ ସଂସ୍ଥାମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ନିର୍ବାଚନରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର:** ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ପ୍ରକ୍ରିୟା ହେଉଛି ଭାରତୀୟ ଗଣତନ୍ତ୍ରର ମୂଳସ୍ତମ୍ଭ। ଭାରତୀୟ ଗଣତନ୍ତ୍ର ସମଗ୍ର ବିଶ୍ୱରେ ଏହାର ମୁକ୍ତ, ଅବାଧ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ନିର୍ବାଚନ ପ୍ରକ୍ରିୟା ପାଇଁ ପ୍ରସିଦ୍ଧ। ଏହି ପ୍ରତିଷ୍ଠାକୁ ବଜାୟ ରଖିବା ପାଇଁ ଓ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଭୁବନେଶ୍ୱର ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସାଧାରଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ (ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ), ପୋଲିସ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର (ଅବସରପ୍ରାପ୍ତ ଭାରତୀୟ ପୁଲିସ ସେବା ଅଧିକାରୀ), ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ହିମାଲିନୀ କାଶ୍ୟପ (ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ)ଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଏଭଳି ମତ ପ୍ରକାଶ କରିଛନ୍ତି। ବୈଠକରେ ନିଜର ପ୍ରାରମ୍ଭିକ ବକ୍ତବ୍ୟ ରଖି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଅନୈତିକ ଉପାୟରେ ବ୍ୟବହୃତ ହେଉଥିବା ଧନବଳ, ମାଦକ ଦ୍ରବ୍ୟ ଓ ଉପହାର ଆଦିକୁ ରୋକିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ସକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ବିଷୟରେ ଶ୍ରୀ ଧଳ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟରେ



କାର୍ଯ୍ୟରତ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା ଯଥା-ଓଡ଼ିଶା ପୋଲିସ, ଅବକାରୀ ବିଭାଗ, ଆୟକର ବିଭାଗ, ରାଜ୍ୟ ଜିଏସ୍‌ଟି, କେନ୍ଦ୍ର ଜିଏସ୍‌ଟି, ବ୍ୟାଙ୍କସମୂହ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଏୟାରପୋର୍ଟ ଅଥରିଟି, ଡାକ ବିଭାଗ, ସିଆଇଏସ୍‌ଏଫ୍, ଆରପିଏଫ୍, ଏନ୍‌ସିବି, ରାଜସ୍ୱ ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ଭାରତୀୟ କୋଷ୍ଟ ଗାର୍ଡ଼, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ବେସାମରିକ ବିମାନ ଚଳାଚଳ ବିଭାଗ ଓ ସିଆରପିଏଫ୍‌ର ରାଜ୍ୟ ନୋଡାଲ ଅଧିକାରୀମାନେ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ସମ୍ମୁଖରେ ନିର୍ବାଚନ ପ୍ରସ୍ତୁତି, ଜବତ ବ୍ୟବସ୍ଥା ଓ ତା'ର କାର୍ଯ୍ୟାନ୍ୱୟନ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ରଖିଥିଲେ। ଏହି ପିପିଟି ପ୍ରେଜେଣ୍ଟେସନ୍ ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଦ୍ୱାରା ହିଁ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଏହି ମର୍ମରେ ରାଜ୍ୟ ସ୍ତରରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସମସ୍ତ ପ୍ରବର୍ତ୍ତନ ସଂସ୍ଥାମାନେ ସମନ୍ୱୟ ମାଧ୍ୟମରେ ହିଁ ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ରୂପେ ପରିଚାଳନା କରିବାରେ ସର୍ବଥା ଚେଷ୍ଟିତ ରହିବାକୁ ସେ ପ୍ରେରିତ କରିଥିଲେ। ବୈଠକରେ ଉପସ୍ଥାପିତ ତଥ୍ୟ ଅନୁସାରେ ସାଧାରଣ ନିର୍ବାଚନ-୨୦୨୪ରେ ୨୦.୮ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଥିବାବେଳେ ସାଧାରଣ ନିର୍ବାଚନ-୨୦୧୯ରେ ୪୪.୦୭ କୋଟି ଟଙ୍କାର ସମଗ୍ରୀ ଜବତ ହୋଇଥିଲା। କିନ୍ତୁ ସାଧାରଣ ନିର୍ବାଚନ-୨୦୨୪ରେ ସମସ୍ତ ସଂସ୍ଥା ମିଶି ଜାନୁଆରୀ ୧ରୁ ଫେବୃଆରୀ ୨୯ ମଧ୍ୟରେ ୭୬.୪୦ କୋଟି ଓ ମାର୍ଚ୍ଚ ୧ରୁ ଅପ୍ରେଲ ୨୨ ପର୍ଯ୍ୟନ୍ତ ୧୩୬.୯୪ କୋଟି ଟଙ୍କାର ସାମଗ୍ରୀ ଜବତ କରିସାରିଛନ୍ତି। ପ୍ରବର୍ତ୍ତନ ସଂସ୍ଥାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ "ଜିରୋ ଟଲରାନ୍ସ ଆପ୍ରୋଚ୍' ସହ ଅର୍ଥବଳ, ମାଦକ ଦ୍ରବ୍ୟ ଓ ଲୋଭନୀୟ ବସ୍ତୁର ପ୍ରଭାବକୁ ପ୍ରତିହତ କରି ରାଜ୍ୟରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।



ସାଙ୍ଗରେ ରହିକି ଯିଏ
ଛଳ କରେ ତା'ଠୁ ବଡ
ଶତ୍ରୁ କେହି ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୯ ଏପ୍ରିଲ - ୫ ମଇ, ୨୦୨୪

# ଗ୍ରୀଷ୍ମ ତାତିକୁ ବଳିଛି ରାଜନୀତି

ଅପ୍ରେଲ ମାସର ନିଆଁହୁଲା ଦିନକୁ ବଳିପଡିଛି ରାଜ୍ୟ ରାଜନୀତି। ତିନି ପ୍ରମୁଖ ରାଜନୈତିକ ଦଳ ସମସ୍ତ ବିଧାନସଭା ଟିକଟ ବଣ୍ଟନ ସରିନଥିଲାବେଳେ ପ୍ରଚାର କିନ୍ତୁ ଜୋରଦାର ହେଇଛି। ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ନିଜ ନିଜର ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିସାରିଛନ୍ତି। ହେଲେ ଏଯାଏଁ ଦଳ ଡିଆଁ ସରିନାହିଁ। ଦୀର୍ଘ ୨୫ବର୍ଷର ଶାସନ କାଳରେ ବିଜେଡି ଦଳ ଏଭଳିଆ ଦଳ ଡିଆଁ ପ୍ରାର୍ଥୀଙ୍କୁ ଭରଷା କରିବ ବୋଲି କେହି ଭାବିନଥିଲେ, ଯାହା ଆଜି ଦେଖିବାକୁ ମିଳିଲା। ବିଜେଡି ସଂଗଠନ ସମ୍ପାଦକ କହିଥିବା କଥା, ଏଇ ଦଶ ହଜାରରୁ ଉର୍ଦ୍ଧ୍ୱ ଟିକଟ ଆଶାୟୀ ଗଲେ କୁଆଡେ ସେକଥା ସନ୍ଦେହ ମନେହେଉଛି। ଯୋଗାଡ଼ କରି ପ୍ରାର୍ଥୀ ଦେବା, ପ୍ରାର୍ଥୀ ଚୟନରେ ବିଳମ୍ୱ ହେବା ଏହା ଏଥର ବିଜେଡି ପାଇଁ ନୂଆ ନିଶ୍ଚୟ। କାରଣ ଯେଉଁ ଦଳ ଏତେ ସଶକ୍ତ ବୋଲି କହି ଆସୁଥିଲା ସେ ଦଳରେ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ପଡିବା ଆଶ୍ଚର୍ଯ୍ୟ ଲାଗୁନାହିଁ କି? ପ୍ରଚାରରେ ବିଶ୍ୱାସୀ ବିଜେଡି ଭୋଟ ହାତେଇବାର ଯେଉଁ କଳା ହାସଲ କରିଛି ତାହା ଅନ୍ୟ ରାଜନୈତିକ ଦଳ ମାନଙ୍କ ନିକଟରେ ସର୍ବଦା ଅଭାବ ରହିଆସିଥିବା ଆମେ ଏଯାଏ ଦେଖିଆସିଛେ। ଏଥର ମଧ୍ୟ ବିଜେଡି ସୁପ୍ରିମୋ ଯୋଡି ଶଙ୍ଖରେ ଭୋଟ ଦେବାକୁ ପ୍ରଥମେ ଲୁଙ୍ଗି ପିନ୍ଧି ସୋସିଆଲ ମିଡିଆରେ ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ସେହି ସୋସିଆଲ ମିଡିଆରେ ଦଳର ଦୁଇ ନମ୍ବର ଓ ଷ୍ଟାର ପ୍ରଚାରକ ତାଲିକାରେ ଦୁଇ ନମ୍ବରରେ ରହିଥିବା ଭି କେ ପାଣ୍ଡିଆନ ମଧ୍ୟ ଜନତାଙ୍କୁ ଅପିଲ କରିଛନ୍ତି। ୨୪ରୁ ପ୍ରଚାର ମୈଦାନକୁ ଓହ୍ଲାଇଥିଲେ ଦଳ ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରୁ ପ୍ରଚାର ଆରମ୍ଭ କରି କହିଛନ୍ତି, ସରକାର ଆସିଲେ ଯୁବ ବଜେଟ କରାଯିବ। 'ବିକାଶ'କୁ ପ୍ରସଙ୍ଗ କରି ବିଜେଡି ସଭାପତି ଯୁବ ଭୋଟରଙ୍କୁ ନିଜ ଆଡକୁ ଟାଣିବା ପାଇଁ ନୂଆ କାର୍ଡ ଖେଳିଛନ୍ତି। ହିଞ୍ଜିଳି ଓ ଶେରଗଡ଼ରେ ଦୁଇଟି ଜନସଭାରେ ନବୀନ ଉଦବୋଧନ ଦେଇଥିଲେ। ନବୀନ କହିଥିଲେ, ଯୋଡି ଶଙ୍ଖ ହେଉଛି ଓଡିଶା ଓ ବିକାଶର ପରିଚୟ। ଅନ୍ୟପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶାର ସୋନପୁର ଆସି ସାଧାରଣ ସଭାରେ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ନବୀନ ସରକାରକୁ ଉପାଡି ଫିଙ୍ଗ। ଓଡିଶା ପାଇଁ ଡବଲ ଇଂଜିନ ସରକାର ଆବଶ୍ୟକ। ଅଫିସରଙ୍କ ମାଧ୍ୟମରେ ଓଡ଼ିଶାରେ ଭ୍ରଷ୍ଟାଚାର ଚାଲିଥିବା ନେଇ ଶାହ କହିଛନ୍ତି। ଏଥିସହ ଶ୍ରୀ ଶାହ କହିଲେ ଆୟୁଷ୍ମାନ ଯୋଜନା ଲାଗୁ ପାଇଁ ଓଡିଶା ସରକାର ଡରୁଛନ୍ତି ଏବଂ କୋଡିଏ ବର୍ଷ ପୂର୍ବରୁ ଓଡିଶା ଯାହା ଥିଲା ସେଇଆ ରହିଛି ବୋଲି କହିଥିଲେ। ଗୃହମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ବୟାନ ଉପରେ କହିଛନ୍ତି ସଦ୍ୟ ବିଜେଡି ନେତା ହୋଇଥିବା ଭୃଗୁ ବକ୍ସିପାତ୍ର। ଶ୍ରୀ ବକ୍ସିପାତ୍ର କହିଛନ୍ତି, ହତାଶ ବିଜେପି ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ଓଡିଶା ଆସିଛନ୍ତି ଅମିତ ଶାହ। କିନ୍ତୁ ସବୁଠୁ ବଡ଼ କଥା ହେଉଛି, ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ଯିଏ କରିପାରିବନାହିଁ, ସେ ବିକାଶକୁ ଆଗେଇ ନେଇପାରିବନାହିଁ ବୋଲି ଶାହ କହିଛନ୍ତି। ଓଡିଶା ସରକାର ବିକାଶରେ ବାଧକ ସାଜିଥିବା ନେଇ ଶାହ କହିଥିଲେ। ସୋନପୁରରେ ପ୍ରଥମ ନିର୍ବାଚନୀ ସଭାରେ ଯୋଗଦେଇ ବିଜେପିର ଷ୍ଟ୍ରାଟେଜି କିଙ୍ଗ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିଜେଡିକୁ ନିଶାଣ କରିବା ସହିତ ବିଜେଡି ପ୍ରତି ଅତି କଡା ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। କେବଳ ସେତିକି ନୁହେଁ, ଶ୍ରୀ ଶାହ ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ସୁଯୋଗ ଦେବା ଶାହ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ବାର ପ୍ରଧାନମନ୍ତ୍ରୀ କରିବାକୁ ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। ଅନ୍ୟପଟେ ବିଜେଡି ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। କୋରାପୁଟ ଓ ରାୟଗଡା ଜିଲ୍ଲାରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି ନବୀନ ଓଡିଶା ଅଧ୍ୟକ୍ଷ ଭି କେ ପାଣ୍ଡିଆନ। ସେ କହିଛନ୍ତି, ମହିଳାଙ୍କ ଉନ୍ନତି ହେଲେ ପରିବାରର ଉନ୍ନତି ହେବ। ପ୍ରତି ଓଡ଼ିଆର ଉନ୍ନତି ହେଲେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ହେବ। ତେଣୁ ଯୋଡି ଶଙ୍ଖକୁ ଭୋଟ ଦେଇ ନବୀନ ସରକାରକୁ ସଶକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ପାଣ୍ଡିଆନ। ତେବେ ପ୍ରଶ୍ନ ଉଠୁଛି ଓଡ଼ିଶାର ବିକାଶ ପାଇଁ ନବୀନ ବାବୁଙ୍କୁ ରାଜ୍ୟବାସୀ ୨୫ବର୍ଷ ସୁଯୋଗ ଦେଇଥିବା ସତ୍ତ୍ୱେ ବିକାଶ ହୋଇପାରିଲାନି କାହିଁକି? ବିକାଶର ଗତି କଣ ଏତେ ଧୀର ଯେ ଜଣେ ବ୍ୟକ୍ତି ବା ଗୋଟିଏ ରାଜନୈତିକ ଦଳକୁ ଏତେବର୍ଷ ସମୟ ଲାଗିବ? ବିଜେଡିର ବିକାଶଧାରାରେ କେଉଁଠି ତ୍ରୁଟି ରହିଯାଉଛି, ଯାହା ଫଳରେ ଆମେ ଦାଦନ ହେବାକୁ ବାଧ୍ୟ ହେଉଛେ। ପ୍ରତିଥର ପ୍ରଚାରରେ ଆମ ନବୀନ ବାବୁ କଥାରେ ନୁହେଁ କାମରେ ବିଶ୍ୱାସ ରଖନ୍ତି ବୋଲି କହୁଥିବା ବିଜେଡି ନେତା ଓଡ଼ିଶାରେ କି ପ୍ରକାର ବିକାଶ ହୋଇଛି କହିପାରିବେ? ରୂପାନ୍ତରିକଣ କଣ ବିକାଶ ବୋଲି କୁହାଯିବ ନା ଲୋକଙ୍କୁ ଗରିବ, ବେକାରୀ ରଖି ଝୋଟ ମୁଣାରେ ମାଗଣା ଚାଉଳ ଦେଇଦେଲେ ରାଜ୍ୟର ସମୃଦ୍ଧି ହେବ।

ଶିଳ୍ପାୟନ ନାହିଁ, ନିଯୁକ୍ତି ନାହିଁ, କୃଷି ବିକାଶ ନାହିଁ, ନଦୀରେ ଜଳ ଗଚ୍ଛିତ ରଖିବାର ଯୋଜନା ନାହିଁ, ତେବେ ଆଉ କେତେବର୍ଷ ବିଜେଡି କ୍ଷମତାରେ ରହିଲେ ଏହାର ସମାଧାନ ହୋଇପାରିବ? ଅନ୍ୟପଟେ ସୂଚନା ଅନୁସାରେ, ଭୁବନେଶ୍ୱରର ପୁରୀ ବାଇପାସସ୍ଥିତ ଏକ ଘରୋଇ ମଣ୍ଡପରେ ଶ୍ରୀ ଶାହ ଦଳୀୟ କର୍ମକର୍ତ୍ତା ଓ ପ୍ରାର୍ଥୀଙ୍କ ସହ ବୈଠକ କରି ଦେଶରେ ମୋଦି ସରକାର ଓ ରାଜ୍ୟରେ ବିଜେପି ସରକାର ଗଢ଼ିବା ନେଇ ସ୍ଲୋଗାନ ଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରାର୍ଥୀମାନେ ଯେଭଳି ଅଧିକ ଘରକୁ ଘର ଯିବେ ଓ ସାଧାରଣ ଭୋଟରଙ୍କୁ ଭେଟିବେ ତା'ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ କରିବା ନେଇ କେନ୍ଦ୍ରୀୟ ନେତୃତ୍ୱ ସବୁପ୍ରକାରର ସହଯୋଗ କରିବ। ଆବଶ୍ୟକ ପଡ଼ିଲେ ନୂଆ ରଣନୀତି ନେଇ କାର୍ଯ୍ୟ କରାଯିବ ବୋଲି ଶାହା ସଙ୍କେତ ଦେଇଥିବା ଜଣାପଡ଼ିଛି। ଓଡ଼ିଶାରେ ୨୦୧୯ ମସିହା ନିର୍ବାଚନରେ ବିଜେପିକୁ ୩୪% ଭୋଟ୍ ମିଳିଥିଲା। ଏଥର ଅଧିକ ପରିମାଣର ଭୋଟ୍ ମିଳିବା ସହ ବିଜେପି ସରକାର ଗଢ଼ିବା ନେଇ ଶାହା ଆଶାବାଦୀ ଅଛନ୍ତି। କିନ୍ତୁ ଏଯାବତ ବିଜେଡିର ଭୋଟ ରଣନୀତି ଯିଏ ଜାଣିଛି ସିଏ କେବେ ଆଶା କରିବ ନାହିଁ ଯେ, ଓଡ଼ିଶାରେ ଫୁଲ ଫୁଟିବ ବୋଲି। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନବୀନ ଏଭଳି ଗୋଟି ଚାଳନା କରିବେ ଭୋଟ ପୂର୍ବଦିନ ରାତିରେ ବିରୋଧୀଙ୍କ ସବୁ ଅଙ୍କ ଭୁଲ ହେଇଯିବ। ତେଣୁ ବିଜୁ ଜନତା ଦଳକୁ ପରାସ୍ତ କରିବାକୁ ହେଲେ ଅର୍ଥବଳ, ବାହୁବଳ ଓ ସୁଚିନ୍ତିତ ନିର୍ବାଚନ ରଣନୀତି ଦରକାର। କାରଣ ବିଜେଡିର ତୃଣମୂଳସ୍ତର ଏତେ ମଜଭୁତ ଯେ, ଏହାକୁ ଅନ୍ୟ ଦଳ ସପକ୍ଷରେ ନେବାକୁ ହେଲେ ଗାଁ ଗାଁରେ ଲୋକଙ୍କ ବିଶ୍ୱାସ ଜିତିବାକୁ ପଡିବ। ୨୫ ବର୍ଷ ହେଲା ଓଡ଼ିଶାବାସୀଙ୍କ ମନରେ ଯେଉଁ ଚିହ୍ନ ବସା ବାନ୍ଧି ରହିଯାଇଛି ତାହା ହେଉଛି ଶଙ୍ଖ ଚିହ୍ନ। ତେଣୁ ଶଙ୍ଖକୁ ପରାସ୍ତ କରି ପଦ୍ମ ଫୁଟାଇବାକୁ ହେଲେ ବିଜେପିକୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିବ।



ସମ୍ପାଦକୀୟ
ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବ୍ୟକ୍ତି ବନାମ ଗୋଷ୍ଠୀ



ଡ. ମୌସୁମୀ ପରିଡା

ବ୍ୟକ୍ତିମାନଙ୍କୁ ନେଇ ଗୋଷ୍ଠୀ, ଗୋଷ୍ଠୀକୁ ନେଇ ସମାଜ ଓ ସମାଜକୁ ନେଇ ଦେଶର ରୂପରେଖ। ବହୁ ବର୍ଣ୍ଣ ଧର୍ମ ଓ ଜନସଂଖ୍ୟା ଦୃଷ୍ଟିରୁ ସମସ୍ୟାବହୁଳ ରାଷ୍ଟ୍ର ଭାବେ ଆମ ଦେଶର ପରିଚିତି। ଅସଂଖ୍ୟ ଲୋଭନୀୟ ଯୋଜନା ଓ ଅଗଣିତ ହିତାଧିକାରୀମାନଙ୍କ ଭିତରେ ବାସ୍ତବ ସମସ୍ୟାଗୁଡିକ କିନ୍ତୁ ଅପରିବର୍ତ୍ତିତ। ଯେତେ ଭାଇ ସେତେ ଭାଗ ପରି ଏଠି ଯେତେ ଦଳ ସେତେ ଯୋଜନା। ପୁଣି ସେତେ ଅଧିକ ଋଣଭାର ସହିତ ଛଡାଛଡି କଳିଗୋଳ, ହିଂସା ପ୍ରତିହିଂସା ଯାହା ଏବେ ରୋଗ ପରି ସମସ୍ତଙ୍କୁ ବ୍ୟାପିବାରେ ଲାଗିଛି। ପିଠାକଳି ପରି ସମସ୍ୟା ତୁଟୁନି କିନ୍ତୁ କାହାର ନା କାହାର ଲାଭ ହେଉଛି। ସେହି ଲାଭ ଲୋଭରେ ଦଳେ ମିଶି ଦଳ, ସଂଗଠନ କିମ୍ବା ଅନୁଷ୍ଠାନ ଗଢନ୍ତି। ଯେଉଁଥିରେ ସେମାନଙ୍କ ଲାଭ ଶହେରୁ ଶହେ। ଅର୍ଥ, ସମ୍ମାନ, ପ୍ରତିପତ୍ତି ନିମନ୍ତେ ଅନୁଷ୍ଠାନର ପ୍ରତ୍ୟେକ ବ୍ୟକ୍ତି ଗୋଟେ ଲେଖାଁ ନୈଷ୍ଠିକ ଚାଟୁକାର। କ୍ଷମତାର ଗୋଟେ ଲେଖାଁ ଆସନରେ ଚକା ପକେଇ ଅହଙ୍କାର ମିଶା ମୁଚୁକୁନ୍ଦ ହସରେ ନିଜ ପ୍ରଭୁତ୍ୱ ଦର୍ଶାଉଥାନ୍ତି। ପଛରେ ରହି "ଜୟ ହୋ" କହୁଥିବା ଚାଟୁକାରମାନେ ଅନେଇ ବସିଥାନ୍ତି କେତେବେଳେ କଣଟେ ମୁଣ୍ଡ ଉପରେ ଛିଣ୍ଡିବ, ସେ ଛୋଟ କ୍ଷମତାଟେ ହେଉ ବା ଆର୍ଥିକ ଅନୁଦାନ। ସେ ଲୋଭରେ ଦାନ୍ତ କାମୁଡି ପଡିଥାନ୍ତି ଯାବତୀୟ ଆବର୍ଜନା ମୁଣ୍ଡେଇ। କ୍ଷମତାଶାଳୀଙ୍କ ପଦଲେହନ ଏମାନଙ୍କ ଧର୍ମ ଓ କର୍ମ।

କ୍ଷମତା ହାସଲ ଜରିଆରେ ଅନ୍ୟାନ୍ୟ ଭୋଗବିଳାସ ଏମାନଙ୍କ ଚରମ ଲକ୍ଷ୍ୟ। ଉପରକୁ ସମାଜର ମଙ୍ଗଳସାଧନ ଜୀବନର ମହାମନ୍ତ୍ର ବୋଲି କହିହେଉଥିବା କ୍ଷମତାଧାରୀ ପରୋକ୍ଷରେ ନିଜ ସହିତ ଚାରି ପାଞ୍ଚ ପିଢୀର ସୁଖସୁବିଧା ପାଇଁ ଜନତାଙ୍କୁ ହରିଲୁଟ୍ କରି ଅର୍ଥସଂଚୟର ସୁବନ୍ଦୋବସ୍ତ କରୁଥାନ୍ତି। ସମୂହ ସ୍ୱାର୍ଥସାଧନ ନିମନ୍ତେ ସମଧର୍ମୀମାନଙ୍କୁ ନେଇ ଗଠନ କରାଯାଏ ଗୋଟେ ସମାଜ ଯାହା ଦ୍ୱାରା ସେମାନେ କ୍ଷମତା ଆଳରେ ଅନ୍ୟକୁ ପଦାନତ କରିପାରିବେ।

ଖଟିଖିଆ ସେଇ ଖଟିଖିଆ ହୋଇ ରହିଥିବେ କାରଣ ସେମାନଙ୍କ ମୁଣ୍ଡକୁ କିଣିନେଇଥିବେ ବୁର୍ଜୁଆମାନେ ମାତ୍ର କିଛି ଅର୍ଥ ବିନିମୟରେ। ମଧ୍ୟବିତ୍ତମାନଙ୍କ ଜିଭକୁ କାଟି ଦିଆଯାଇଥିବ ବିଭିନ୍ନ ଆଳରେ! ବୁର୍ଜୁଆ ଗୋଷ୍ଠୀ କଳେ ବଳେ କୌଶଳେ କ୍ଷମତାର ଡାଳକୁ ମୁଠେଇ ଧରି ଏ.ସି କୋଠରୀରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ନିୟମାବଳୀ ତିଆରି କରୁଥିବେ। ସେମାନଙ୍କ ଥାଳିରୁ ଭାତ, ଡାଲି, ଭଜା କାଢୁଥିବେ ନହେଲେ ସ୍ୱାସ୍ଥ୍ୟକେନ୍ଦ୍ରରୁ ମାଗଣା ଔଷଧ ପାଇବାକୁ ଯୋଜନା ପ୍ରସ୍ତୁତ କରି ନିଶ ଫୁଲେଇ ବସିଥିବେ। ପ୍ରଶ୍ନ କରିବାକୁ କେହି ନଥିବେ ଯେ- ରୋଗର କାରଣ ବାହାର କରି ରୋଗକୁ ମାର। ଔଷଧ କମ୍ପାନୀଙ୍କଠୁ ଲାଂଚ ଦ୍ୱାରା ନିଜ ବ୍ୟାଙ୍କ ବାଲାନ୍ସ ବଢାଇ ଲୋକଙ୍କ ଆଖିରୁ କଜ୍ଜଳ ଚୋରି କରନା। ନିଶା କାରବାର ବନ୍ଦ କର ଦେଖିବ ଝିଅବୋହୂଙ୍କ ଧର୍ଷଣ କମିଯିବ। କେହି କହିବେନି ଏସବୁ। କାରଣ ଏସବୁ ଚାଲୁରହୁ ବୋଲି ଅନେକ ଚାହାନ୍ତି। କିଛି ଚାହାନ୍ତି ରୋଗ ଥାଉ, ରୋଗୀ ଥାଆନ୍ତୁ, ବଇଦ ଥାଆନ୍ତୁ, ସରକାରୀ ହାସ୍ପାତାଳ ବନୁଥାଉ। ସେମିତି ହିଂସା ପ୍ରତିହିଂସା ଚାଲୁ ରହୁ। ନହେଲେ ଥାନା, ଜେଲ୍, ପୋଲିସ୍, କୋର୍ଟ କଚେରି ଚାଲିବ କେମିତି?

ଏସବୁର ବିରୋଧରେ ବା ସପକ୍ଷରେ ଗୋଟି ଚଳାଉଥିବା କ୍ଷମତାସୀନମାନେ ଯେକୌଣସି କ୍ଷମତାର ଦୁରୁପଯୋଗ କରି ଆକାଶକୁ ନିଶୁଣି ବାନ୍ଧୁଥିବେ। ପୃଥିବୀକୁ ଖଣ୍ଡ ଖଣ୍ଡ କରି ନିଲାମ କରିଦେବାର କ୍ଷମତା ଠୁଳ କରୁଥିବେ। ଏମାନେ ଜାଣନ୍ତି ଆକାଶର ଉଚ୍ଚତା, ନିଶୁଣିର ଠିକଣା। ଅନେକ ତ ନିଶୁଣି ବନିଯାଆନ୍ତି। ଆଉ ବୁଦ୍ଧିଜୀବୀ! ସେମାନେ ତ ହଲପ କରିନେଇଛନ୍ତି- ନୀରବତା ହିଁ ସେମାନଙ୍କ ଉତ୍ତର। ଅଧିକାଂଶ ତ କୌଣସି କଥାରେ ମୁଣ୍ଡ ଖେଳାନ୍ତିନି। ନିଜକୁ ଶତ ପ୍ରତିଶତ ସଚ୍ଚୋଟ ଓ ନିରପେକ୍ଷ ସିଦ୍ଧ କରିବାକୁ ଏମାନେ ଚୁପ୍ ରହିବାକୁ ଠିକ୍ ଭାବିନିଅନ୍ତି। ପଡିଶା ଘରର ସ୍ୱାମୀ ସ୍ତ୍ରୀ କଳି ଏମାନଙ୍କ ପାଇଁ ଯେତିକି ଗୁରୁତ୍ୱ ରଖେ, ସେତିକି ଗୁରୁତ୍ୱ ରଖେ ନେତା ଚୟନ ଅବା ଆଖି ସାମ୍ନାରେ ଘଟୁଥିବା ଗୋଟେ ଝିଅର ଗଣଧର୍ଷଣ। ଏମାନେ ଗାନ୍ଧୀ ମହାତ୍ମାଙ୍କ ତିନି ମାଙ୍କଡ ପରି ଆଜ୍ଞା ପାଳୁଥାନ୍ତି ସିନା କିନ୍ତୁ ଗାନ୍ଧୀବାଦକୁ ନାକ ଟେକୁଥାନ୍ତି। ସୁବିଧା ଅନୁସାରେ ନିଜକୁ ଏଣ୍ଡୁଅ ପରି ବଦଳିବାରେ ଏମାନେ ମାହିର୍। ତେଣୁ ଛତାଦଳ ପରି ଆଉ ଦଳେ ଅଛନ୍ତି ଯାହାଙ୍କୁ ଆମେ ଏଣ୍ଡୁଅ ଦଳ କହିପାରିବା। ଏମାନେ ସାଂଘାତିକ ପର୍ଯ୍ୟାୟର। ବିଶ୍ୱାସଯୋଗ୍ୟ ନୁହନ୍ତି କୌଣସି ପ୍ରକାରେ। ଏଣ୍ଡୁଅ ଦଳ ଛତା ବ୍ୟବହାର ନକରି ବି ଅନେକ ସମୟରେ ବିଲେଇ ଆଖିମୁଦି କ୍ଷୀର ଖାଇବା ଭଳି ନିରପେକ୍ଷ ବୋଲାଇ ସୁବିଧା ହାସଲ କରିଜାଣନ୍ତି।

ବିଭିନ୍ନ ଆଳରେ ଅନ୍ୟ ଉପରେ ଅଧିକାର ବା ହୁକୁମ୍ ଜାହିର୍ କରୁଥିବା ଚାଲାକ୍ ଗୋଷ୍ଠୀ ସବୁବେଳେ ପିଠାର ବଳକା ଭାଗକୁ ଖାଇ ମସ୍ତ ଥାଆନ୍ତି। କାହାକୁ ଖାତିର୍ କରିବା ଏମାନଙ୍କ ସମ୍ବିଧାନରେ ନଥାଏ। ମଂଚ ଉପରେ ଅସାଧାରଣ ଭାଷଣ, ଯାହାକୁ ଶୁଣି ଶ୍ରୋତାମଣ୍ଡଳୀ ଖୁସିରେ ଆତ୍ମହରା! କିନ୍ତୁ ବାସ୍ତବତା ମନକୁ ଆମ୍ବିଳା କଲାପରି। ସବୁ ଏଠି ଉପରଠାଉରିଆ, ଲୋକଦେଖାଣିଆ, କୁମ୍ଭୀର କାନ୍ଦଣାଭରା ଭାଷଣବାଜି! ତେବେ ବି ବାଜି ଜିତିବାକୁ ପଛ ଲୋକର ବି ଲୋଭ କମ୍ ନଥାଏ। ଏହା ହିଁ ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ଅବ୍ୟବସ୍ଥା। ଏଠି ନିୟମ ପାଳୁଥିବା ଲୋକେ ଭକୁଆ। ନିୟମ ଭାଂଗୁଥିବା ଲୋକେ କ୍ଷମତାସୀନ, ବଳଶାଳୀ ଓ ବିତ୍ତଶାଳୀ।

କାରଣ ଅନ୍ୟକୁ ଶାସନ କରିବା କିମ୍ବା ଭାଗ୍ୟବିଧାତା ବନିବାର ଲୋଭ ପ୍ରାୟ ଅନେଶତ ପ୍ରତିଶତ ଲୋକମାନଙ୍କ ଭିତରେ। ପ୍ରତ୍ୟେକ ମଣିଷ ଭିତରେ ଅନ୍ୟକୁ ଶାସନ କରିବାର ଲୋଭ! ଏଠି କେହି ନା କେହି କାହା ଉପରେ ରାଜୁତି କରୁଛି। ମଙ୍ଗଳସାଧନ ପ୍ରକ୍ରିୟାଟି କୌଣସି ହିସାବରେ ପରିଲକ୍ଷିତ ହେଉନାହିଁ। ପରନ୍ତୁ ଆର୍ଥିକ ଲାଭ ସହିତ ବ୍ୟକ୍ତିଗତ କ୍ଷମତାଟି ପରିଦୃଶ୍ୟମାନ ହେଉଛି। ଦେଶ ଭିତରେ ଅନେକ ଗୋଷ୍ଠୀ, ଅନେକ ସମାଜ..ଫଳରେ ଆଦର୍ଶଭିତ୍ତିକ ତାରତମ୍ୟ ବା ଅସଂଖ୍ୟ ମତପାର୍ଥକ୍ୟ ପରିଲକ୍ଷିତ ହେବା ସାଧାରଣ କଥା। ଯେତେ ଗୋଷ୍ଠୀ ସେତେ ସମସ୍ୟା। ଯେତେ ସମସ୍ୟା ସେତେ ମତପାର୍ଥକ୍ୟ। ଯେତେ ମତପାର୍ଥକ୍ୟ ସେତେ ବିଫଳତା, ଅସହିଷ୍ଣୁତା ଓ ଦୁର୍ନୀତି। ତୃଣମୂଳ ସ୍ତରରୁ ଆରଂଭ ହୋଇ ପ୍ରଶାସନିକ ବ୍ୟବସ୍ଥାଯାଏଁ ଦୁର୍ନୀତିଗ୍ରସ୍ତ ଅଧିକାଂଶ। ଯାହାର ନିରାକରଣ ଅସଂଭବ।

ଯେଉଁମାନେ ଏସବୁରେ ପୀଡିତ ସେମାନଙ୍କ ଭିତରୁ ଅଧିକାଂଶ ସ୍ୱାର୍ଥନ୍ୱେଷୀ। ନିଜ ଛଡା ଆନ ଚିନ୍ତା କରିପାରନ୍ତି ନାହିଁ। ଏପରିକି ନିଜେ ରହୁଥିବା କଲୋନୀ, ଗାଁ କିମ୍ବା ଅଂଚଳର ସୁବିଧା ଅସୁବିଧାର ଖିଆଲ ଏମାନଙ୍କର ନଥାଏ। ଏଇ ନିକଟରେ ସାମାଜିକ ଗଣମାଧ୍ୟମରେ ଗୋଟେ ସୁନ୍ଦର ଉଦାହରଣଟିଏ ଘୂରିବୁଲୁଥିଲା ଯାହା ସାବ୍ୟସ୍ତ କରିବାକୁ ଯଥେଷ୍ଟ ଥିଲା ଆମ ବ୍ୟବସ୍ଥା ରୁଗ୍‌ଣତାକୁ। ଗୋଟେ ଛାତ୍ରାବାସରେ ସକାଳ ଜଳଖିଆ ଭାବେ ଉପମା ଦିଆଯାଉଥିବାରୁ ଅନେକ ଏହାର ତୀବ୍ର ବିରୋଧ କଲେ। ଅବଶ୍ୟ ତିରିଶ ପ୍ରତିଶତ ପିଲାଙ୍କର ଏଇଟା ମନପସନ୍ଦ ଜଳଖିଆ ଥିଲା। ବାକି ସତୁରୀ ପ୍ରତିଶତ ପିଲାଙ୍କୁ କୁହାଗଲା- ସେମାନେ ଉପମା ଯାଗାରେ ଅନ୍ୟ କେଉଁ ଖାଦ୍ୟ ଚାହୁଁଛନ୍ତି ଜଣାନ୍ତୁ। ସେମାନେ ନିଜ ନିଜ ପସନ୍ଦାନୁସାରେ ମତ ଜଣାଇଲେ। ଦଶରୁ ପନ୍ଦର ପ୍ରତିଶତ ପିଲା ରୁଟି ଜାତୀୟ ଖାଦ୍ୟ ଦିଆଯାଉ ବୋଲି କହିଲେ ତ ଆଉ କିଛି ନୁଡୁଲ୍ସଜାତୀୟ ଖାଦ୍ୟ ଦିଆଯାଉ ବୋଲି କହିଲେ। କେହି କେହି ତେଲଭାଜି ଜିନିଷ ଦେବାକୁ ଅନୁରୋଧ କଲେ ତ ଆଉ କିଛି ପାଉରୁଟି, ସାଲାଡ୍ ପାଇଁ କହିଲେ।

କିନ୍ତୁ ସେ ତିରିଶ ପ୍ରତିଶତ ପିଲା ଉପମା ଉପରେ ପସନ୍ଦ ଜାହିର୍ କଲେ। ସତୁରୀ ପ୍ରତିଶତ ପିଲାଙ୍କର ଭିନ୍ନ ଭିନ୍ନ ମତ ତିରିଶ ପ୍ରତିଶତ ପିଲାଙ୍କ ମତଠାରୁ କମ୍ ହେବାରୁ ଉପମା ହିଁ ଜଳଖିଆ ଭାବେ ତିଷ୍ଠି ରହିଲା। କାରଣ ସେ ତିରିଶ ଲୋକ ନିଜ ମତ ପରିବର୍ତ୍ତନ କଲେନାହିଁ। ଫଳତଃ ସତୁରୀ ପ୍ରତିଶତ ଲୋକ ବିଭିନ୍ନ ମତ ଦ୍ୱାରା କିଛି ହାସଲ କରିପାରିଲେନି ଯଦିଓ ଏମାନଙ୍କ ପାଖରେ ସଂଖ୍ୟା ଥିଲା। ଏ ଉଦାହରଣକୁ ବିଚାର କରି ଦେଖାଯାଉ- ଆମେ କେଉଁଠି ହାରୁଛେ। କେଉଁ ଯାଗାରେ ବ୍ୟବସ୍ଥାର ଦୁରୁପଯୋଗ ହେଉଛି ଓ ସେଥିପାଇଁ ଦାୟୀ କିଏ? ତାର ନିରାକରଣ କିପରି ହୋଇପାରିବ, କାରଣ ସବୁ ବ୍ୟବସ୍ଥାର ଗଳାବାଟଟିଏ ଥାଏ। ସେ ଗଳାବାଟରେ ହାତୀ ପଶିଯାଏ, ପିମ୍ପୁଡି ପାଇଁ କିନ୍ତୁ ବାଟ ନଥାଏ। ତେବେ ବି କଣ ଏ ଅବ୍ୟବସ୍ଥାକୁ ଆମେ ସମର୍ଥନ କରୁଥିବା? ଯାର ନିରାକରଣ କଣ ନାହିଁ? କ୍ୟାନସର୍ ପରି ଆମ ବ୍ୟବସ୍ଥାକୁ କ୍ଷତିଗ୍ରସ୍ତ କରୁଥିଲେ ମଧ୍ୟ ଆମେ କଣ ନୀରବ ହୋଇ ବସିରହିବା?

ଏଭଳି ଅବ୍ୟବସ୍ଥାର ମୂଳ କାରଣ ଖୋଜାଯାଉ ଆବଶ୍ୟକ ସ୍ଥଳେ ସମ୍ବିଧାନ ସଂଶୋଧିତ ହେଉ। ନହେଲେ ବୁଦ୍ଧିଜୀବୀମାନେ ଏକବାରେ ନିଥର ପାଲଟିଯାଇଥିବେ। ନା କହିପାରୁଥିବେ ନା ସହିପାରୁଥିବେ। କାରଣ ଏମାନଙ୍କ ଜିଭକୁ କାଟି ଦିଆଯାଇଥିବ, ଆଖିରୁ ଡୋଳାଟିକୁ କାଢି ନିଆଯାଇଥିବ। କାନରେ ଠେଁସି ଦିଆଯାଇଥିବ କପଡା ବିଣ୍ଡା। ମୂର୍ଖମାନଙ୍କୁ ବନାଚାଲିଥିବ ସ୍ୱାର୍ଥ ପାଇଁ! ବୁଦ୍ଧିଜୀବୀଙ୍କ ବାକ୍‌ସ୍ୱାଧୀନତାକୁ ହତ୍ୟା କରାଯାଉଥିବ। ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ସହଜ ନୁହେଁ କାରଣ କାହାର ନା କାହାର ଲାଭ ହେଉଥିବ। ବ୍ୟବସ୍ଥା ତିଆରି କରିଥିବା କ୍ଷମତାସୀନମାନେ ନିଜ ପଦବୀରେ ଥିବାଯାଏଁ କ୍ଷମତା ଉପଭୋଗ କରୁଥିବେ। ଏଠି ବ୍ୟକ୍ତି ଗୋଷ୍ଠୀ ମାଧ୍ୟମରେ ସୁବିଧା ଲୁଟୁଥିବାରୁ ନା ବ୍ୟକ୍ତି ନା ଗୋଷ୍ଠୀ କେହି ପ୍ରତିବାଦ କରିବେ ନାହିଁ। ଲାଭ ହାସଲ କରୁଥିବା ଲୋକେ କେବେ ବି ଏଭଳି ବ୍ୟବସ୍ଥାକୁ ବଦଳିବାକୁ ଦେବେନାହିଁ। ଏଥିପାଇଁ ବିଚାରବିମର୍ଷ ହେଉ। ନହେଲେ ଏ ଅବ୍ୟବସ୍ଥାର ଉତ୍ତରଦାୟୀ ସମସ୍ତେ ରହିବେ।

ଭ୍ରାମ୍ୟଭାଷ : ୯୪୩୭୩୧୭୦୨୬

# ସହୀଦ୍ ବୀର କୃତିବାସ ପାଟ୍ଟଶାଣୀ



ସୁଶୀଲ କୁମାର ଛୁଆଳସିଂହ

ଓଡ଼ିଶା ପାଇକ ବିଦ୍ରୋହର ଇତିହାସକୁ ରୋମନ୍ଥନ କଲେ, ଆଉ ଏକ ପୃଷ୍ଠଭୂମି ଦୃଷ୍ଟିଗୋଚର ହୁଏ ଯାହାର ନାଁ ବାଣପୁର। ପ୍ରଜାମେଳି ଆନ୍ଦୋଳନର ଏହା ଅନ୍ୟ ଏକ ଅଧ୍ୟାୟ। ବଣ, ଜଙ୍ଗଲ, ପାହାଡ଼ ଘେରା ଏହି ଅଂଚଳ ଫିରିଙ୍ଗି ଶାସକର ବର୍ବରତାକୁ ସମ୍ଭାଳି ନ ପାରି ଚିତ୍କାର କରିଥିଲା ବିଦ୍ରୋହର। ନିରୀହ ଜନତାଙ୍କ ମଧ୍ୟରେ ଦାନା ବାନ୍ଧିଥିଲା ପ୍ରତିବାଦର ସ୍ୱର, ଯାହାର ଅଗ୍ରଣୀ ନେତୃତ୍ୱ ଗ୍ରହଣ କରି ମୁଖିଆ ସାଜି ଆଗେଇ ଆସିଥିଲେ ସେହି ମାଟିର ବୀର ସନ୍ତାନ କୃତିବାସ ପାଟ୍ଟଶାଣୀ। ସତେ ଯେମିତି ଫିରିଙ୍ଗିର ନିର୍ଯ୍ୟାତନାକୁ ପ୍ରତିରୋଧ କରିବା ପାଇଁ ବାଣପୁର ମାଟି ଜନ୍ମ ଦେଇଥିଲା ସ୍ଥାନୀୟ ଅଂଚଳର ଦେଓଗାଁ ପାଟ୍ଟଶାଣୀ ପରିବାରର ଏନ୍ତୁଡ଼ିରେ ଏହି ବୀରପୁତ୍ରଙ୍କୁ। ପିତା ଶ୍ୟାମସୁନ୍ଦର ପାଟ୍ଟଶାଣୀଙ୍କ କୀର୍ତିରାଜିରେ ଅନୁପ୍ରାଣିତ ହୋଇ ତାଙ୍କର ଏ ସୁଯୋଗ୍ୟ ସନ୍ତାନ ସୃଷ୍ଟି କଲେ ଓଡ଼ିଶା ପାଇକ ବିଦ୍ରୋହରେ ପ୍ରଜାମେଳି ଆନ୍ଦୋଳନର ଭିନ୍ନ ଏକ ଇତିହାସ।

ଜନଶ୍ରୁତି ଏବେ ବି ବଖାଣେ ସେଦିନ ସେ ପାଇକ ପୁଅର କାହାଣୀ। ଆଜି ବି ଖୋର୍ଦ୍ଧା ଜିଲ୍ଲାର ଭୂଗୋଳରେ ଦଣ୍ଡାୟମାନ ସେହି ତୀର୍ଥାଟନ ବାଣପୁର। ଏବେ ବି ସ୍ମୃତି ମନ୍ଥନ କରେ ଗମ୍ଭାରୀମୁଣ୍ଡା ନିକଟସ୍ଥ ଦେଓଗାଁ। ଅରାଙ୍ଗଗଡ଼ର ଛାତି ଅଦ୍ୟାବଧି କମ୍ପି ଉଠେ ତା' ପ୍ରଜାମେଳିର କଥା ମନେ ପକାଇ। ସତେ ଯେମିତି ଟିକିରେଇ ଠାକୁରାଣୀ ଖୋଜୁଛି ତା' ବୀରପୁତ୍ରକୁ,ବାଣପୁରର ପଲଟଣ ପଡ଼ିଆକୁ ଦେଖି ଆଖିରେ ନାଚି ଉଠେ ୧୮୩୫ ମସିହାର କଥା।

ଇଂରେଜମାନଙ୍କ ଅତ୍ୟାଚାରକୁ ପ୍ରତିରୋଧ ପାଇଁ ଜନ୍ମ ନେଇଥିଲା ପାଇକ ବିଦ୍ରୋହ, ଶୁଭିଥିଲା ପ୍ରଜାମେଳି ଆନ୍ଦୋଳନର ସ୍ୱର। ଯାହାର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ବକ୍ସିଙ୍କୁ ସହଯୋଗ କରିବା ପାଇଁ ଅକୁଣ୍ଠଚିତରେ ଆଗେଇ ଆସିଥିଲେ ଆଉ ଦୁଇଜଣ ବ୍ୟକ୍ତି, ଜଣେ ହେଉଛନ୍ତି ଭାଟପଡ଼ାଗଡ଼ର ଦଳବେହେରା ଦୀନବନ୍ଧୁ ସାମନ୍ତରାୟ ଏବଂ ଅନ୍ୟ ଜଣେ ହେଲେ ଅରାଙ୍ଗଗଡ଼ର ଦଳବେହେରା ଶ୍ୟାମସୁନ୍ଦର ପାଟ୍ଟଶାଣୀ। ବକ୍ସି ଜଗବନ୍ଧୁଙ୍କ ବଳିଷ୍ଠ ନେତୃତ୍ୱରେ ଗଢି ଉଠିଥିଲା ପ୍ରଜାମେଳି ଆନ୍ଦୋଳନ। ବାନ୍ଧି ଉଠିଥିଲା ପାଇକ ବିଦ୍ରୋହର ଦାନା । ଏହି ବିଦ୍ରୋହକୁ ସମ୍ମତି ଜଣାଇ ବିଦ୍ରୋହରେ ଯୋଗଦେଇଥିଲେ ଶହ ଶହ କନ୍ଧ ବିଦ୍ରୋହୀ। ଏହି କନ୍ଧ ବିଦ୍ରୋହମାନଙ୍କର ମୁଖିଆ ହିସାବରେ ବକ୍ସିଙ୍କ ସହଯୋଗ କରୁଥିଲେ ଘୁମୁସରରୁ ଆସି ବାଣପୁର ଅଂଚଳରେ ରହୁଥିବା ମଧୁ ବିଶୋଇ। ୧୮୧୭ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ବାଣପୁରରେ ଆରମ୍ଭ ହେଲା ପାଇକ ବିଦ୍ରୋହ। ପାଇକ ବିଦ୍ରୋହର ନିଆଁ ବାଣପୁରରେ ହୁତୁ ହୁତୁ ହୋଇ ଜଳିବାକୁ ଲାଗିଲା। ଯେଉଁଥିରେ ଅତିଷ୍ଠ ହୋଇ ପଡ଼ିଲେ ଫିରିଙ୍ଗ ଶାସକ। ଖଜଣା ଆଦାୟକୁ ବିରୋଧ କରି ବିଦ୍ରୋହୀମାନେ ଇଂରେଜମାନଙ୍କ ସେନା ଶିବିରକୁ ଜାଳିପୋଡ଼ି ଛାରଖାର କରିଦେଲେ। ଖଜଣା ଖାନା ଭାଙ୍ଗି ସେଥିରୁ ୧୫ ହଜାର ଟଙ୍କା ଲୁଟ କରିନେଲେ। ଯେଉଁଥିପାଇଁ ଇଂରେଜ ସେନାଧ୍ୟକ୍ଷ ନିଜ ଜୀବନ ଧରି ପଳାୟନ କରିବାକୁ ବାଧ୍ୟ ହେଲେ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧାରେ ୧୮୧୭ ରୁ ୧୮୨୫ ପର୍ଯ୍ୟନ୍ତ ପାଇକ ବିଦ୍ରୋହ ସଂଘଠିତ ହୋଇଥିଲା। ଇଂରେଜ ସରକାର ଭାବିଥିଲେ ବକ୍ସି ଜଗବନ୍ଧୁଙ୍କ ଅବସାନ ପରେ ପାଇକ ବିଦ୍ରୋହର ଅନ୍ତ ଘଟିଲା ବୋଲି। କିନ୍ତୁ ସେମାନଙ୍କର ଧାରଣା ନ ଥିଲା, ବକ୍ସି ଜଗବନ୍ଧୁଙ୍କ ସହ ଆଉ ଜଣେ ପାଇକ ଯୋଦ୍ଧାଙ୍କର ଆବିର୍ଭାବ ହୋଇଛି ଯାହାଙ୍କ ନାମ କୃତିବାସ ପାଟ୍ଟଶାଣୀ।

୧୮୩୬ ମସିହା, ଇଂରେଜମାନଙ୍କର ଅତ୍ୟାଚାର ସହ୍ୟ ନ କରି ପାରି ପୁଣି ବାଣପୁରରେ ଦେଖାଦେଲା ଆଉ ଏକ ବିଦ୍ରୋହ ଯାହାର ନେତୃତ୍ୱ ନେଇଥିଲେ ଅରାଙ୍ଗଗଡ଼ର ଦଳବେହେରା ବୀର କୃତିବାସ ପାଟଶାଣୀ। ଏହା ଥିଲା ପ୍ରଜାମେଳି ବା ପାଇକ ବିଦ୍ରୋହର ଆଉ ଏକ ନିଦର୍ଶନ। ବୀର କୃତିବାସଙ୍କ ପିତା ଶ୍ୟାମସୁନ୍ଦର ପାଟ୍ଟଶାଣୀଙ୍କ ଅନ୍ତେ ବଂଶ ପରମ୍ପରା ଅନୁଯାୟୀ ସେ ହେଲେ ଅରାଙ୍ଗଗଡ଼ର ଦଳବେହେରା। ମାଳ ଅଂଚଳର କନ୍ଧ, ସଉରା, ପାଣମାନଙ୍କର ସେ ହେଲେ ଦେବଦୂତ। ସତେ ଯେମିତି ସେମାନଙ୍କ ଆଶା ଆଉ ଭରଷା। କୃତିବାସଙ୍କ ଜନ୍ମ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଅଂଚଳର ଗମ୍ଭାରୀମୁଣ୍ଡା ନିକଟସ୍ଥ ଦେଓଗାଁ ଗ୍ରାମରେ। କୃତିବାସ ପିଲାବେଳୁ ଦେଶପ୍ରେମୀ ଥିଲେ। ଅଶ୍ୱାରୋହଣ, ଅଶୀଚାଳନା, ଗରିଲା ଯୁଦ୍ଧରେ ସେ ଥିଲେ ପାରଙ୍ଗମ। କୁହାଯାଏ କୃତିବାସ ଏପରି ଭାବେ ଖଣ୍ଡା ବୁଲାଉଥିଲେ ଯେ, ତାଙ୍କୁ ଗୁଳିବିଦ୍ଧ କରିପାରେନା। ହାତରେ ଢାଲ ଓ ତରବାରୀ ଥିଲେ ତାଙ୍କ ସହ ଯୁଦ୍ଧ କରି ତାଙ୍କୁ ହରାଇବା ଅସମ୍ଭବ ହୋଇପଡ଼େ। ମା' ଟିକରାଇ ଠାକୁରାଣୀଙ୍କର ସେ ଥିଲେ ପରମ ଭକ୍ତ। ଲୋକ କଥାରୁ ଶୁଣାଯାଏ ସତେ ଯେମିତି ଟିକିରାଇ ଠାକୁରାଣୀ ତାଙ୍କ ପାଖେ ପାଖେ ଥାଆନ୍ତି ଏବଂ ତାଙ୍କର ସହାୟ ହୁଅନ୍ତି। ଯେଉଁ ଠାକୁରାଣୀଙ୍କ ମନ୍ଦିର ଏଯାବତ୍ ବିଦ୍ୟମାନ ବାଣପୁରରେ। କୃତିବାସଙ୍କୁ ମାଳ ସାତକୋଶର ରାଜା ବୋଲି କୁହାଯାଏ। ପିତା ଶ୍ୟାମସୁନ୍ଦର ପାଟ୍ଟଶାଣୀ ଏବଂ ବକ୍ସି ଜଗବନ୍ଧୁଙ୍କ ଆଦର୍ଶରେ ସେ ହୋଇଥିଲେ ଅନୁପ୍ରାଣୀତ। ୧୮୧୭ ମସିହାର ପାଇକ ବିଦ୍ରୋହର ମାତ୍ର ୨୦ ବର୍ଷ ବୟସରେ ସେ ଯୋଗଦାନ କରିଥିଲେ। ୧୮୩୬ ମସିହାର ବାଣପୁରର ଏହି ବିଦ୍ରୋହର ନାମ ଥିଲାଞ୍ଚ"କନ୍ଧମେଳି" ବା "ପତୁଆ ଫଂଚୁରୀ" ଜୁନମାସ ୧ ତାରିଖ ୧୮୩୬ରେ ଅରାଙ୍ଗଗଡ଼ରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଯାହାର ଆବାହକ ଥିଲେ ବୀର କୃତିବାସ ପାଟ୍ଟଶାଣୀ। ଏହି ସଭାରେ ଯୋଗ ଦେଇଥିଲେ ଲୋଚନା ବିଶୋଇ, ପଂଚାନନ ନାୟକ, ସାଧୁ ଜାନି, ଦୀନା ଜାନି ଏବଂ ଅନ୍ୟ କନ୍ଧ ବିଦ୍ରୋହୀମାନେ। ସଭାରେ ଗଡ଼ରୋଡଙ୍ଗରୁ ଆସିଥିବା ପାଇକ ସର୍ଦ୍ଦାର ପଂଚାନନ ନାୟକଙ୍କୁ ରାଜା ଭାବରେ ମନୋନୀତ କରାଯାଇଥିଲା।





ଏହି ପ୍ରଜାମେଳିର କୃତିବାସ ପାଟ୍ଟଶାଣୀ ହେଲେ ନେତା ବା ପ୍ରଧାନ ସେନାପତି। ବୁଦ୍ଧିମତା, ଉଦାମତା, ଯୋଦ୍ଧା କୃତିବାସଙ୍କ ଆକସ୍ମିକ ବ୍ରିଟିଶ ବିରୋଧୀ ଅଭିଯାନରେ ସାମିଲ ହୋଇ ସଂଗ୍ରାମୀମାନେ ବ୍ରିଟିଶ ବିରୋଧରେ ଲଢିବା ପାଇଁ ଆଗେଇ ଆସିଲେ। ବାଣପୁରଠାରେ ବ୍ରିଟିଶ କର୍ମଚାରୀଙ୍କୁ ହତ୍ୟା କରିବା ସହ ଥାନା ମଧ୍ୟ ପୋଡ଼ି ଦେଲେ ବିଦ୍ରୋହୀମାନେ। ଏପରିକି କୃତିବାସଙ୍କ ଆତଙ୍କରେ ବ୍ରିଟିଶମାନେ ବାଣପୁର ଛାଡ଼ି ପଳାଇବାକୁ ବାଧ୍ୟ ହେଲେ। ଇଂରେଜଙ୍କ ପ୍ରତିନିଧିତ୍ୱ କରୁଥିବା ବେଲ୍ ସାହେବ ଜୀବନ ବଂଚାଇବା ପାଇଁ ବାଣପୁର ଛାଡ଼ି ଚାଲି ଯାଇଥିଲେ। କୃତିବାସଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ୧୮୩୬ ମସିହା ଜୁନ ୪, ୫, ଓ ୬ ତାରିଖ ଏହି ତିନି ଦିନ ପାଇଁ ବାଣପୁରକୁ ସ୍ୱାଧୀନ ଘୋଷଣା କଲେ। କୁହାଯାଏ ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ବାଣପୁର ସ୍ୱାଧିନତାର ସ୍ୱାଦ ଚାଖିଥିଲା। ୧୮୩୬ ମସିହାରେ ବାଣପୁରର ଏହି ବିଦ୍ରୋହରେ ଇଂରେଜମାନେ ପରାସ୍ତ ହୋଇଥିଲେ। ଯାହାକି ଉନ୍ନବିଂଶ ଶତାବ୍ଦୀର ଏକ ଶ୍ରେଷ୍ଠତମ ବ୍ରିଟିଶ ବିରୋଧି ବିଦ୍ରୋହ।

କୃତିବାସ ପାଟ୍ଟଶାଣୀ ଇଂରେଜମାନଙ୍କ ନିଦ ହଜାଇ ଦେଇଥିଲେ। ଇଂରେଜମାନେ କଳେବଳେ ଯେ କୌଣସି ଉପାୟରେ କୃତିବାସଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିଲେ । ଶେଷରେ ସେମାନେ ସେଥିରେ ସଫଳ ହୋଇଥିଲେ। କିଛି ବ୍ରିଟିଶ ସମର୍ଥିତ କୁଚକ୍ରୀ ଗୋଷ୍ଠୀ ଚକ୍ରାନ୍ତ କରି କୃତିବାସ ପାଟ୍ଟଶାଣୀଙ୍କୁ ବ୍ରିଟିଶମାନଙ୍କ ହାତରେ ଧରାଇ ଦେଲେ। ବିଦ୍ରୋହ ଦମନ ପରେ ୯ମାସ ଧରି ବିଚାର ଚାଲିବା ପରେ କଟକର କମିଶନର ତା. ୨୫/୦୩/୧୮୩୭ରିଖ ଚିଠି ନଂ. ୬୧୦ରେ ବ୍ରିଟିଶ ସରକାରଙ୍କ ପଠାଇଥିବା ଚିଠି ମୁତାବକ ଶରଣ ସିଂହ, କୃତିବାସ ପାଟ୍ଟଶାଣୀ, ଶିବୁ ନାୟକ ଓ ପିଣ୍ଡିକୀ-୪ ଜଣଙ୍କୁ ଆଜୀବନ ଦୀପାନ୍ତର ଦଣ୍ଡ, ଜଳଧର ନାୟକ ଓ ଅନ୍ୟ ୨୨ଜଣଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ, ଶୁକଦେବ ଦାସ ଓ ଅନ୍ୟ ୩୭ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ନୀଲୁ ସାହୁ ଓ ଅନ୍ୟ ୧୪ଜଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିଲା। ଇଂରେଜମାନଙ୍କ ଆଗମନ ଖ୍ରୀ.ଅ ୧୮୦୩ ରୁ ୧୮୩୬ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷ ଧରି ଓଡ଼ିଶା ମାଟିରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଓଡ଼ିଆ ଜାତୀୟତାବୋଧର ପାରାକାଷ୍ଠା ପ୍ରଦର୍ଶନ କରେ।

ସ୍ୱାଧୀନତା ସଂଗ୍ରାମୀ ବୀର କୃତିବାସ ପାଟ୍ଟଶାଣୀ କଳାପାଣି ଦଣ୍ଡ ଭୋଗିଥିଲେ। ଜୀବନର ବାକି ସମୟତକ ସେ ସେହି ଆଣ୍ଡାମାନ ଦ୍ୱୀପରେ କଟାଇଥିଲେ ବୋଲି ଲୋକଶ୍ରୁତିରୁ ଜଣାପଡ଼େ। ତାଙ୍କ ଜୀବନର ଅନ୍ତିମ ପରିଣତି ବିଷୟରେ ଏଯାବତ୍ ଇତିହାସ ନୀରବ। ନା ଅଛନ୍ତି ସେଦିନର ସେ ଇଂରେଜ ଶାସକ ନାଁ ଅଛି ବିଦ୍ରୋହ ନା ଅଛନ୍ତି ବୀର କୃତିବାସ ପାଟ୍ଟଶାଣୀ ? କିନ୍ତୁ ସ୍ମୃତି ସଂଗେ ବଂଚି ରହିଛି ବାଣପୁର, ଟିକିରାଇ ଠାକୁରାଣୀ, ଜନ୍ମଭୂମି ଦେଓଗାଁ। ସ୍ୱାଧୀନତାର ସ୍ୱାଦ ଚାଖିଥିବା କୃତିବାସଙ୍କ ବଂଶଜ, ନାତିଅଣନାତି, ପଣନାତି ମନେ ପକାନ୍ତି ସେଦିନର କଥା। ଦେଓଗାଁର ସେହି ପାଟ୍ଟଶାଣୀ ବଂଶର କାନ୍ଥରେ ଝୁଲୁଥିବା ତରବାରୀମାନେ ଲାଗନ୍ତି ସତେ ଯେମିତି ସେମାନେ ଅପେକ୍ଷା କରିଛନ୍ତି ତାଙ୍କର ସେହି ବୀରବାହୁ କୃତିବାସଙ୍କ ଫେରିବା ବାଟକୁ। "ହେ, ବୀର ତୁମେ ତ ଆଉ ଫେରିବନି, ତୁମର ଏ ଅଫେରା ବାଟକୁ ତୁମକୁ ଆଜି ସଲାମ କରୁଛି ଏ ଓଡ଼ିଆ ଜାତି"।

ଅଧିବକ୍ତା, ଭୁବନେଶ୍ୱର
ସାନନୂଆଗାଁ, ରେତଙ୍ଗ, ଖୋର୍ଦ୍ଧା
ଦୂରଭାଷ : ୮୨୪୯୪୭୧୮୪୮

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



ପୁଷ୍ପାରାଣୀ ପଟେଲ

ଭାଗ-୧୧

*ପୂର୍ବାଭାଷ*

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ .... !!*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶୀଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୂଲ କହୁଛି, ପୂରବୀ?*

**(ପୂର୍ବପ୍ରକାଶ ଉତ୍ତାରୁ)**

ଉତ୍ତର ମିଳେ। ବଡ଼ଭାଇ ଦୁହିଁଙ୍କର କେବଳ ଗୋଟିଏ ଲେଖାଏଁ କୋଷ୍ଠୀ। ମୋ'ର କିନ୍ତୁ ତିଆରି ହେଇଥାଏ କେତେ କେତେ କୋଷ୍ଠୀ।

ଗୋଟିଏ ଗୋଲାପି ଖୋଳଥିବା ମଲାଟ ବନ୍ଧା ଖାତା। ପୁଣି ଗ୍ରହ ବିଚାର ପାଇଁ ଗାର ଟାଣି ହିସାବ ହେଇଥିବା ଗୋଟିଏ ତାଳପତ୍ର ଲେଖା। ଆହୁରିବି ଗୋଟିଏ ସାଦା କାଗଜରେ ମୋ'ର ଜନ୍ମ ସମୟର ସଠିକ୍ ବିବରଣୀ। କେବଳ ଉପସ୍ଥିତ ଥିବା ଲୋକଙ୍କର ମୁହଁର ଭାବକୁ ଛାଡି ଦେଲେ ଆଉ ପ୍ରତ୍ୟେକଟି ଜିନିଷର ସଠିକ୍ ଧାରଣା ମିଳିଯାଏ ମୋ'ତେ।

ମୁଁ ଖୋଜେ। ବାରମ୍ବାର ପଢ଼େ। ସେଇ ତାଳପତ୍ର ଓ ତା' ଉପରେ ଗୁଡା ହେଇଥିବା କାଗଜ ଏବଂ ଗୋଲାପି ଖାତା ମୋ'ର ସବୁ ପ୍ରଶ୍ନର ଉତ୍ତର ରଖନ୍ତି।

ମୁଁ କହେ - 'ଆଃ! କେତେ ଯେ ଭଲପାଇବା ସମସ୍ତଙ୍କର!' ତଥାପି ଏ ଝିଅ ମାନଙ୍କର ମନ କେଜାଣି କେଉଁ ଧାତୁରେ ଗଢ଼ା? ଏତେ ଭଲ ପାଇବା ବି ଊଣା ପରି ଲାଗେ ତାଙ୍କୁ। ସେମାନେ ଛୋଟବେଳୁ ଖୋଜି ବସନ୍ତି ନିଜର ସଂସାରଟିଏ। ଯାହାକୁ ସଜେଇବେ, ଗଢ଼ିବେ ସେମାନେ ତାଙ୍କର ମନ ମୁତାବକ। ଏତେ ସ୍ନେହ, ପ୍ରେମକୁ ଭୁଲେଇ ଦେଇ ଆଉ କାହାର ପ୍ରେମରେ ଆଜୀବନ ବାନ୍ଧି ହେଇଯିବା ପାଇଁ ଘଡିଏ ଲାଗେନି ତାଙ୍କୁ। ଆଉ ଗୋଟିଏ ପରିବାର ପାଇଁ ଜନ୍ମରୁ ସ୍ୱପ୍ନ ବୁଣନ୍ତି ସେମାନେ। କାହା ଭାଗ୍ୟରେ ଲେଖା ହେଇଥାଏ ତା' ମନ ପସନ୍ଦର ରାଜମହଲ ଓ ରାଜକୁମାର ତ ପୁଣି କିଏ ସାରା ଜୀବନ ନିଜ ଦୁର୍ଭାଗ୍ୟକୁ ସୌଭାଗ୍ୟରେ ବଦଳେଇ ଦେବା ଚେଷ୍ଟାରେ ଜୀବନଟିଏ ବିତାଇଦିଏ।

ମୁଁ ସେଇ ରେଖାମାନଙ୍କ ଭିତରେ ମୋ' ଭାଗ୍ୟକୁ ଖୋଜେ। ଓଲଟାଏ ପୃଷ୍ଠା ପରେ ପୃଷ୍ଠା, ସେଇ ଗୋଲାପି ଖାତାର।

ଲେଖାଥାଏ ଆଦ୍ରା ମିଥୁନ। ରାଶି, ନକ୍ଷତ୍ର। ତିଥି, ଲଗ୍ନ। ମୁଁ ଆଗକୁ ବଢ଼େ। ପଢ଼ି ଚାଲେ। ରାହୁଙ୍କ ପ୍ରବେଶ। କେତୁଙ୍କର ଆଗମନ। ଚନ୍ଦ୍ରଙ୍କର ରବିଗୃହରେ ପ୍ରବେଶ। ମୁଁ ବଢ଼େ। ଆଗକୁ ଆଗକୁ। ଦେଖୁଥାଏ ଶୁଭ ଲାଭ। ଅଶୁଭ ସମୟ - ନିରାକରଣର ଉପାୟ। ସାମୟିକ ଶରୀର ପୀଡା...। ଏସବୁରେ ମନଲାଗେନା ମୋ'ର। ମୁଁ ଶୀଘ୍ରତାରେ ଓଲଟାଇ ପକାଏ ଆଉ ଗୋଟିଏ ପୃଷ୍ଠା।

ମୁଁ ଦୌଡୁଥାଏ ମୋ' ମନ ଭିତରେ। ମୋତେ ସେଇ ପୃଷ୍ଠା ପାଖରେ ପହଞ୍ଚିବାର ଅଛି, ଯେଉଁଠି ଲେଖାଥିବ ବିବାହ ଯୋଗ। ସନ୍ତାନ ସଂଖ୍ୟା। ଏସବୁ ମୋ'ତେ ଜାଣିବାର ଅଛି। ଏକଥା ସତ .... ତେବେ ଲୁଚି ଲୁଚି। ସମସ୍ତଙ୍କ ଅଜାଣତରେ। କାହାକୁ ନ ଜଣାଇ। ତେଣୁ ଭିତରେ ଭିତରେ ଖୁବ୍ ବ୍ୟସ୍ତତା ଅନୁଭବ କରେ ମୁଁ। ଫର୍ଦ୍ଦ ଫର୍ଦ୍ଦ ଓଲଟାଇ ଚାଲିଥିବା ମୋ' ହାତ ଓ କ'ଣ ଖୋଜି ବୁଲୁଥିବା ମୋ' ହୃଦୟ ଭିତରେ ସଠିକ୍ ତାଳମେଳ ରୁହେନି। ମୁଁ ବ୍ୟସ୍ତ ହେଇଉଠେ।



ସେ ପୃଷ୍ଠାରେ ପହଞ୍ଚିଲା ପରେ ବି କେଉଁ ଶାନ୍ତି ମିଳେ ଯେ! ସେଇ ସମାନ ଅସ୍ଥିରତା। କାହିଁ ... କେଉଁଠି ବି ଲେଖାନଥାଏ, କେମିତି ହେଇଥିବେ ସେ! ମୁଁ ତାଙ୍କ ମନ ପସନ୍ଦର ହେଇଥିବି ତ? ଯଦି ଜାଣି ହୁଅନ୍ତା କିଛି, ଆଜି, ଏଇ ମୁହୂର୍ତ୍ତରୁ ସଜାଡି ନିଅନ୍ତି ନିଜକୁ। ଠିକ୍ ସେମିତି, ଯେମିତି ସେ ଚାହାଁନ୍ତି।

ନିଜକୁ ଅନ୍ୟର ମନ ମୁତାବକ ଗଢ଼ି ନେବାର ଏ ଯେଉଁ ଆଗ୍ରହ ତାହା ଠାକୁର କ'ଣ ଜନ୍ମରୁ ହିଁ ପୁରେଇ ଦେଇଥାନ୍ତି ନାରୀଟି ଭିତରେ?

ଛାଡ଼ ....!

ଏବେ ଯେଉଁମାନେ ମୋତେ ଏତେ ଭଲ ପାଉଛନ୍ତି, ତାଙ୍କ ହିସାବରେ ନିଜକୁ ଗଢ଼ିନେବା କ'ଣ ମୋ'ର କର୍ତ୍ତବ୍ୟ ନୁହେଁ?

ଏ ପ୍ରଶ୍ନର ଉତ୍ତରରେ ମୁଁ ଫେରିଆସେ ବର୍ତ୍ତମାନ ପାଖକୁ। ମନ ଓ ଶରୀରକୁ ପୁଣି ଭାରସାମ୍ୟ ରଖିବାକୁ ବୁଝାଏ। ଧୀର ଚିତ୍ତରେ ସବୁ କୋଷ୍ଠୀ, କାଗଜ, ତାଳପତ୍ରକୁ ତାଙ୍କର ପୂର୍ବାବସ୍ଥାରେ ସାଇତି ରଖିଦିଏ।

ଫେରିଯାଏ ..., ମୋ' ଜନ୍ମକୁ ନେଇ ଖୁସି ହେଇଥିବା ସେ ମୋ'ର ଆପଣାର ମଣିଷ ମାନଙ୍କ ପାଖକୁ।

।।୯।।

ବୟସ ବଢ଼ିବା ସହିତ ମନ ଭିତରେ କିନ୍ତୁ ଗଢ଼ି ହେଉଥାଏ ଗୋଟିଏ ରୂପ। ପୁରୁଷର ଛବିଟିଏ। ଆଙ୍କୁ ଥାଏ ମୁଁ ଅହରହ। ମୋ' ନାରୀ ଶିଳ୍ପୀ ହୃଦୟ ଯେଉଁ ରୂପ ଗଢ଼ିଥାଏ, ତା'କୁ ମୁଁ ମୋ' ଅଜାଣତେ ମେଳ କରାଉଥାଏ, ସେଇ ମୋ' ଚାରିପାଖରେ ଭେଟୁଥିବା ପୁରୁଷମାନଙ୍କ ସାଥିରେ।

ସବୁ ଝିଅଙ୍କ ପରି ମୋର ପ୍ରଥମ ପ୍ରେମ ମୋ' ବାପା କି? ମୋ' ବାପା ଖୁବ୍ ଭଲ ପାଆନ୍ତି ମୋତେ। ଆହୁରି ବି ସେ ଖୁବ୍ ଭଲ ପାଆନ୍ତି ସାହିତ୍ୟକୁ। ପଢ଼ନ୍ତି ଗପ, ଉପନ୍ୟାସ .... ଅନେକ କିଛି। ତାଙ୍କ ଦରମାର ଅଧା ଟଙ୍କାର ସେ ବହି କିଣି ନେଇ ଆସନ୍ତି ଘରକୁ। ସେଇ ବହିମାନଙ୍କ ଉପରେ ମଲାଟ ଲଗାନ୍ତି, ଠିକ୍ ପଢ଼ାବହି ପରି। ତା' ଉପରେ କିନ୍ତୁ ନାଆଁ ଲେଖନ୍ତି ମାଆଙ୍କର। କାହିଁକି, କେଜାଣି? ମାଆ କିନ୍ତୁ ଧାର ଧରନ୍ତିନି ସାହିତ୍ୟର। ସେ ଏସବୁ ବାଜେ ଖର୍ଚ୍ଚ କହି ବିରକ୍ତ ହୁଅନ୍ତି। ତାଙ୍କୁ ଭଲ ଲାଗେ ଅନ୍ୟ ନାରୀ ମାନଙ୍କ ପରି ପାଖ ପଡୋଶୀଙ୍କ ସହ ଗପସପ, କଥାବାର୍ତ୍ତା।

ସେଇଠୁ ଆରମ୍ଭ ହୁଏ କଳିଗୋଳ ଓ ତା' ପରେ ବାପାଙ୍କର ମା'ଙ୍କ ପାଇଁ ନିଷ୍ଠୁର ଆକ୍ଷେପ। ମା'ଙ୍କର କାନ୍ଦ। ବାପାଙ୍କର ଗମ୍ଭୀର ମୁହଁ ଓ ଦୁହିଁଙ୍କ ଭିତରେ ଦିଶି ଯାଉଥିବା ଥମ୍ ଥମ୍ ଭାବକୁ ଦେଖି ଶଙ୍କିଯାଏ ମୁଁ। ଭାଇମାନେ ବୁଝି ପାରନ୍ତିନି ଘରର ଏ ଅଖଣ୍ଡ ନୀରବତା ପଛରେ ଲୁଚି ରହିଥିବା ଝଡର କାରଣ। ସେମାନେ ଘରେ ରହିଲେ ସିନା ବୁଝିପାରନ୍ତେ। ସେମାନେ ଯେତାଙ୍କ ସାଙ୍ଗସାଥି ମେଳରେ ମସଗୁଲ୍ ଥାଆନ୍ତି। ଏ ସବୁକୁ କିନ୍ତୁ ଦେଖେ ମୁଁ। ଭୋଗେ ବି ମୁଁ।

*(କ୍ରମଶଃ)*

---

## କିଶୋରୀ କବିତା



### ମଇ ମାସ

**ସୁଧୀର ମେହେର**



ଆହାଃ.......
ଏ ଡହଡହ ଖରାରେ
ଜୀବନ ଜୀଇଁବା ସତରେ କେତେ କଷ୍ଟ!
ଘଡିଏ ଥକ୍କା ମେଣ୍ଟେଇବାକୁ
ଦୂରଦରାନ୍ତ ଯାଏ-ଆଖିକୁ
ଦିଶୁନାହିଁ ଗହଳ ଗଛଟିଏ କି
ଶୀତଳ ଛାଇଟିଏ,
ଶୋଷ ମାରିବାକୁ କୋଉଠି ମିଳୁନି ବି
ପାଣି ମୁନ୍ଦାଏ।
ଏତେ ପରେ ବି
କାହା ମୁଣ୍ଡରେ ବୁଦ୍ଧି ଯୁଟୁନି
କାହା ତୁଣ୍ଡରେ ପଦେ ଆସୁ ନାହିଁ-ଆସ,
ପ୍ରଥମେ ଗଛ ଲଗେଇବା.....
ନିଜ ପାଇଁ
ସୁରକ୍ଷାର ନିର୍ଭୟ ଛାତଟିଏ ତିଆରିବା।
ଜେଜେବାପା କହୁଥିଲେ-ତାଙ୍କ ଅମଳରେ
ଗାଁ ଶେଷ ମୁଣ୍ଡରେ ଥିବା ଝଙ୍କା ବରଗଛ ତଳେ
ହାଟ ବସୁଥିଲା ଖରା ଦିନ ଦି'ପହରେ....
କିଏ ତାସ ପିଟୁଥିଲା ତ
କିଏ ଦୋଳି ଝୁଲୁ ଥିଲା ଆହ୍ଲାଦରେ,
ଲୋକେ ପୁରାଣ ଶୁଣୁଥିଲେ
ଭାଗବତ ଟୁଙ୍ଗିରେ....
ପିଲାଏ ଟାଇଁଟାଇଁ ଦି'ପହର
ଖରାରେ ଡିଆଁ ମାରି
ନାଚୁ ଥିଲେ ପୋଖରୀ ତୁଠରେ ........
କୁଆଡେ ଗଲା
ସେଇ ଦିନ ଗୁଡାକ ସତେ!!
ଏବେ ତ,
ବାହାରେ ଖଇଫୁଟା ତାତି,
ଡହଡହ ରଡନିଆଁ.....
ଘର ଭିତରେ -ଛାତ ଚିରି
ଗଳି ପଡୁଚି ଥୋକ ଥୋକ ନିଆଁ ଝୁଲ,
ଛାତିଥରା ଝାଞ୍ଜି ପବନ
ଭେଦି ପକାଉଛି ହାଡ,ପଞ୍ଜରା......
ସବୁ ଆମ କୃତ କର୍ମର ଫଳ,
ମେଘକୁ ଛୁଇଁ ବା ନିଶାରେ
କାଟି ପକେଇଲୁ ବଣ,ଜଙ୍ଗଲ....
ମାଟି ମାଁର କୋମଳ ଛାତିରେ
ଲଦି ଦେଲୁ କଂକ୍ରିଟର ପାହାଡ.....
ପରିଣାମ ଆମେ ଭୋଗିବୁନି ତ କିଏ ଭୋଗିବ?
ଏବେ,
ନିଜ ଉପରକୁ ଆକାଶ ଛିଣ୍ଡି ପଡିଲା ବଳକୁ
ଡାକ ଛାଡୁଚୁ
ତ୍ରାହି ମମ୍.....ତ୍ରାହି ମମ୍.......
କେଜାଣି,
ଆଗକୁ ଆଉ ପୁଣି କ'ଣ କ'ଣ ହେବ!!

*ଚିଟୈଗୁଡା, ଜୁନାଗଡ଼,*
*କଳାହାଣ୍ଡି,ପିନ୍-୭୬୬୦୧୪*
*ସଂପର୍କ-୯୫୮୩୫୮୮୮୮୭*

---

### ନିରବଧି ନିଆଁ





**ଡ. ଦୀପକ କୁମାର ମିଶ୍ର**

ଜନ୍ମରୁ ଗୋଟାପଣେ ଗୋଟେଇନେଇ
ଥୋଇଦେଲ ଅନ୍ତୁଡ଼ି ନିଆଁରେ
ଚହଲିଗଲା ତାତି
ତାଳୁରୁ ତଳିପା ଯାଏଁ।

ନାଭି ଉପରେ ପାପୁଲିଏ ଖରା
ମାଟିରେ ଭିଜେଇ ଯେଉଁ ଥାପିଦେଲ
ତାହାର ପରାସ ଯାଇନି ଏଯାଏ
ମଝିରେ ମଝିରେ
ଡେଇଁଚି ଆହୁରି ଅନେକ ନିଆଁର ନଈ
ପ୍ରେମରେ, ପାହାଚରେ, ପାହାଡ଼ରେ।

ସଂସାର ନିଆଁ ତ ଅବୋଲକରା
ବୋଲ ମାନେନି ବୋଲି
ନିଃସର୍ତ୍ତ ରାଜିନାମା କଲି
ପରାଜୟର ସ୍ୱୀକାରୋକ୍ତିକୁ
ବିଜୟଟିକା ଭାବି ଦମ୍ଭରେ ଚାଲିଲି।

ଅବିକାର ଡହରା ଖରାକୁ
ତେଣୁ ଖାତିର୍ ନାହିଁ ଜମା
ପୁଞ୍ଜାଏ ମେଘ ମେଳି କଲେ
ଇଏ ପା' ଲୁଚିଯାଏ ଅଜଣା ଡରରେ।

*ଭୁବନେଶ୍ୱର*

---

### ସମୟ ସ୍ରୋତରେ

**ରମେଶ ଚନ୍ଦ୍ର ନାୟକ**



ସମୟର ନଈ ଯାଉଥାଏ ବହି
କେବେ ପଡେ ଭଟ୍ଟା କେବେ ଜୁଆର
ସମୟ ସ୍ରୋତରେ ବଦଳଇ ଋତୁ
କେବେ ଶୀତ କେବେ ଗ୍ରୀଷ୍ମ ପ୍ରଖର।

ହସ ଖୁସି ଖେଳ ହୋଇଯାଏ କାଳ
ଯେବେ ଏ ସମୟ ନ ମାନେ ବୋଲ
ଜଣା ପଡ଼େ ନାହିଁ ଲୁଚି ଥାଏ କାହିଁ
ମାଡ଼ି ସେ ଆସଇ ଧରି ବାଦଲ।

ଫୁଲ ବିଛା ପଥ ହୁଏ କଣ୍ଟକିତ
ହୃଦେ ଭରିଦିଏ ଦୁଃଖ ଯନ୍ତ୍ରଣା
ବିଚଳିତ ମନ ଖୋଜଇ କାରଣ
ଭାବେ ନିଜ କର୍ମ ଦିଏ ପାଉଣା।

ସମୟ ଚକ୍ରରେ ଘୂରନ୍ତି ସକଳେ
କିଏ ହୁଏ ରାଜା କିଏ ଫକୀର
ସାଗର ଗର୍ଭରେ ପାହାଡ଼ ଛିଡ଼ାରେ
ଥରାଇ ଦିଅଇ ହୃଦ ବିଶ୍ୱର।

ଜନ୍ମରୁ ମରଣ ବାଲ୍ୟରୁ ବାର୍ଦ୍ଧକ୍ୟ
ସମୟ କୋଳରେ ସର୍ବେ ଖେଳନ୍ତି
ହାତରେ ନିକିତି ଧରି ସେ ମାପନ୍ତି
କିଏ କେତେ ପାପ ପୂଣ୍ୟ କରନ୍ତି।

ସମୟ ହାତରେ ସଭିଏଁ ଖେଳନା
ମଣିଷ ସମୟ ହାତରେ ଦାସ
ପୂର୍ଣ୍ଣିମୀ ରାତିଟା ହୁଏ ଅମାବାସ୍ୟା
ଯନ୍ତ୍ରଣାରେ ମନ ହୁଏ ହତାଶ।

ସମୟ ତ ଦିନ ସମୟ ତ ରାତି
ସମୟ ଆମର ପରମ ମିତ
ସମୟକୁ ଜଗି କାମ କରିବାରେ
ସଭିଏଁ ମିଳାଇ ତା'ସାଥେ ହାତ।

*ଦରଭା, ମଙ୍ଗଳପୁର , ଯାଜପୁର*
*ଭ୍ରାମ୍ୟଭାଷ : ୭୯୭୮୧୫୧୭୧୦*

---

### କ୍ଷୁଧା

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ସାଗରର ନୀଳ ଢେଉ କ୍ଷୁଧା ନାଶିବାକୁ
ମଥାପିଟେ ବେଳାଭୂମିପରେ
ଚୂନା ଚୂନା କୁନ୍ତଳକୁ ନେଇ
ଫେରିଯାଏ ଘନ ଆହ୍ଲାଦରେ ।
ସୁନୀଳ ଅମ୍ବର ଉପରେ
ତପନ ତରଙ୍ଗ
ଶଶାଙ୍କ ଏବଂ ତାରାପୁଞ୍ଜଙ୍କର
କ୍ଷୁଧାରତ ଆଦି ଅନ୍ତ ନାହିଁ
ପ୍ରତ୍ୟେହ ସନ୍ଧ୍ୟାରେ ଆସି
ଫେରିଯିବା ଅନ୍ୟଥା ନୁହଁଇ ।
ସମୀର ଖେଳାଇ ଦିଏ
କୁସୁମର ହସ
ତା' ବକ୍ଷର କରାଳ ଗର୍ଭରେ
ଲୀନ ହୁଏ ଯେତକ ପ୍ରକୃତି
ତଥାପି ତା ସର୍ବଗ୍ରାସୀ କ୍ଷୁଧା
ଏ ପର୍ଯ୍ୟନ୍ତ ଶାନ୍ତ ହୋଇନାହିଁ ।
କିନ୍ତୁ ଧର୍ମ ନାମେ ବ୍ୟାପକ କ୍ଷୁଧାକୁ
ଈଶ୍ୱରଙ୍କ ଦୟା ଓ ପ୍ରେମକୁ
ପାଇବାର ଆକୁଳତା ନେଇ
ଯେଉଁ କ୍ଷୁଧା ସୃଷ୍ଟି ହୋଇଥାଏ
ସେ'ତ କେବେ ନଇଁ ଯାଇନାହିଁ ।
ତାହାରି ପ୍ରକୋପେ
ସୃଷ୍ଟି ହୁଏ ଅନେକ ତାଣ୍ଡବ
ସେ କ୍ଷୁଧାର ଯଜ୍ଞବେଦୀରୁ
ଅନେକ ହୁଅନ୍ତି ସୃଷ୍ଟ
ବିବେକା ଓ ରାମକୃଷ୍ଣ
ତୁଳସୀ ଓ ଚୈତନ୍ୟ ପର୍ଯ୍ୟନ୍ତ ।
ସେ କ୍ଷୁଧାର ଆଦି ଅନ୍ତ ନାହିଁ
ତା' ପାଦେ ପ୍ରଣତି ବାଢ଼େ
ଏ ସୃଷ୍ଟିର ସୃଷ୍ଟିକର୍ତ୍ତା
ନିଜ ମଥାକୁ ନୁଆଁଇ ।

*ଦାମୋଦରପୁର, ଗଂଜାମ*
*ଭ୍ରାମ୍ୟଭାଷ:୮୮୯୫୧୪୧୭୨୭*

---

# ପୋତାନଈ

**ମନୋଜ ମହାନ୍ତି**





*(ପୂର୍ବପ୍ରକାଶ ଉତ୍ତାରୁ)*

ଡାକ୍ ସେମାନଙ୍କୁ। ଫେରାଇ ନିଅନ୍ତୁ ତାଙ୍କ କୁଟୁମ୍ବକୁ ଗାଁକୁ। ବେଣାମଡା ଜମିର ଧାନ କିଆରୀ ହସୁ। କଣ୍ଡିଆରେ କଖାରୁ ଲଟାଉ। ଏକାଠି ରନ୍ଧା ହେଉ। ମୁଁ ବସିବାକୁ ରାଜି ଅଛି ଗୋଟେ ପଙ୍ଗତରେ।

ଡାକ, ଗୋବିନ୍ଦ ରାଉତକୁ! ତା' ଜାଗା ଫେରାଇଦେବା ପାରାଦୀପରେ। କାଠ ଡଙ୍ଗାରେ ମାଛ ମାରୁ। ଆମ ଲୋକେ ଖାଆନ୍ତୁ ଚିଙ୍ଗୁଡ଼ି ଇଲିସି। ଡାକ୍ ସେମାନଙ୍କୁ ଫେରାନ୍ତୁ ଆଉ ଫେରାଇ ଆଣନ୍ତୁ ଆମ ଆକାଶ, ଆମ ମାଟି, ଆମ ସମୁଦ୍ର।

କୁହ ସେମାନଙ୍କୁ ସେପଟେ ଉପରମୁଣ୍ଡରେ ଡ୍ୟାମ୍, ବ୍ୟାରେଜ୍, ଜେତିକି ହେଲା ସେତିକି ଥାଉ। ନଦୀ ନାଳକୁ ପୋଖରି କରି ନ ଦିଅନ୍ତୁ। ନଈ ନାଳକୁ ମୁକୁଳା ଛାଡନ୍ତୁ। ମୁହାଁଣରେ ପୁଣି ଆଗପରି ଇଲିସି ମାଛ ବଢ଼ନ୍ତୁ।

କୁହ ସେମାନଙ୍କୁ ଗାଁ ସବୁକୁ ସହର କରି ନ ଦିଅନ୍ତୁ। ଚାଷ ଜମିକୁ ଘରଡିହ କରି ବିଲ୍ଡର ପାଖରେ ବିକି ନ ଦିଅନ୍ତୁ। ଥାଳିରୁ ଭାତ ହଜିଲା! ବାଡିରୁ ସଜନା ସାଗ, ବିଲରୁ ମୁଗଡାଲି, କଣ୍ଡିଆର ବିନା ସାରଦିଆ ପରିବା ହଜିଲା। ନିଜ ନଈ ପୋଖରିର ମାଛ ହରେଇ ଆନ୍ଧ୍ରର ବରଫ ଦିଆ ରୋହି ମାଛରେ କି ସୁଆଦ ଥାଏ କି ରେ?

ସେପଟେ ଜଙ୍ଗଲ କାଟିଲେ, ପାହାଡ ତାଡିଲେ। ବାଲିରେ ନଦୀ ଶଯ୍ୟା ପୋତି ହେଇଗଲା। ସେଇ ବ୍ରାହ୍ମଣି, ବୈତରଣୀ ରେ ଗଣ୍ଡବୁଡା ପାଣି କାହିଁ କି ରେ? ବେଙ୍ଗ ମୁତ କୁ ବର୍ଷା ସରି ନାହିଁ, କ'ଣ ନା ବନ୍ୟା! ତୁ କହିପାରୁ ଆଇ ମା' କାହାଣୀ!

ପୋତାନଈ ଗାଁର ମୋର ପିଲାବେଳ କଟିଚି। ବାସ୍ ଆଉସବୁ ବାପାଙ୍କଠୁଁ ଶୁଣି ଯା'ବି ମନେ ରଖିଛି ଏସବୁ କାହାଣୀ ପରି ଲାଗୁଛି ତ!

ମୁଁ ତା ପିଠିରେ ହାତ ଥାପୁଡିଲି, କହିଲି- ନା.... ନା.... ଏସବୁ ଥିଲାରେ ଭାଇ। ଏଇ ଦେଖୁନୁ ସେପଟରେ ଅଳକା ନଈର ଅସ୍ତିତ୍ୱ ଆଉ ଅଛି ନା? ମୋ ବାପାତ କହୁଥିଲେ ତାଙ୍କ ପିଲା ସମୟରୁ ଅଳକାରେ କୁମ୍ଭୀର ରହୁଥିଲେ। ଏବେ ମାଛଟାଏ ଅଛି ଭଲା! ହେଇ ପା' ନଇ କୁ ପୋତି ତା ଉପର ଘର କଲେଣି। ଆଉ କା' ଘରେ ଜାଲ ଖଣ୍ଡେ ଅଛି ନା? ସକାଳୁ ବ୍ୟାଗ ଧରି ବଜାର ମୁହାଁ, ଆଉ ଆନ୍ଧ୍ର ଟ୍ରକ୍କୁ ଜଗି ବସିଲୁ ଓଡିଆଏ। ଆଉ ରହିଗଲା କ'ଣ କି?

ହେଇ ଦେଖୁନୁ, ସେଇ ଆନ୍ଧ୍ର ମଣିଷ ଆମରି ଓଡ଼ିଶାରେ ପା' ମୂଳ ଲାଗୁଥିଲେ, ରିକ୍ସା ଟାଣୁଥିଲେ। ତାଙ୍କରି ସରକାର କଲା କ'ଣ ନା ଜମି ବନ୍ଦୋବସ୍ତ କରି ଚାଷ ଉପରେ ଗୁରୁତ୍ୱ ଦେଲା। ସେମାନେ ଉଧେଇଲେ ଆମ ଲୋକେଗଲେ ତାଙ୍କରୀ ଇଟାଭାଟିକୁ ଦାଦନ ଖଟିବାକୁ। ଏହା କ'ଣ ବିଡମ୍ବନା ନୁହେଁ?

ସେମାନେ ଜମିକୁ ଗୁରୁତ୍ୱ ଦେଲେ, ଆମେ ଜମିକୁ ଢ଼ିଅ ତିଆରିଲୁ!

ସେପଟେ ଦେଖ ପାହାଡି ଲୋକେ ଆନ୍ଦୋଳନ କଲେଣି ନିଜ ଜମି, ଜଙ୍ଗଲ ଓ ପାହାଡର ସୁରକ୍ଷା ପାଇଁ। ଆମର ଏପଟେ ଢ଼ିଙ୍କିଆର ଲୋକେ ଆନ୍ଦୋଳନ କଲେଣି, ଜମି, ପାନବରଜ ପାଇଁ। କିଛି ତ ଗୋଟେ ପରିବେଶ ସୁରକ୍ଷା ପାଇଁ ଚାଲିଛି ଆନ୍ଦୋଳନ।

ସେ ହାଇ ମାରିଲା, କହିଲା-ଠିକ୍ ଯେ ଆନ୍ଦୋଳନ ଟା ତ ସେଇଠି ସେଇ ଗୋଟିଏ ଅଞ୍ଚଳର ଲୋକଙ୍କ ଭିତରେ ସିମିତ ରହୁଛି। କାଇଁ ସେଇ ମଣିଷ ମାନଙ୍କୁ ଦ୍ରୋହୀ କହି ପୋଲିସ୍ ଉଠାଇ ନେଲାବେଳେ ଆମର କ'ଣ ଦାୟିତ୍ୱ ନାହିଁ। ସାରା ଓଡ଼ିଶା ଏକ ହୋଇ ସ୍ୱରକୁ ତିବ୍ର କରିବାରେ।

ସେ କହିଲା- ଆନ୍ଦୋଳନ ଟା ଆରମ୍ଭ ହେଉ ନିଜ ପରିବାରରୁ, ନିଜ ଗାଁରୁ, ସେଠୁ ତା' ସଂଚରୀ ଯାଉ ବ୍ଲକକୁ, ସେଠୁ ଜିଲ୍ଲା ଆଉ ପୁରା ରାଜ୍ୟଟା ଉଠିଆସୁ ଜନପକ୍ଷଧର ହୋଇ।

ସେ ପୁଣି କହିଲା- ଛାଡ ଛାଡ୍ ଆମେତ ନିଜ ସ୍ୱାର୍ଥ ପାଇଁ ନିଜ ଭାଇକୁ ହଣାମୁହଁକୁ ଠେଲୁଛେ ଆଉ ସରକାରତ ଲାଞ୍ଚମିଛରେ ନିର୍ବାଚନ ପାର ହୋଇ ଲୋକଙ୍କୁ ମଦ-ମାଂସରେ କିଣି ନେଉଛି। ରାଜନିତିଟା ତ ସମାଜ ବିଧି ବ୍ୟବସ୍ଥାକୁ କଳୁଷିତ କରି ପରିବାର ଭିତରେ ପାଚେରି ତିଆରିଲାଣି।

ହେଇ ଦେଖୁନୁ ଏଣେ ମୁହାଣ ସବୁ ପୁନଃ ଉଦ୍ଧାର ପାଇଁ ଟଙ୍କା ଆଉଚି। କ'ଣ ନା ବର୍ଷା ଦିନେ ବନ୍ୟାପାଣି ସିଧା ସଳଖ ସମୁଦ୍ରରେ ମିଶିବାକୁ ସହଜ ହୋଇଯିବ। ହେଲେ ମୁଳ ସମସ୍ୟା ଟା କ'ଣ ସେକଥା କେହି ବୁଝୁ ନାହାନ୍ତି। ମୁ କହିଲି ପରା ବେଙ୍ଗମୁତ କୁ ବନ୍ୟା। ନଦୀ ଶଯ୍ୟାତ ପୋତି ହେଲାଣି। ପ୍ରାକୃତିକ ନାଳ ସବୁ ମୃତ। ଏଇଠି ପା ରାଜଧାନୀରେ ଡ୍ରେନପାଣିରେ ବନ୍ୟା ହୁଏ।

ଶଃ ଶଳା ନଈରେ ତ ବର୍ଷାର କେଇଟା ଦିନକୁ ଛାଡିଲେ ପାଣିର ଧାର ନାହିଁ ଆଉ ଏମାନେ ମୁହାଣ ସବୁ ଖୋଳି ସମୁଦ୍ରକୁ ବୁହାଇ ଦେବେ ନଈ ଆଡକୁ! ହାଃ.... ହାଃ..... ହା...ଃ

**-୦ ସମାପ୍ତ ୦-**

*ଜୁନାଗଡ, କଳାହାଣ୍ଡି-୭୬୬୦୧୪*
*ମୋ-୯୪୩୭୩ ୨୮୭୫୮*

# ବିଜେଡି ପ୍ରଚାରରେ ପାଣ୍ଡିଆନ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଏବେ ସାରା ଓଡ଼ିଶାର ହଟ୍ ସିଟ୍ ପାଲଟିଛି । ଏଠି କେବେ ବିଜେଡ଼ି ତ କେବେ କଂଗ୍ରେସ ଏଇ ଆସନରେ ବିଜୟ ଲାଭ କରିଥିବା ବେଳେ ସବୁଠୁ ଅଧିକ କଂଗ୍ରେସ ଦଳ ଏଠି ରାଜ୍ କରିଛି । ହେଲେ ଚଳିତ ନିର୍ବାଚନରେ କିନ୍ତୁ ଏଠି କିଛି ଅଲଗା ହେବାକୁ ଯାଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏଠାକାର ଲୋକେ କିନ୍ତୁ ଶାସକ ଦଳ ଉପରେ ଖୁବ୍ ରାଗିକି ଥିବା ବିଶେଷ ସୂତ୍ରରୁ ଜଣା ପଡ଼ିଛି । ଅଞ୍ଚଳରେ ଅନେକ ସମସ୍ୟା ଲାଗି ରହିଥିବା ବେଳେ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ଅନେକ ଯୋଜନା ଏଠି ପ୍ରଣୟନ କରିଛନ୍ତି କିନ୍ତୁ ତାହା ଏଯାଏଁ କାର୍ଯ୍ୟକାରୀ ହୋଇ ପାରିନି । ଏଠି ଶାସକ ଦଳର ପତିଆରା କମି କମି ଯାଉଥିବା ବେଳେ ବିରୋଧୀଙ୍କ ପତିଆରା ବଢ଼ି ଚାଲିଛି । ଫଳରେ କଳେ ବଳେ କୌଶଳେ ଲକ୍ଷ୍ମୀପୁର ସିଟ୍‌କୁ ଦଖଲ କରିବା ପାଇଁ ବିଜେଡ଼ି ଦଳ ଜୋର୍ ସୋର୍ ରେ ଲାଗି ପଡ଼ିଛି । ବିରୋଧୀଙ୍କ ଲୋକ ସମ୍ପର୍କ ଦେଖି ଶାସକ ଦଳ ଏକ ବାର୍ ଛାନିଆ ହୋ ପଡ଼ିଥିବା ବେଳେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦସମନ୍ତୁପୁର ଠାରେ ଶ୍ରୀଯୁକ୍ତ ପାଣ୍ଡିଆନ୍ ତରବରିଆ ପ୍ରଚାର ଆରମ୍ଭ କରିଛନ୍ତି ।ଶ୍ରୀଯୁକ୍ତ ପାଣ୍ଡିଆନ୍ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଦସମନ୍ତୁପୁର ଠାରେ ଅବତୀର୍ଣ୍ଣ କରି ଏଠାକାର ମନ୍ଦିର ଓ ମସଜିଦ ପାଇଁ ପାଣ୍ଠି ପ୍ରଦାନ, ୫-ଟି ଜରିଆରେ ଅନେକ ଶିକ୍ଷାନୁଷ୍ଠାନ ଗୁଡ଼ିକର ରୁପାନ୍ତିକରଣ, ବିଜୁ ସ୍ୱାସ୍ଥ୍ୟ ଯୋଜନା, ସ୍ୱୟଂ ସହକ ଗୋଷ୍ଠିକୁ ବିନା ସୁଧରେ ଲୋନ ପ୍ରଦାନ ଭଳି ଯୋଜନା ବିଷୟରେ କହିବା ସହ ବିଜେଡ଼ି ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ଅଞ୍ଚଳର ମୌଳିକ ସୁବିଧା ବିଷୟରେ ଜାଣିବାକୁ ତାଙ୍କ ପାଖେ ସମୟ ନଥିଲା । ଏହା ଏକ ପ୍ରକାର ଭୋଟ ରାଜନୀତି ବୋଲି ଏଥିରୁ ସ୍ପଷ୍ଟ ବାରି ହେଉଛି । ଲକ୍ଷ୍ମୀପୁର ବ୍ଲକ୍ ବୁର୍ଜା ପଞ୍ଚାୟତ ସଦରରେ ପାନୀୟ ଜଳ ସମସ୍ୟାରେ ଉବୁଟୁବୁ ହେଉଥିବା ବେଳେ କୁକ୍ରାଝୋଲ ଗ୍ରାମ ରାସ୍ତାଟିଏ ପାଇଁ ଅନେକ ବର୍ଷ ହେଲାଣି ଅନାଇ ବସିଛି । ପିପଳପଦର୍ ପଞ୍ଚାୟତରେ ରାସ୍ତା ସମସ୍ୟା ସହ ପାହାଡିଆ ନଦୀ ବାଘମାରି ଗ୍ରାମର ଦୁଃଖ ପାଲଟିଛି । ଭିତର ଗଡ ପଞ୍ଚାୟତର ଜାନୀ ଗୁଡ଼ା ଗ୍ରାମବାସୀ ରାସ୍ତା ସମସ୍ୟା ସହ ପାନୀୟ ଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି । ଏଇ ଭଳି ଅନେକ ସମସ୍ୟାରେ ଲକ୍ଷ୍ମୀପୁର ବ୍ଲକ୍ ପଡ଼ିଥିବା ବେଳେ ରାଜ୍ୟ ସରକାରଙ୍କ ୫-ଟି' ସଚିବ ପାଣ୍ଡିଆନ୍ ବାବୁ କିନ୍ତୁ ସେଥି ପ୍ରତି ନଜର ନଦେଇ ସବୁ କିଛି ଠିକ୍ ଚାଲିଛି ବୋଲି ପ୍ରଚାର କରୁଛନ୍ତି । ସେତିକି ନୁହଁ ଅନେକ ଗ୍ରାମ ଏବେବି ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଭୋଟ ବର୍ଜନ କରିବାକୁ ଧମକ ଦେଉଥିବା ବେଳେ ପ୍ରତ୍ୟେକ ଅଞ୍ଚଳରେ ବିକାଶ କାର୍ଯ୍ୟ କଣ ହୋଇଛି ତାହା ଏଥିରୁ ଠିକ୍ ବୁଝା ପଡୁଛି । ଶାସକ ଦଳ ଓଡିଶାକୁ କେବଳ ବିକାଶରୁ ବଞ୍ଚିତ ରଖିନି ବରଂ ସରକାରୀ କର୍ମଚାରୀଙ୍କୁ ମଧ୍ୟ ତାର ସ୍ୱାର୍ଥ ପାଇଁ ବ୍ୟବହାର କରିଛି । ଯାହାର ଏକ ଉଦାହରଣ ପାଣ୍ଡିଆନ୍‌ଙ୍କ ଦଶମନ୍ତପୁର ଗସ୍ତ ସମୟରେ ସାମନାକୁ ଆସିଛି । ଜଣେ ସରକାରୀ ଓକିଲ ତାଙ୍କର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଏବେ ସୋସିଆଲ ମିଡିଆରେ ଭାଇଆରାଲ ହେଉଥିବା ବେଳେ ବିରୋଧୀଙ୍କ ପାଇଁ ଏକ ମୋଉକା ମିଳିଯାଇଛି । ତଥାପି ଭୋଟର୍ କାହାକୁ ନିଜର ମୋଟ ସାବ୍ୟସ୍ତ କରୁଛନ୍ତି ତାହା ଆଗାମୀ ଜୁନ ମାସ ଚାରି ତାରିଖକୁ ସବୁରି ନଜର ଅନାଇ ବସିଛି ।

# ନୂଆମୁହଁ ଚାହୁଁଛନ୍ତି ଭୋଟର୍

**ଲକ୍ଷ୍ମୀପୁର :** ଆରମ୍ଭ ହେଲା ନିର୍ବାଚନୀ ପରବ । ୨୦୧୯ରୁ ଆଜିଯାଏଁ କୌଣସି ନେତାଙ୍କ ଦେଖା ନଥିଲା । ଗତ ପାଞ୍ଚ ବର୍ଷ ମଧ୍ୟରେ ଅଞ୍ଚଳ ସେମିତି କିଛି ଆଖି ଦୃଷିୟା କାମ ହୋଇ ନଥିଲା ବେଳେ ଭୋଟର୍ ଯାହାକୁ ଭୋଟ ଦେଇ ଜିତାଇ ଥିଲେ ତାଙ୍କ ମୁହଁ ବି ଥରୁଟିଏ ଦେଖି ପାରିଲେ ନାହିଁ । ଏବେ ସମୟ ଆସିଛି ଭୋଟରଙ୍କର । ପ୍ରତିଶ୍ରୁତି ଦେଇ ଭୁଲିଯିବା ନେତାଙ୍କୁ ପାନେ ଦେବା ପାଇଁ ଏବେ ଭୋଟର ମାନେ ମନ ବାଳାଇଛନ୍ତି । ଭୋଟରଙ୍କ ପାଇଁ ଉଚିତ୍ ପ୍ରାର୍ଥୀ ବାଛିବାର ସମୟ ଆସିଯାଇଛି । ଅନେକ ଦୁର୍ଗମ ଅଞ୍ଚଳବାସି ଶାସକ ଦଳର ନେତାଙ୍କୁ ଭୋଟ ଦେବା ପରେ ଅଞ୍ଚଳରେ କିକି ଅସୁବିଧା ଦେଖା ଦେଇଛି ତାହା ଏବେ ବାଖାଣୁଛନ୍ତି । ସବୁଠୁ ଅଧିକ ଏହି ନିର୍ବାଚନ ମଣ୍ଡଳୀରେ ଦାଦନ ଦୁଃଖ ଦୂର ହେବାର ନାଁ ଧରୁନି । ଏଠି କାମ ମିଳୁ ନଥିବାରୁ ଅନେକ ଖଟି ଖିଆ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଜିବା ପାଇଁ ବାଧ ହେଉଛନ୍ତି । ସରକାରୀ ବାବୁ ନେତାଙ୍କ ହାତରେ ବନ୍ଧା ହେଇଥିବାରୁ ଅଞ୍ଚଳ ବିକାଶ ହୋଇପାରୁନି । ତେଣୁ କିଛି ପରିବର୍ତ୍ତନ ଆସିବା ଦରକାର୍ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାର ୨୫ ବର୍ଷ ଧରି ଶାସନ ଗାଦି ରେ ବସିକି ରହିଲେ ହେଲେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଥିବା ଚାରିଟି ବ୍ଲକ୍ ପାଇଁ କିଛି ଉନ୍ନତି ମୂଳକ କାର୍ଯ୍ୟ କରିପାରିଲେ ନାହିଁ । ଯାହାକୁନେଇ ଏବେ ଲୋକଙ୍କ ମଧ୍ୟରେ ପ୍ରତିଶୋଧର ନିଆଁ ଜଳୁଛି । ଏଥରକ ନୂଆ ଦଳ ସହ ନୂଆ ମୁହଁକୁ ସାଂସଦ ଓ ବିଧାୟକ ଭାବେ ଲୋକେ ଚାହୁଁଛନ୍ତି । ଆଗକୁ ଏହା ସତ୍ୟ ପ୍ରମାଣ ହେଇ ପାରୁଚିକି ନାହିଁ ତାହା ଆଗାମୀ ଦିନରେ ଜଣା ପଡ଼ିବାକୁ ସବୁରି ଅପେକ୍ଷା ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖର୍ଚ୍ଚ ଟପିବ ...

ଅର୍ଥ ସମେତ ନିର୍ବାଚନ ବାବଦ ଅନ୍ୟ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରି ଏହାକୁ ପୁନଃ ଆକଳନ କରାଯାଇଥିଲା । ରାଓ ଆହୁରି କହିଛନ୍ତି ଯେ, ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନଙ୍କ ବଜେଟ୍ ମୋଟ ଖର୍ଚ୍ଚର ୧୦ରୁ ୧୫ ପ୍ରତିଶତ ହେବ । ତେବେ ମୋଟ ଖର୍ଚ୍ଚର ୩୦% ବିଭିନ୍ନ ପ୍ଲାଟଫର୍ମରେ ମିଡିଆ କ୍ୟାମ୍ପେନ୍‌ରେ ଖର୍ଚ୍ଚ ହେବାର ଆକଳନ କରାଯାଇଛି । ରାଜନୈତିକ ଦଳର ରାଲି, ଶୋଭାଯାତ୍ରା, ନିର୍ବାଚନୀ ସଭା, କର୍ମୀଙ୍କ ପରିବହନ ସମେତ ବିବାଦୀୟ ଘୋଡା ବେପାର ଖର୍ଚ୍ଚକୁ ମଧ୍ୟ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯାଇଛି । ଏଥିସହ ନିର୍ବାଚନ ତାରିଖ ଘୋଷଣା ହେବାର ୩/୪ ମାସ ପୂର୍ବରୁ ଦଳ ଗୁଡିକ ପକ୍ଷରୁ କରାଯାଇଥିବା ଖର୍ଚ୍ଚ ମଧ୍ୟ ଏଥିରେ ହିସାବଭୁକ୍ତ । ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ନିକଟରେ ଦାବି କରିଥିଲା ଯେ, ଭାରତରେ ରାଜନୈତିକ ଦଳ ଗୁଡିକର ପାଣ୍ଠିରେ ସ୍ୱଚ୍ଛତାର ଅଭାବ ରହିଛି । ୨୦୦୪-୦୫ ରୁ ୨୦୨୨-୨୩ ପର୍ଯ୍ୟନ୍ତ ଦେଶର ପ୍ରମୁଖ ୬ ରାଜନୈତିକ ଦଳକୁ ମିଳିଥିବା ମୋଟ ୧୯,୦୮୩ କୋଟି ଟଙ୍କାର ପ୍ରାୟ ୬୦ ପ୍ରତିଶତ ଅଜ୍ଞାତ ଉତ୍ସରୁ ଆସିଛି, ଯେଉଁଥିରେ ନିର୍ବାଚନୀ ବଣ୍ଡ ବି ସାମିଲ ଥିଲା । ୨୦୧୯ରେ ଖର୍ଚ୍ଚ ହୋଇଥିବା ପ୍ରାୟ ୬୦ ହଜାର କୋଟି ଟଙ୍କାର ପ୍ରାୟ ୪୫% କେବଳ ବିଜେପି ଖର୍ଚ୍ଚ କରିଥିଲା । ୨୦୨୪ ନିର୍ବାଚନରେ ତାହା ବହୁଗୁଣା ହେବାର ସମ୍ଭାବନା ରହିଛି । ୱାଶିଂଟନ୍ ଡିସିର ଏକ ଅଣଲାଭକାରୀ ସଂସ୍ଥା 'ଓପନସିକ୍ରେଟ୍ ଡଟ୍ ଓଆର୍‌ଜି' ଅନୁସାରେ, ଭାରତରେ ୯୬.୯ କୋଟି ମତଦାତାଙ୍କ ହିସାବରେ ପ୍ରତି ଭୋଟରଙ୍କ ପିଛା ୧,୪୦୦ ଟଙ୍କା ଖର୍ଚ୍ଚ ହେଉଛି । ଏହି ଖର୍ଚ୍ଚ ୨୦୨୦ରେ ଆମେରିକାରେ ହୋଇଥିବା ନିର୍ବାଚନୀ ଖର୍ଚ୍ଚଠାରୁ ବି ଅଧିକ । ୨୦୨୦ରେ ଆମେରିକାରେ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ବିଜ୍ଞାପନ ଏଜେନ୍ସି ଡେଣ୍ଟସୁ କ୍ରିଏଟିଭ୍‌ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅମିତ୍ ୱାଧ୍‌ୱା କହିଛନ୍ତି, ଚଳିତ ବର୍ଷ ଡିଜିଟାଲ ପ୍ରଚାର ବହୁଳ ଭାବେ ହେଉଛି । ରାଜନୈତିକ ଦଳଗୁଡିକ କର୍ପୋରେଟ୍ ବ୍ରାଣ୍ଡ ଭଳି କାମ କରିଛନ୍ତି ଏବଂ ପେସାଦାର ଏଜେନ୍ସି ଗୁଡିକଠାରୁ ସେବା ନେଉଛନ୍ତି । ମେଟା, ଗୁଗୁଲ ପ୍ଲେ ଭଳି ବଡ ସୋସିଆଲ ମିଡିଆ ଗୁଡିକର ମଧ୍ୟ ନିର୍ବାଚନ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି ।

### ଲୋକଙ୍କ ...

ଯେଉଁଥିପାଇଁ ଏଥର ବିଜେଡିର ବାହୁବଳ ଓ ଅର୍ଥବଳକୁ ଲୋକେ ବିରୋଧ କଲେଣି । ଲୋକେ ଚାହାନ୍ତି କେନ୍ଦ୍ରର ବିକାଶଧାରା ସହିତ ଏଥର ସାମିଲ ହେବ କନ୍ଧମାଳ । ଏକଥା ବି ଲୋକେ ବୁଝିଗଲେଣି ଯେ, ଡକ୍ଟର ସାମନ୍ତ ନିଜର କଳାକାରନାମାକୁ ଲୁଚାଇବା ପାଇଁ ରାଜଧାନୀ ଛାଡ଼ି କନ୍ଧମାଳରୁ ସାଂସଦ ପ୍ରାର୍ଥୀ ହୋଇଥିଲେ । ଏହାପଛରେ ତାଙ୍କର କେବଳ ଅର୍ଥ ଉପାର୍ଜନ ନିଶା ରହିଛି । ସେ କେବେବି ଲୋକଙ୍କ ସେବାକୁ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ । ଗାଁ ଗାଁରେ ଏବେ ବିଜେପିର ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଅଧିକ ଲୋକପ୍ରିୟ ହେଉଛନ୍ତି । ଏହି ଅଞ୍ଚଳବାସୀ ତାଙ୍କ ସହିତ ଦୀର୍ଘଦିନରୁ ଜଡିତ ଥିବାରୁ ଏଥର ସୁକାନ୍ତଙ୍କ ବିଜୟ ଥୟ ବୋଲି ଧରାଯାଇପାରେ । କାରଣ ପୂର୍ବରୁ ଲୋକେ ଭାବୁଥିଲେ ନବୀନ ବାବୁ ଜଣେ ଭଲ ମଣିଷ । ହେଲେ ଏବେ ଲୋକ ବୁଝିଗଲେଣି ଯେ, ନବୀନଙ୍କ ବଦଳରେ ଜଣେ ଅଣଓଡ଼ିଆ ଶାସନ କରିବା ପାଇଁ ସମସ୍ତ ପ୍ରକାର ଚକ୍ରାନ୍ତ ଚଳାଇଛନ୍ତି । କନ୍ଧମାଳବାସୀ ଅଣଓଡ଼ିଆଙ୍କ ଚକ୍ରାନ୍ତକୁ ନିଶ୍ଚୟ ଖଣ୍ଡନ କରିବେ ଏବଂ ଜଣେ ଖାଣ୍ଟି ଓଡ଼ିଆଙ୍କୁ ନିଜର ପ୍ରତିନିଧି କରି ଦିଲ୍ଲୀ ଦରବାର ପଠାଇବେ । ବିକାଶ ପ୍ରସଙ୍ଗରେ ଶ୍ରୀ ପାଣିଗ୍ରାହୀଙ୍କ କହିବା କଥା – କନ୍ଧମାଳରେ ପ୍ରମୁଖ ପ୍ରସଙ୍ଗ ହେଉଛି ବିକାଶ । ବିକାଶ ପ୍ରସଙ୍ଗକୁ ନେଇ ଆମେ ନିର୍ବାଚନ ଲଢୁଛୁ । ଏଥିରେ ଜାତି-ଧର୍ମ-ବର୍ଣ୍ଣ ବୋଲି କିଛି ନାହିଁ । ସଂଖ୍ୟାଲଘୁମାନେ ବର୍ତ୍ତମାନ ମନ ବଳାଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ପାଇଁ ବହୁତ କିଛି କାମ କରିଛନ୍ତି । ତେଣୁ ଏଥର ବିଜେପି ପକ୍ଷକୁ ସଂଖ୍ୟାଲଘୁ ଭୋଟ ଆସିବ । କନ୍ଧମାଳରେ ଏଥର ଓଡ଼ିଆ-ଅଣଓଡ଼ିଆ, ସ୍ୱଦେଶୀ-ବିଦେଶୀ, ଫକୀର-ଅମିର ମଧ୍ୟରେ ଲଢ଼େଇ ହେବ । ବିଜେଡିର କୋଟି କୋଟି ଟଙ୍କା ବଦଳରେ ମୋର ହଜାରେ ଟଙ୍କା ଯଥେଷ୍ଟ କାମ କରିବ । ଲୋକମାନେ ମୋତେ ଟଙ୍କା ଦେଉଛନ୍ତି ନିର୍ବାଚନ ଲଢ଼ିବା ପାଇଁ । ବିଜେଡି କରିଥିବା ପ୍ରତାରଣାର ଉଚିତ ଜବାବ ଦେବେ କନ୍ଧମାଳବାସୀ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭିକେ ପାଣ୍ଡିଆନ ଯେତେ ଅଧିକ ପ୍ରଚାର କରିବେ ବିଜେପି ସପକ୍ଷରେ ସେତେ ଅଧିକ ଭୋଟ ଆସିବ । ତେଣୁ ଏଭଳି ପରିସ୍ଥିତିରେ ବିଜେଡି ପ୍ରାର୍ଥୀ ଡକ୍ଟର ସାମନ୍ତଙ୍କ ବିଜୟକୁ ନେଇ ଆଶଙ୍କା ଦେଖାଦେଇଛି । ଅନ୍ୟପଟେ ସୁକାନ୍ତଙ୍କ ସପକ୍ଷରେ ଜନମତ ବଢ଼ିବାରେ ଲାଗିଛି । କନ୍ଧମାଳବାସୀ ମିଥ୍ୟା ପ୍ରଚାରକୁ ବିଶ୍ୱାସ ନକରି ତାଙ୍କ ସୁଖଦୁଃଖର ସାଥୀ ହେଉଥିବା ସୁକାନ୍ତଙ୍କୁ ଜିତାଇବେ ବୋଲି ପଣ କରିଛନ୍ତି । ତେଣୁ ବିକାଶ ବନାମ ବିନାଶର ଲଢ଼େଇରେ ଧର୍ମର ଜୟ ହେବ ବୋଲି ସମସ୍ତେ କହୁଛନ୍ତି । ଉଲ୍ଲେଖଯୋଗ୍ୟ, ସୁକାନ୍ତ ନିଷ୍ପାପର ଭାବରେ ନିଜର ପରିବାର, ଚାକିରୀ ଛାଡି ଜନସେବା କରିଆସୁଛନ୍ତି । ୨୦୦୦ ଏବଂ ୨୦୦୪ ନିର୍ବାଚନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ଟିକଟରେ ନିର୍ବାଚନ ଲଢ଼ିଥିଲେ । ୨୦୧୪ରେ ଯେଉଁ ସମୟରେ କନ୍ଧମାଳ ସଂସଦୀୟ କ୍ଷେତ୍ର ସେମିତି କିଛି ବିଜେପିର ସଂଗଠନ ନ ଥିଲା ତଥାପି ବି ସେ ବିଜେପି ଟିକଟରେ ଲଢ଼ିଥିଲେ । ଫୁଲବାଣୀ, ଦଶପଲ୍ଲା, ବୌଦ୍ଧ, ବାଲିଗୁଡା, ଜିଉଦୟଗିରି, କଣ୍ଟାମାଳ ଓ ଭଞ୍ଜନଗର ଏହି ସାତୋଟି ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ ହୋଇଛି କନ୍ଧମାଳ ସଂସଦୀୟ କ୍ଷେତ୍ର । ଗତ ବାରବର୍ଷ ହେବ ଏହିସବୁ ବିଧାନସଭା କ୍ଷେତ୍ରରେ ନିଜର ସଙ୍ଗଠନକୁ ମଜଭୁତ କରିଛନ୍ତି ଏବଂ କନ୍ଧମାଳର ସୁଖ, ଦୁଃଖରେ ସାମିଲ ହୋଇଛନ୍ତି । ସେହିପରି କନ୍ଧମାଳ ମହୋତ୍ସବ ଜରିଆରେ କନ୍ଧମାଳର ଐତିହ୍ୟ, କଳା ଓ ସଂସ୍କୃତି ପ୍ରଚାର ଓ ପ୍ରସାରରେ ମଧ୍ୟ ଯଥେଷ୍ଟ ଭୂମିକା ରହିଛି ସୁକାନ୍ତ ପାଣିଗ୍ରାହୀଙ୍କର । କନ୍ଧମାଳ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ସ୍ୱର ଉଠାଇ ଆସିଛନ୍ତି ସୁକାନ୍ତ ପାଣିଗ୍ରାହୀ । ଏଥର କନ୍ଧମାଳ ଆସନରେ ସୁକାନ୍ତ ପାଣିଗ୍ରାହୀ ଜିତିବେ ବୋଲି ଚାରିଆଡେ ଚର୍ଚ୍ଚା ହେଉଛି ।

### ଚିନ୍ତାରେ ...

ଯୋଗୁ ସେମାନେ ସତ-ମିଛ ଦ୍ୱନ୍ଦ୍ୱରେ ରହୁଛନ୍ତି । ଦୈନନ୍ଦିନ ଜୀବନରେ ଏଆଇର ପ୍ରଭାବ ଓ ଡିପଫେକର ପ୍ରଭାବ ଜାଣିବା ପାଇଁ ୨୦୨୪ ଆରମ୍ଭରୁ ଗୋଟିଏ ସର୍ଭେ କରାଯାଇଥିଲା । ଏହି ସର୍ବେକ୍ଷଣ ସମୟରେ ଜଣାପଡ଼ିଛି ଯେ ପ୍ରାୟ ୪ ଜଣଙ୍କ ମଧ୍ୟରେ ଜଣେ (୨୨%) ଏମିତି ଭିଡିଓର ସାମ୍ନା କରିଛନ୍ତି ଯାହା ପରବର୍ତ୍ତୀ ସମୟରେ ନକଲି ବୋଲି ଜଣାପଡ଼ିଛି । ସେହପରି ପ୍ରତି ୧୦ ଜଣରୁ ୮ ଜଣ (୮୦%) ଲୋକ ବର୍ଷକ ପୂର୍ବରୁ ଡିପଫେକକୁ ନେଇ ଯେତିକି ଚିନ୍ତିତ ନ ଥିଲେ, ଏବେ ତା'ରୁ ଅଧିକ ଚିନ୍ତିତ । ଅଧାରୁ ଅଧିକ (୬୪ପ୍ରତିଶତ) ଉତ୍ତରଦାତା କହିଛନ୍ତି ଯେ ଏଆଇ ଯୋଗୁ ଅନଲାଇନ୍ ସ୍କାମ ଚିହ୍ନଟ କରିବା କଷ୍ଟକର ହୋଇପଡିଛି । ପ୍ରାୟ ୩୦% ଲୋକ ଅନୁଭବ କରୁଛନ୍ତି ଯେ ଯଦି ଏଆଇ ସହିତ ସୃଷ୍ଟି ହୋଇଥିବା ଭଏସ୍ ମେଲ୍ କିମ୍ବା ଭଏସ୍ ନୋଟ୍ ଶେୟାର କରାଯାଉଛି, ତେବେ ସେମାନେ ନକଲି ଓ ଅସଲ ଚିହ୍ନଟ କରିପାରୁଛନ୍ତି । ଏମ୍‌ସିଏଏଫ୍‌ଇଇର କହିଛନ୍ତି ଯେ ଗତ ୧୨ ମାସ ମଧ୍ୟରେ ୭୫% ଲୋକ କହିଛନ୍ତି ଯେ ସେମାନେ ଡିପଫେକ ବିଷୟବସ୍ତୁ ଦେଖିଛନ୍ତି । ୩୮% ଲୋକ ଡିପଫେକ ସ୍କାମର ସମ୍ମୁଖୀନ ହୋଇଛନ୍ତି ଓ ୧୮% ଲୋକ ଡିପଫେକ ଜାଲିଆତିର ଶିକାର ହୋଇଛନ୍ତି । ଯେଉଁମାନେ ଡିପଫେକ ଜାଲିଆତିର ସାମ୍ନା କରିଥିଲେ କିମ୍ବା ଶିକାର ହୋଇଥିଲେ ସେମାନଙ୍କ ମଧ୍ୟରୁ ୫୭ ପ୍ରତିଶତ ଦାବି କରିଛନ୍ତି ଯେ ସେମାନେ ଜଣେ ସେଲିବ୍ରିଟିଙ୍କ ଭିଡିଓ, ଇମେଜ୍ କିମ୍ବା ଅଡିଓକୁ ଦେଖିଥିଲେ ଓ ଏହା ଅସଲ ବୋଲି ଅନୁମାନ କରୁଥିଲେ । ସେହିପରି ୩୧ ପ୍ରତିଶତ ଲୋକ ଏହି ସ୍କାମ ଯୋଗୁ ଆର୍ଥିକ କ୍ଷତି ସହିଛନ୍ତି । ସର୍ଭେରୁ ଏହା ମଧ୍ୟ ଜଣାପଡିଛି ଯେ ୪୦ ପ୍ରତିଶତ ଲୋକ ଜାଣିବାକୁ ପାଇଛନ୍ତି ଯେ ସେମାନଙ୍କ ସ୍ୱରକୁ ବ୍ୟବହାର କରାଯାଇଛି ବ୍ୟକ୍ତିଗତ ସୂଚନା କିମ୍ବା ଟଙ୍କା ମାଗାଯାଇଛି । ୩୯% ପ୍ରତିଶତ ଲୋକ କଲ୍, ଭଏସ୍ ମେଲ୍ କିମ୍ବା ଭଏସ୍ ନୋଟ୍ ଗ୍ରହଣ କରିଥିବା ରିପୋର୍ଟ କରିଛନ୍ତି । ଏମ୍‌ସିଏଏଫ୍‌ଇଇର ଅନୁଯାୟୀ, ସଚିନ ତେନ୍ଦୁଲକର, ବିରାଟ କୋହଲି, ଆମୀର ଖାନ ଓ ରଣବୀର ସିଂହଙ୍କ ସହ ସମ୍ପୃକ୍ତ ଘଟଣାଗୁଡ଼ିକ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଭାରତୀୟମାନେ କହିଛନ୍ତି ।

### କେନ୍ଦ୍ରରେ ...

ଆଶାବାଦୀ ଅଛନ୍ତି । କର୍ମକର୍ତ୍ତାଙ୍କୁ ଶାହାଙ୍କ ଗୁରୁମନ୍ତ୍ର ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର କରିବ । ଓଡ଼ିଶାରେ ଜଣେ ଯୁବକ,ସୁସ୍ଥ ଓ ସ୍ୱଚ୍ଛ ଓଡ଼ିଆ କହୁଥିବା ମୁଖ୍ୟମନ୍ତ୍ରୀ ହେବା ଦରକାର ବୋଲି ଶାହା କହିଛନ୍ତି । ସାଂସଦ ଓ ବିଧାୟକ ପ୍ରାର୍ଥୀ ମିଳିତ ଭାବେ ଏକାଠି ପ୍ରଚାର କରିବାକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ୧୩ଟି ସଂସଦୀୟ କ୍ଷେତ୍ରର ପ୍ରଭାରୀ, ସଂଯୋଜକ, ପ୍ରାର୍ଥୀଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଶ୍ରୀ ଶାହା ବୈଠକ ଶେଷ କରି ସିଧାସଳଖ ଦିଲ୍ଲୀ ଫେରି ଯାଇଥିବା ଜଣାପଡ଼ିଛି । ଶ୍ରୀ ଶାହା ଫେରିଯିବା ପରେ ସେଠାରେ ଉପସ୍ଥିତ ଥିବା ପ୍ରାର୍ଥୀ ଓ କର୍ମକର୍ତ୍ତାଙ୍କ ସହ ଦଳର ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ଓ ବରିଷ୍ଠ ନେତା ଭୂପିନ୍ଦର ଯାଦବ ଅନ୍ୟ ଏକ ବୈଠକ କରିଥିଲେ । ଏଥିରେ ବିଜେପିକୁ କିଭଳି ଅଧିକ ସଫଳତା ମିଳିବ ସେନେଇ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଶ୍ରୀ ଶାହା ସୋନପୁରରେ ବିଜେପି ପାଇଁ ପ୍ରଚାର ଆରମ୍ଭ କରିବା ସହ ନବୀନ ପଟ୍ଟନାୟକ ସରକାରକୁ ଶାଣିତ ସମାଲୋଚନା କରିଥିବାରୁ ବିଜେପି ମହଲରେ ଉତ୍ସାହ ଦେଖିବାକୁ ମିଳିଛି ।

### ୫୯ ଦେଶରେ ...

ମାନଦଣ୍ଡ ସ୍ଥିର କରିଛନ୍ତି, ଯେଉଁଥିରେ ୫ ଦେଶର ୭ ଲକ୍ଷ ୫ ହଜାର ଲୋକ ୫ମ ପର୍ଯ୍ୟାୟରେ ରହିଛନ୍ତି, ଯାହା ମାନଦଣ୍ଡ ଅନୁସାରେ ସର୍ବୋଚ୍ଚ ସ୍ତର । ଟୋରେରୋ କହିଛନ୍ତି, ୨୦୧୬ରେ ଯେବେ ପ୍ରଥମ ଥର ପାଇଁ ବିଶ୍ୱ ସ୍ତରୀୟ ରିପୋର୍ଟ ଜାରି ହେଲା ସେ ତୁଳନାରେ ବର୍ତ୍ତମାନ ଭୋକରେ ପୀଡ଼ିତ ଲୋକଙ୍କ ସଂଖ୍ୟା ସର୍ବାଧିକ । ରିପୋର୍ଟ ଅନୁସାରେ, ଦକ୍ଷିଣ ସୁଦାନ, ବୁର୍କିନା ଫାସୋ, ସୋମାଲିଆ ଏବଂ ମାଲିରେ ହଜାର ହଜାର ଲୋକ ଭୋକରେ ଆଉଟୁପାଉଟୁ ହେଉଛନ୍ତି । ଆଗାମୀ ଜୁଲାଇ ସୁଦ୍ଧା ଗାଜାର ୧୧ ଲକ୍ଷ ଏବଂ ଦକ୍ଷିଣ ସୁଦାନର ୭୯ ହଜାର ଲୋକ ଭୋକିଲା ରହୁଥିବା ଲୋକଙ୍କ ମାନଦଣ୍ଡ ଅନୁସାରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବେ ବୋଲି ଆକଳନ କରାଯାଇଛି । ଏହା ସହିତ ସେମାନେ ଅକାଳ ମୃତ୍ୟୁର ସାମ୍ନା କରିବାକୁ ବାଧ୍ୟ ହେବେ । ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ଅର୍ଥାତ ୫ ଲକ୍ଷ ୭୭ ହଜାର କେବଳ ଗାଜାରେ ରହିଛନ୍ତି । ଏଠାରେ ଭୋକର ସ୍ଥିତି ସବୁଠୁ ଭୟଙ୍କର ବୋଲି ରିପୋର୍ଟରେ କୁହାଯାଇଛି ।

### ପ୍ରାର୍ଥୀଙ୍କ ଠାରୁ ...

ଶଙ୍କରନାରାୟଣ ଦେଇଛନ୍ତି । ଏଠାରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହୋଇଥିବା ବେଳେ ବାକି ୮ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରି ନେଇଥିଲେ । ତେଣୁ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି । ଆବେଦନକାରୀ କହିଛନ୍ତି, ଆମେ ସୁରତରେ ଦେଖିବାକୁ ପାଇଲୁ ଯେ କେବଳ ଜଣେ ମାତ୍ର ପ୍ରାର୍ଥୀ ରହିଛନ୍ତି । ତେବେ ଜଣେ ପ୍ରାର୍ଥୀ ଥିଲେ ମଧ୍ୟ ନିର୍ବାଚନ ହେବା ଦରକାର । କାରଣ ଇଭିଏମରେ ନୋଟାର ବିକଳ୍ପ ରହିଛି । ଭୋଟରଙ୍କ ଅଗ୍ରାହ୍ୟ କରିବାର ଅଧିକାର ରହିଛି । ଏଥିପାଇଁ ନୋଟାର ବ୍ୟବସ୍ଥା ହୋଇଛି । ରାଜନୀତିକ ଦଳଗୁଡ଼ିକ ଯେମିତି ଭଲ ପ୍ରାର୍ଥୀ ଦେବେ ସେଥିପାଇଁ ନୋଟାର ବ୍ୟବସ୍ଥା କରାଯାଇଥିଲା । ଯଦି କୌଣସି ନିର୍ବାଚନ ମଣ୍ଡଳୀରେ ସମସ୍ତ ପ୍ରାର୍ଥୀଙ୍କ ବିରୋଧରେ ଅପରାଧିକ ମାମଲା ରହିଛି, ତା'ହେଲେ ଜଣେ ଭୋଟର କ'ଣ କରିବେ ? ଭୋଟରଙ୍କ ହାତରେ ନୋଟା ଭାବେ ଗୋଟିଏ ବିରାଟ ଅସ୍ତ୍ର ରହିଛି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଇସିଙ୍କୁ ନୋଟିସ କରିବା ସହ କହିଛନ୍ତି ଯେ ଏହା ନିର୍ବାଚନ ପ୍ରକ୍ରିୟା । ଦେଖାଯାଉ ଏହା ଉପରେ ନିର୍ବାଚନ କମିଶନ କ'ଣ କହୁଛନ୍ତି ?

### 'ଲାଇନଚ୍ୟୁତ ...

ସାଧାରଣ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି ବିଜେଡି ସରକାର । ଓଡ଼ିଶାରେ ୭୫ ବର୍ଷ ପରେ ସବୁଠୁ ଚିନ୍ତାଜନକ ବିଷୟକୁ ନିମନ୍ତ୍ରଣ କରିଛନ୍ତି ବିଜେଡି ସରକାର । ଏ ରାଜ୍ୟରେ ମନ୍ତ୍ରୀ, ଏମଏଲଏ, ଏମପିଙ୍କ ସମ୍ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେମାନଙ୍କ ମୂଲ୍ୟବୋଧ ନିରୂପଣ କରିପାରୁନାହାଁନ୍ତି ବିଜେଡି ସରକାର । ସେମାନଙ୍କ ମର୍ଯ୍ୟାଦା ରଖିପାରୁନାହାନ୍ତି । ରାଜ୍ୟରେ ଜନପ୍ରତିନିଧି ନୁହଁନ୍ତି ବରଂ କିଛି ମୁଷ୍ଟିମେୟ ଅଫିସର ରହି ଶାସନ ନିୟନ୍ତ୍ରଣ କରୁଛନ୍ତି । ଅଫିସରଙ୍କ ଆତଙ୍କ ରାଜ୍ୟରେ ନୂଆ ରୂପ ନେଇଛି ବୋଲି କହିଛନ୍ତି ମନମୋହନ ସାମଲ । ଏ ସରକାର ଗାଁକୁ ସମ୍ମାନ ଦେଇନାହାଁନ୍ତି । ରାଜ୍ୟର ଅସ୍ମିତାକୁ କ୍ଷୁର୍ଣ୍ଣ କରିଛନ୍ତି । ଓଡ଼ିଶା ଲୋଲଙ୍କ ମନରେ ଅନେକ ପ୍ରଶ୍ନ । ଜନପ୍ରତିନିଧି ମାନଙ୍କୁ ସମ୍ମାନ ଦେଇ ଶିଖି ନାହିଁ ନବୀନ ସରକାର । ଏମଏଲ୍‌ଏ, ଏମ୍‌ପି ମାନଙ୍କୁ କ୍ରୀତଦାସ କରି ଦିଆଯାଉଛି । ଗଣତନ୍ତ୍ର ବ୍ୟବସ୍ଥାର ଅଂଶ ହୋଇ ସେମାନଙ୍କୁ ଛୋଟ କରି ଦିଆଯାଉଛି । ଲୋକ ଦାଦନ ଖଟିବାକୁ ଯାଉଛନ୍ତି । ଲକ୍ଷାଧିକ ଶିକ୍ଷକ ଓ ଡାକ୍ତରଙ୍କ ପଦବୀ ଖାଲି, କିନ୍ତୁ ପୂରଣ କରାଯାଉନାହିଁ । ୪୦ ଲକ୍ଷ ପାରିବାର ଚିଟଫଣ୍ଡ ଦ୍ୱାରା ଠକେଇର ଶିକାର ହୋଇଛନ୍ତି । ଆଜି ଯାଏ କେହି ଫେରି ପଇଲେ ନାହିଁ ଟଙ୍କା । ଚିଟଫଣ୍ଡ ନାରେ ଲୋକଙ୍କ ଟଙ୍କା ହଡ଼ପ ହୋଇଛି । ଧାନ କିଣାରେ ହଜାର ହଜାର କୋଟିର ଲୁଟ ହୋଇଛି । ୨୦୦୯ରେ କହିଲେ ୩୫ ଭାଗ ଜମି ଜଳସେଚନ ହେବ । ୨୦୧୪ରେ କହିଲେ ୧୭ ଭାଗ ଜମି ଜଳସେଚନ କରିବେ । ୨୦୧୯ରେ କହିଲେ ୩୩ ପ୍ରତିଶତ ଜଳସେଚନ କରିବେ । କିନ୍ତୁ ତାହା ମଧ୍ୟ ହୋଇପାରିଲା ନାହିଁ । ପର୍ଯ୍ୟଟନ ଶିଳ୍ପରେ କୌଣସି ଉନ୍ନତି ହେଲା ନାହିଁ । ୧୫ ହଜାର କୋଟି କେନ୍ଦ୍ର ସରକାର ଦେଲେ କିନ୍ତୁ ପାନୀୟଜଳ ପାଇଁ ତାହା କାର୍ଯ୍ୟକାରୀ ହେଲା ନାହିଁ । ୩ କୋଟି ୨୬ ଲକ୍ଷ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଦିଆଯାଉଛି । ୧୮ ଲକ୍ଷ କୋଟି ଟଙ୍କା ଦେଲେ କେନ୍ଦ୍ର ସରକାର । ରୂପାନ୍ତରିତ କରାଯାଇ ଅର୍ଥ ଲୁଟ କରାଗଲା କିନ୍ତୁ ସେ ବିଷୟରେ ହିସାବ ମିଳିଲା ନାହିଁ । ବ୍ଲକ ଠାରୁ ଆରମ୍ଭ କରି ରାଜ୍ୟ ସବୁଠି ଦୁର୍ନୀତି ଭ୍ରଷ୍ଟାଚାର । ତେଣୁ ବର୍ତ୍ତମାନ ସଧାରଣ ଲୋକ ଜାଣିବା ଦରକାର ଯେଉଁ ସରକାରକୁ ସେ ଭୋଟ ଦେଇଛନ୍ତି ସେ ସରକାର କଣ ? ବର୍ତ୍ତମାନ ପରିବର୍ତ୍ତନର ଆବଶ୍ୟକତା ରହିଛି । ତେଣୁ ଏବେ ସାଧାରଣ ଲୋକଙ୍କ ମନରେ ଏହି ସରକାରଙ୍କ ବିରୋଧରେ ଅସନ୍ତୋଷ ବିସ୍ଫୋରଣ ହୋଇଛି । ଲୋକେ ଏବେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ନିର୍ବାଚନ ପ୍ରଭାରୀ ବିଜୟସିଂ ତୋମର, ସହ ପ୍ରଭାରୀ ଲତା ଉଣ୍ଡେସି, ପୂର୍ବତନ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ୨୫ ବର୍ଷର ...

ରାଜ୍ୟରେ ବିକାଶ କାହିଁକି ଅନ୍ୟ ରାଜ୍ୟ ତୁଳନାରେ ଆଖିଦୃଷ୍ଟିଆ ନୁହେଁ । ଏ ବଳକା ଟଙ୍କା କିଏ ଖାଇଗଲା ? ନା ଝୋଟ ବ୍ୟାଗ, ଲୁଙ୍ଗି, ବିଭିନ୍ନ ବିଜ୍ଞାପନ ଇତ୍ୟାଦିରେ ଅର୍ଥ ବ୍ୟୟ କରି ମଣିଷ ବିକାଶରରେ ଅସମର୍ଥ ହୋଇଛନ୍ତି । ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ ର ବିଗତ ୧୫ ବର୍ଷର ବେରୋଜଗାରୀ ହାର ତଥ୍ୟ ଉପରେ ନଜର ପକାଇଲେ ଜଣାପଡ଼େ ଯେଉଁ ବେରୋଜଗାରୀ ହାର ୟୁପିଏ ସରକାର ୨ ଅମଳରେ ୬% ତଳେ ରହି ଆସିଥିଲା । ୨୦୧୫ ମସିହାରେ ୨୦୨୦ ମସିହାରେ ୮%କୁ ବୃଦ୍ଧି ହୋଇ ୨୦୨୨ରେ ୭.୩୩କୁ ଖସି ୨୦୨୩ ରେ ପୁଣି ୮% ଅତିକ୍ରମ କଲା । ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି ରୁ ଉପଲବ୍ଧ ସର୍ବଶେଷ ତଥ୍ୟ ଅନୁଯାୟୀ, ମାର୍ଚ୍ଚରେ ଶେଷ ହୋଇଥିବା ଗତ ଆର୍ଥିକ ବର୍ଷରେ (୨୦୨୨-୨୩) ଭାରତ ଶ୍ରମଶକ୍ତିର ଅଂଶଗ୍ରହଣ ହାର (ଏଲଏଫପିଆର) ୩୯.୫% କୁ ଖସି ଆସିଛି । ଏହା ସୂଚିତ କରେ ଯେ ଭାରତ କାର୍ଯ୍ୟ ବୟସ ଜନସଂଖ୍ୟାର ଅଧାରୁ ଅଧିକ ଲୋକ ଚାକିରୀ କରନ୍ତି ନାହିଁ କିମ୍ବା ଚାକିରୀ କରିବାକୁ ଇଚ୍ଛା କରନ୍ତି ନାହିଁ । ବିଶେଷ କରି ଦେଶରେ ମହିଳାମାନଙ୍କ କ୍ଷେତ୍ରରେ ଏହା ପ୍ରାୟ ୯୦% । ପୁରୁଷ ମାନଙ୍କ ପାଇଁ ଶ୍ରମଶକ୍ତିର ଅଂଶଗ୍ରହଣ ହାର ସାତ ବର୍ଷର ସର୍ବନିମ୍ନ ୬୬% ଥିବା ବେଳେ ମହିଳାଙ୍କ ପାଇଁ ଏହା ମାତ୍ର ୮.୮% ରହିଥିଲା । ଭାରତରେ ବହୁ ସଂଖ୍ୟାରେ ଯୁବପିଢ଼ି ବିଶେଷ କରି ଯୁବତୀ ଶିକ୍ଷା, ରୋଜଗାର କିମ୍ବା ପ୍ରଶିକ୍ଷଣରେ ନାହାନ୍ତି । ଉଚ୍ଚ ଅଭିବୃଦ୍ଧି ସତ୍ତ୍ୱେ, ଅଭିବୃଦ୍ଧି ପ୍ରକ୍ରିୟାରେ ରୋଜଗାରର ତୀବ୍ରତା ହ୍ରାସ ପାଇଛି । ଏହା ବହୁଳ ଭାବରେ ସ୍ୱୀକାର କରାଯାଏ ଯେ ଏହା ମୁଖ୍ୟତଃ ଅଭିବୃଦ୍ଧି ପ୍ରକ୍ରିୟା ଉତ୍ପାଦନ ଶିଳ୍ପ ଆଧାରିତ ବଦଳରେ ସେବା ଉଦ୍ୟୋଗ ଆଧାରିତ ହୋଇଥିବାରୁ । ଭାରତ ପୃଥିବୀର ସର୍ବ ବୃହତ ଏବଂ ୧.୪ ବିଲିୟନ ଜନସଂଖ୍ୟାର ଦେଶ । ଆମ ଜନସଂଖ୍ୟା ଉପରେ ବିଦେଶୀ କମ୍ପାନୀ ମାନଙ୍କ ନଜର । ଆମେ ଯଦି ଆମ ଜନସଂଖ୍ୟା ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉତ୍ପାଦନ କରିପାରନ୍ତେ ତେବେ ବେରୋଜଗାରୀରୁ ବହୁ ମାତ୍ରାରେ ନିସ୍ତାର ମିଳନ୍ତା । କୋକାକୋଲା ପରି ବିଦେଶୀ କମ୍ପାନୀ ଭାରତରେ ସୋଡ଼ା ସାଙ୍ଗରେ ଚିନି ମିଶାଇ ବର୍ଷକୁ ୧୨୮୦୦ କୋଟି ଟଙ୍କାର ବେପାର କରୁଛି ଏବଂ ଆମର ଯୁବପିଢ଼ିଙ୍କୁ ୧୨୦୦୦ ଟଙ୍କାର ଚାକିରୀ ସ୍ୱପ୍ନ ହୋଇ ଯାଉଛି । ସାମଗ୍ରିକ ନିଯୁକ୍ତି ସୁଯୋଗର ଅଭିବୃଦ୍ଧି ହ୍ରାସ ପାଉଥିବା ବେଳେ ଶିକ୍ଷାର ବିସ୍ତାର ସହିତ ଭାରତର ଯୁବ ନିଯୁକ୍ତି ଚ୍ୟାଲେଞ୍ଜ ଏକ ଗୁଣାତ୍ମକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । ଏହା ଦ୍ୱାରା ଯୁବ ବେକାରୀ, ବିଶେଷ କରି ଶିକ୍ଷିତ ଯୁବତୀ ମାନଙ୍କ ମଧ୍ୟରେ ତୀବ୍ର ବୃଦ୍ଧି ଘଟିଛି । ଏହି ଆହ୍ୱାନ ମହିଳା ଏବଂ ସାମାଜିକ-ଆର୍ଥିକ ଦୃଷ୍ଟିରୁ ବଂଚିତ ବର୍ଗଙ୍କ ପାଇଁ ଏବଂ ତୁଳନାତ୍ମକ ସ୍ୱଳ୍ପ ଆୟକାରୀ ଯୁବକମାନଙ୍କ ପାଇଁ ଉତ୍କଟ ଅଟେ । ଉଦୀୟମାନ କ୍ଷେତ୍ରଗୁଡ଼ିକରେ ଉଭୟ ସେବା ଏବଂ ଉତ୍ପାଦନର ପୁଞ୍ଜି ତୀବ୍ରତା ଅଧିକ । ଶ୍ରମ ବହୁଳ ବିଶେଷକରି ଉତ୍ପାଦନ ଏବଂ ସାମାଜିକ କ୍ଷେତ୍ରରେ ଚାକିରି ବିସ୍ତାର କରିବାକୁ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ନୀତି ମାଧ୍ୟମରେ ବିଭିନ୍ନ ଅର୍ଥନୀତିର ବିଭିନ୍ନ ଅଙ୍ଗକୁ ବିକାଶ କରି ଏକ ସୁବିଧାଜନକ ପରିସ୍ଥିତିରେ ପରିଣତ କରାଯାଇପାରିବ ବୋଲି ଶ୍ରୀ ଦାଶ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ନଳିନୀକାନ୍ତ ନାୟକ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଘର ତିଆରି କରି ଦେବା ନାଁରେ ହିତାଧିକାରୀଙ୍କ ଟଙ୍କା ଉଠାଣ କରି ଠିକାଦାର ଫେରାର

**ଥୁଆମୂଳ ରାମପୁର :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଞ୍ଜିଗୁଡା ଗାଁର ଧୋବ ମାଝୀଙ୍କ ଭାଗ୍ୟ ଓ ଭବିଷ୍ୟତ ବଦଳି ପାରିନାହିଁ । ସରକାରଙ୍କ ଯୋଜନା ଧୋବା ମାଝୀଙ୍କ ପାଇଁ ସାତ ସପନ ପାଲଟିଛି ଦୟନୀୟ ଅବସ୍ଥାରେ ସ୍ୱାମୀ ସ୍ତ୍ରୀ । ଏକ ବାଉଁଶ ତିଆରି କୁଡ଼ିଆରେ ଖରା, ବର୍ଷା, ଶୀତରେ ବିପଦପୂର୍ଣ୍ଣ ଅସ୍ଥାୟୀ କୁଡ଼ିଆରେ ବର୍ଷ ବର୍ଷ ଧରି ମୁଣ୍ଡ ଗୁଞ୍ଜି ରହି ଆସୁଛନ୍ତି ଧୋବା ମାଝୀ । ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ଆକାଉଣ୍ଟରେ ଘର ନିର୍ମାଣ ପାଇଁ ଆବାସ ଯୋଜନାର ଅଗ୍ରୀମ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା ।ହେଲେ ଆବାସ ଘର ନିର୍ମାଣ କରିଦେବି କହି ସିନ୍ଧିପଦର ଗାଁର ହରି ନାଏକ ନାମକ ଜଣେ ଠିକାଦାର ଚଞ୍ଚକତା ତଥା ଠକାମି କରି ଧୋବା ମାଝୀର ଟିପ ଚିହ୍ନ ନେଇ ଟଙ୍କା ଉଠାଇ କୁଆଡେ ଚାଲିଯାଇଥିବା ଅଭିଯୋଗ ଆଣିଛନ୍ତି ଧୋବା ମାଝୀ । ଏନେଇ ବାରମ୍ବାର ପ୍ରଶାସନ ପାଖରେ ଧୋବା ମାଝୀ ଗୁହାରି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଘୋଟଣା ଏବେ ଅଞ୍ଚଳରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏସଂପର୍କରେ ସିନ୍ଧିପଦର ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ପଚାରି ବାରୁ ସେ କେମେରା ସାମ୍ନାରେ ପ୍ରତି କ୍ରିୟା ନରଖିବା ପାଇଁ ମନା କରି ଦେଇଥିଲେ । ତେବେ ସବୁ ଯାଣିସୁଣି ପଞ୍ଚାୟତ ବିଭାଗ ନିରବ ଦ୍ରାଷ୍ଟା ସାଜିବା ତାହା ଅତି ଦୁର୍ଭାଗ୍ୟର ବିଷୟ ।

## କାମରେ ଆସୁନି ବିଜୁ ସ୍ୱାସ୍ଥ୍ୟ କାର୍ଡ

# ରୋଗୀଣା ପୁଅକୁ ମେଡିକାଲରୁ ଫେରେଇ ଆଣିଲେ ପରିବାର



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗୋନା ପଞ୍ଚାୟତର ଭାରଶୁଣ୍ଡି ଡିଏନକେ ଗ୍ରାମର ମିଥୁନ ହାଲଦାରଙ୍କ ୮ ବର୍ଷର ପୁଅ ପିୟୁଷ ହାଲଦାରର ପେଟ ବଥେଇବାରୁ ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଜର୍ମାନୀ ମେଡିକାଲକୁ ନେଇଯାଇଥିଲେ । ସେଇଠି ଡକ୍ଟର ପିୟୁଷର ଆପେଣ୍ଡିସ ହେଇଛି ଓ ଏହାକୁ ଅପରେସନ କରିବାକୁ ପଡିବ ବୋଲି କହିଥିଲେ । ମିଥୁନ ଡେରି ନ କରି ତାଙ୍କ ପାଖେ ବିଜୁସ୍ୱାସ୍ଥ୍ୟ କାର୍ଡ ଅଛି ପୁଅକୁ ଜଲଦି ଅପରେସନ କରିବାକୁ ଡକ୍ଟରଙ୍କୁ କହିଥିଲେ । ପୁଅକୁ ଅପରେସନ ରୁମକୁ ପଠେଇବା ସାଙ୍ଗେ ସାଙ୍ଗେ ମେଡିକାଲ ପୁଅକୁ ଅପରେସନ ପାଇଁ ପ୍ରସ୍ତୁତି କରୁଥିବା ବେଳେ ହଠାତ ମେଡିକାଲରେ ଏହି ବିଜୁ ସ୍ୱାସ୍ଥ୍ୟ କାର୍ଡ ଯାଞ୍ଚ କରିବାରୁ ତମ କାର୍ଡ ଆକ୍ଟିଭ ହେଇନାହିଁ ଏହା କାମ ଦେଉନି ବୋଲି ମେଡିକାଲ କହିଥିଲେ । ପରେ ମିଥୁନ ତାଙ୍କ ପୁଅଙ୍କୁ ଅପରେସନ ନ କରେଇ ଘରକୁ ଧରି ଆସିଥିଲେ ପରେ ରାଇଘର ଯୋଗାଣ ସହାୟତାଙ୍କ ପାଖେ ଯାଇ ପଚାରିବାରୁ ଏହି କାର୍ଡ ମେ ମାସରେ କାମ ଦେବ ବର୍ତ୍ତମାନ କାମ ଦେବନାହିଁ ବୋଲି କହିଥିଲେ । ଏହା ଶୁଣି ମିଥୁନର ରକ୍ତ ମୁଣ୍ଡରେ ଚଢିଯାଇଥିଲା ତାଙ୍କ କହିବା କଥା ଯଦି ବିଜୁ ସ୍ୱାସ୍ଥ୍ୟ କାର୍ଡ କାମ ଦେବନାହିଁ ତା ହେଲେ ଆଗରୁ କଣ ପାଇଁ ଦିଆଗଲା ଯାହାକି ଫେବୃଆରୀ ମାସରେ ସାଂସଦ ରମେଶ ମାଝୀ ଏବଂ ବ୍ଲକ ଅଧକ୍ଷା ନବୀନା ନାୟକ ବାଣ୍ଟିଲେ ଏହି କାର୍ଡ । ବର୍ତ୍ତମାନ ଏହି କାର୍ଡ କାମ ଦେଉନି ତିନି ମାସ ପରେ କାର୍ଡ କାମ ଦେବ ଲୋକଙ୍କୁ ଭୁଆଁ ବୁଲେଇବା ଛଡା ଆଉ କିଛି ନୁହଁ ବୋଲି ମିଥୁନ ହାଲଦାର ଏବଂ ତାଙ୍କ ପରିବାର କହିଛନ୍ତି ।

# ରାଜଶ୍ରୀ, ତୁଷାରକାନ୍ତିଙ୍କୁ ବିପୁଳ ସମର୍ଥନ



**ଅସ୍ତରଙ୍ଗ :** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡିକୁ ବିପୁଳ ପରିମାଣରେ ଜଣସମର୍ଥନ ମିଳିବାରେ ଦେଖିବାକୁ ମିଳୁଛି । ଗୁରୁବାର ଦିନ ବିଜେଡି ପକ୍ଷରୁ ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଜଗତସିଂହପୁର ସାଂସଦ ପ୍ରାଥୀ ଡ଼ାଃ ରାଜଶ୍ରୀ ମଲ୍ଲିକ ବିଧାୟକ ପ୍ରାଥୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ସାମିଲି ଥିଲେ । ଖୋଲା ଜିପିରେ ଏମାନଙ୍କୁ ବିପୁଳ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ହଜାର ହଜାର ମହିଳାମାନେ ଫୁଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆଳୁଦଣ୍ଡା ପାଟଣା ଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଦୀର୍ଘ ୧୫ କିଲୋମିଟର ରାସ୍ତାରେ ଖାଲି ନବୀନ ନାରାରେ ପ୍ରକମ୍ପିତ ହେଉଥିଲା । ନୂଆହାଟ, କାକଟପୁର, ଗୋପ, କୋଣାର୍କ, ଅସ୍ତରଙ୍ଗ ବ୍ଲକର ହଜାର ହଜାର ସମର୍ଥକ ମାନେ ତୁଷାର ରାଜଶ୍ରୀଙ୍କୁ ଶୋଭାଯାତ୍ରାରେ ସମର୍ଥନ ଜଣାଇଥିଲେ । ସବୁ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବିଜେଡି ଦଳର ସମସ୍ତ କର୍ମକର୍ତ୍ତା ମାନେ ଅଂଶ ଗ୍ରହଣ କରିଥିଲେ । ଏହି ବିଶାଳ ଶୋଭାଯାତ୍ରା ପୁରୀ ଜିଲ୍ଲାରେ ଏକ ଭିନ୍ନ ଧରଣର ପ୍ରଭାବ ପକାଇବ ବୋଲି ବିଭିନ୍ନ ମହଲରେ ଜନମତ ସୃଷ୍ଟି ହୋଇଛି । ବରୋଧୀ ଶିବିରରେ ନିଶ୍ଚିତ ଏହାର ପ୍ରଭାବ ରହିବ ବୋଲି ବିଜେଡି ନେତା ମାନେ ମତ ଦେଇଛନ୍ତି । ଆୟୋଜିତ ଶୋଭାଯାତ୍ରାକୁ ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାର ନାଥ ବିଶ୍ୱାଳ ପରିଚାଳନା କରିଥିଲେ । ଦଶ ହଜାରରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ଓ କର୍ମୀମାନେ ଯୋଗ ଦେଇଥିଲେ ।



ପ୍ରେମାନନ୍ଦ ପାଣିଗ୍ରାହୀ

# କୁସୁମ ଯାକରେ ମଲ୍ଲୀ....





ଫୁଲର ରଙ୍ଗ, ବାସ୍ନା ଏବଂ ଆକାର କେବଳ ମନୁଷ୍ୟକୁ ଆନନ୍ଦ ଦେଇନଥାଏ; ପଶୁପକ୍ଷୀଙ୍କୁ ବି ପ୍ରଲୁବ୍ଧ କରିଥାଏ । ସୃଷ୍ଟିର ଆରମ୍ଭରୁ ଫୁଲ ମନୁଷ୍ୟ ସହିତ ଜଡିତ ହୋଇ ରହିଆସିଛି । ଠାକୁରଙ୍କ ପୂଜା ଠାରୁ ଆରମ୍ଭ କରି ପ୍ରସାଧାନ ଏବଂ ପ୍ରେମର ମାଧ୍ୟମ ହେଉଛି ଫୁଲ । ପୃଥିବୀରେ ୩୫ ହଜାର ଭିନ୍ନ ପ୍ରଜାତିର ଫୁଲ ଅଛି। ଫୁଲ ଆମ ଓଠରେ ହସ ଫୁଟାଏ, ମନକୁ ଖୁସି କରେ, ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଏ ଏବଂ ଆମ ମାନସିକ ସ୍ଥିତି ସୁଦୃଢ ରଖେ। ଶୁଭ କାର୍ଯ୍ୟରେ ପୁଷ୍ପର ମହତ୍ୱ ଅଧିକ ରହିଥାଏ। ପୁଷ୍ପର ସୁଗନ୍ଧରେ ଦେବତାମାନେ ତୃପ୍ତ ହୋଇ ପ୍ରସନ୍ନ ହୁଅନ୍ତି । ଫୁଲ ସୈନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଚିକିତ୍ସା କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଏ।। ପ୍ରାଚୀନ କାଳରେ ଫୁଲକୁ ବିଶେଷ କରି ଆର୍ୟୁବେଦିକ ଚିକିତ୍ସାରେ ବ୍ୟବହାର କରାଯାଉଥିଲା ।

ଦିନକୁ ଦିନ ଧୁଧୁ ହୋଇ ବଢୁଛି ତାତି। ତାପମାତ୍ରା କମିବାରେ ନାଁ ଧରୁନି। ତାତି ସାଙ୍ଗକୁ ବର୍ତ୍ତମାନ ଗୁଳୁଗୁଳି ମଧ୍ୟ ଲାଗି ରହୁଛି। ଜୀବଜଗତ ତାତିରୁ ତ୍ରାହି ଖୋଜୁଥିବା ବେଳେ କୃଷ୍ଣଚୂଡା, ରାଧାଚୂଡା, କୁରେହି, ସୁନାରୀ, ମଲ୍ଲୀ, ଚମ୍ପା ପରି କିଛି ଫୁଲ ଖିଲିଖିଲି ହସୁଛନ୍ତି। ଚୈତ୍ରରୁ ଜ୍ୟେଷ୍ଠମାସ ପର୍ଯ୍ୟନ୍ତ ବାଡିବଗିଚାରେ ମଲ୍ଲୀ ଫୁଲ ଫୁଟିଥାଏ। ମନମୁଗ୍ଧକର ସୁବାସ ଓ କୋମଳ ଶୁଭ୍ର ରଙ୍ଗ ଯୋଗୁ ଜନମନ ହରଣ କରିଥାଏ ମଲ୍ଲୀ ଫୁଲ। ସଂସ୍କୃତରେ ଏହି ଫୁଲକୁ ମଲ୍ଲିକା, ମଲ୍ଲୀ, ମଦୟନ୍ତୀ, ଭୁପଦୀ ଓ ତେଲୁଗୁରେ ଲଲ୍ଲେଚେଙ୍ଗୁ କୁହାଯାଏ। ଏହାର ଫୁଲ ଧଳା ଓ ସୁଗନ୍ଧ। ଫୁଲର ପାଖୁଡା ଭେଦରେ ଏକ ପାଖିଆ ଓ ବହୁ ପାଖିଆ ହୋଇଥାଏ। ଆମ ରାଜ୍ୟରେ ମୁଖ୍ୟତଃ ଦୁଇ ପ୍ରକାରର ମଲ୍ଲୀ ଫୁଲ ଦେଖାଯାଏ। ଗୋଟିଏ ବଣ ମଲ୍ଲୀ ଓ ଅନ୍ୟଟି ବୁଦାଳିଆ ମଲ୍ଲୀ। ବଣ ମଲ୍ଲୀ ପ୍ରାକୃତିକ ଭାବରେ ବଣଜଙ୍ଗଲରେ ଦେଖାଯାଏ । ଏହାର ପତ୍ର ଲମ୍ବା ଓ ଏହା ଅନ୍ୟ ଗଛ ଆଶ୍ରାରେ ମାଡିଥାଏ। ବଣ ମଲ୍ଲୀ ଫୁଲ ଗୋଟିଏ ଧାଡି ପାଖୁଡା । କଥାରେ ଅଛି ବଣରେ ମଲ୍ଲୀ ଫୁଟିଲେ, ଏହାର ବାସ୍ନା ଚଉଦିଗକୁ ମହକାଇ ଦିଏ। ଆମେ ଯେଉଁ ମଲ୍ଲୀ ବାଡି ବଗିଚାରେ ଲଗାଉ ତାହା ଛୋଟ ଓ ବୁଦାଳିଆ ଗଛ । ମଲ୍ଲୀର ପ୍ରଜାତି ମଧ୍ୟରେ କସ୍ତୁରୀ ମଲ୍ଲୀ, ମଦନ ବାଣ, ରାମ ବାଣ, ଡବଲ ମୋହରାଖୋଯା ଇରୁଭାତୀ ଆଦି ପ୍ରଧାନ। ଡାଳ ମାଧ୍ୟମରେ ଏହା ବଂଶବୃଦ୍ଧି କରିଥାଏ।

ମଲ୍ଲୀର ବାସ୍ନାରେ ସମସ୍ତେ ଆତ୍ମହରା ହୋଇଥାନ୍ତି। ଦିଗବିଦିଗ ମହକାଇ ଦେଇଥାଏ ତାର ସୁଗନ୍ଧିତ ବାସ୍ନା। ମଣିଷଙ୍କ ଠାରୁ ଦେବତାଙ୍କ ପର୍ଯ୍ୟନ୍ତ ସମସ୍ତେ ଆକୃଷ୍ଟ ହୋଇଥାନ୍ତି ତା ପ୍ରତି। ଶ୍ରୀଜଗନ୍ନାଥଙ୍କର ମଲ୍ଲୀ ଫୁଲ ଅତି ପ୍ରିୟ ହୋଇଥିବାରୁ ଫୁଲୁରି ସେବକମାନେ ଜଗନ୍ନାଥଙ୍କ ଲାଗି ଖାସ ମଲ୍ଲୀ ମାଳ ଗୁନ୍ଥି ଏହାକୁ ଜଗାବଳିଆଙ୍କୁ ଅର୍ପଣ କରିଥାନ୍ତି। ପୁରୀ ସହରର ଫୁଲ ଦୋକାନମାନଙ୍କରେ ଜ୍ୟେଷ୍ଠ ମାସରେ ମଲ୍ଲୀ ଫୁଲ ଗଜରା ବେଶୀ ବିକ୍ରି ହୋଇଥାଏ । ଉପର ବେଳା ଗାଧୁଆପାଧୁଆ ସାରି ସେ ଫୁଲ ଗଜରାକୁ କିଏ ହାତରେ କିଏ ଗଳାରେ ବାନ୍ଧି ଚନ୍ଦନଯାତ୍ରାରେ ବାହାରିଥାନ୍ତି। ଏପ୍ରଥା କାହିଁ କେଉଁ କାଳରୁ ଚାଲିଆସିଛି। କେବଳ ଶ୍ରୀଜଗନ୍ନାଥ ମଲ୍ଲୀ ପ୍ରିୟ ନୁହଁନ୍ତି ଦେବଦେବ ମହାଦେବ ବଣ ମଲ୍ଲୀ ଓ ମଲ୍ଲୀ ଫୁଲ ପ୍ରତି ଆକୃଷ୍ଟ। ମହାଶିବରାତ୍ରୀରେ ଘରର ବଗିଚାରେ ମଲ୍ଲୀ ଫୁଲ ଲଗାଇବା ଅତ୍ୟନ୍ତ ଶୁଭ ବୋଲି ବିଶ୍ୱାସ ରହିଛି। ମହାଦେବଙ୍କ ପରି ମାପାର୍ବତୀ ମଲ୍ଲୀ ଫୁଲକୁ ଭଲ ପାଆନ୍ତି। ଶିବରାତ୍ରୀ ଦିନ ମଲ୍ଲୀ ଫୁଲ ଗଛ ବାଡିରେ ଲଗାଇବା ଦ୍ୱାରା ମାପାର୍ବତୀଙ୍କ ସହ ମହାଦେବଙ୍କର ଆଶିଷ ମିଳିଥାଏ ଓ ବୈବାହିକ ଜୀବନ ସୁଖମୟ ହୋଇଥାଏ। ଆଶ୍ୱିନ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ଶାରଦୀୟ ନବରାତ୍ରୀ ଆରମ୍ଭ ହୋଇଥାଏ । ତେବେ ଦଶହରାରେ ଦେବୀଙ୍କୁ ତାଙ୍କର ପ୍ରିୟ ଫୁଲ ଅର୍ପଣ କରିବା ଦ୍ୱାରା ସେ ସନ୍ତୁଷ୍ଟ ହୁଅନ୍ତି । ଅଷ୍ଟମୀ ଦିନ ମାଦୁର୍ଗା ମହାଗୌରୀ ରୂପରେ ପୂଜା ପାଆନ୍ତି । ଏହିଦିନ ମଲ୍ଲୀ ଫୁଲ ମାଙ୍କ ପାଖରେ ଅର୍ପଣ କଲେ ଦାମ୍ପତ୍ୟ ଜୀବନରେ ମଧୁରତା ଆସିଥାଏ ଏବଂ ପରିବାରରେ ଏକତା ବଢିଥାଏ । ମଲ୍ଲୀ ଫୁଲର ବାସ୍ନା ମନୋମୁଗ୍ଧକର ହୋଇଥିବା ହେତୁ ଘର ଅଗଣାରେ ଏହି ଫୁଲକୁ ଲଗାଇବା ଦ୍ୱାରା ଘରେ ସକରାତ୍ମକ ପ୍ରଭାବ ପଡିଥାଏ। ମହକଭରା ମଲ୍ଲୀ ଫୁଲକୁ ସ୍ୱପ୍ନରେ ଦେଖିବା ଦ୍ୱାରା ଭାଗ୍ୟ ଚମକିବାର ଇସାରା ଦିଏ । ଜୀବନରେ ନିଶ୍ଚୟ କିଛି ଖୁସିର ଖବର ଆସିବ ବୋଲି ସୂଚନା ଦିଏ।

ଖାଦ୍ୟ ପ୍ରସ୍ତୁତ କରିବା ଯେଭଳି ଏକ କଳା,ଖାଦ୍ୟକୁ ସୁନ୍ଦର ଭାବରେ ପରଷିବା ମଧ୍ୟ ଆଉ ଏକ କଳା। ଖାଇବାଯୋଗ୍ୟ ଫୁଲ ଖାଦ୍ୟକୁ ସ୍ୱାଦିଷ୍ଟ କି ସୁନ୍ଦର କରିନଥାଏ, ସୁବାସିତ କରିଥାଏ। ଖାଦ୍ୟର ମହକ ସହ ଫୁଲର ମହକ ମିଶି ସେଥିରୁ ଏକ ଭିନ୍ନ ସୁଗନ୍ଧ ସୃଷ୍ଟି ହୁଏ। ଯାହାକି ଖାଦ୍ୟ ପ୍ରେମକୁ ଖାଦ୍ୟ ପ୍ରତି ଅଧିକ ଆକୃଷ୍ଟ କରିଥାଏ। ପଖାଳରେ ମଲ୍ଲୀଫୁଲ ପକାଯାଇ ସୁବାସିତ ପଖାଳ ପ୍ରସ୍ତୁତ କରାଯାଏ। ଯାହାକି ଖରାଦିନେ ପଖାଳ ରୁଚିକୁ ବଢାଇଥାଏ । ପିଇବା ପାଣିରେ ମଲ୍ଲୀଫୁଲ ପକାଇ ଏହାକୁ ଛାଣି ପିଆଯାଇଥାଏ। ମଲ୍ଲୀ ଫୁଲ ଖୁବ୍ ସୁବାସିତ ହୋଇଥିବାରୁ ଏହାକୁ ବିଭିନ୍ନ ପ୍ରକାରର ଲୋସନ୍, ଫେସ୍‌କ୍ରିମ,ସାବୁନ ତଥା ବ୍ୟୁଟି ପ୍ରଡକ୍ଟ ତିଆରି କରିବାରେ ବ୍ୟବହାର କରାଯାଇଥାଏ। ତ୍ୱଚାରେ ଚମକ ଆଣିବା ପାଇଁ ଏହି ଫୁଲକୁ ବାଟି ମୁହଁରେ ଲଗାଯାଏ। ମଲ୍ଲୀ ଫୁଲକୁ ସଫା ପାଣିରେ ବତୁରାଇ ସେହି ପାଣିକୁ ତୁଳାରେ ନେଇ ମୁହଁ ପୋଛିଲେ ତ୍ୱଚା କୋମଳ ହେବା ସହ ଚମକ ଆସିଥାଏ। ଯୂଇ, ଚମ୍ପା, ମଲ୍ଲୀ ଫୁଲରୁ କିଛି ନେଇ ନଡିଆ ତେଲରେ ଭଲ ଭାବେ ଫୁଟାଇ ତାହାକୁ ଛାଣି ଶରୀରରେ ମାଲିସ କଲେ ତ୍ୱଚାର ରୁକ୍ଷପଣ ଦୂର ହୋଇଥାଏ। ଆଖି ଯନ୍ତ୍ରଣା ହେଉଥିଲେ ମଲ୍ଲୀ ଫୁଲର ଲେପ ଦେଲେ ଲାଭ ମିଳିଥାଏ। ପୁରୁଣା ମୁଣ୍ଡ ବ୍ୟଥା ଲାଗି ମଲ୍ଲୀ ଫୁଲ ରାମବାଣ ତୁଲ୍ୟ କାମ କରିଥାଏ। ଏଥିଲାଗି ମଲ୍ଲୀ ଫୁଲକୁ ବାଟି କପାଳରେ ଏହାର ଲେପ ଦେଲେ ମୁଣ୍ଡ ବ୍ୟଥାରୁ ଆରାମ ମିଳିଥାଏ। ମଲ୍ଲୀ ଫୁଲରେ ସୁବାସିତ ଅଗରବତୀ ମଧ୍ୟ ପ୍ରସ୍ତୁତ ହୁଏ। ମହିଳାମାନେ ମଲ୍ଲୀ ଫୁଲ ମାଳରେ ଗଭାକୁ ସଜାଇବାକୁ ଭଲପାଆନ୍ତି। ଯଦ୍ୱାରା କେଶର ସୈନ୍ଦର୍ଯ୍ୟରେ ଚମକ ଆସିଥାଏ । ବିବାହ କାର୍ଯ୍ୟରେ ବର ଓ କନ୍ୟା ମଲ୍ଲୀ ଫୁଲ ହାର ଲଗାଇଥାନ୍ତି। ନିକଟରେ କାନାଡାର ବିଶେଷଜ୍ଞ ପ୍ରକାଶ କରିଛନ୍ତି ଯେ ମଲ୍ଲୀ ଫୁଲର ଲୋକପ୍ରିୟତା ଖ୍ରୀଷ୍ଟପୂର୍ବ ୨୫୦୦ ସମୟରେ ଇଜିପ୍ଟରେ ରହିଥିଲା । ଇଜିପ୍ଟବାସୀ ସେତେବେଳେ ନିଜ ଘରେ ତଥା ଉତ୍ସବରେ ମଲ୍ଲୀ ଫୁଲର ବ୍ୟବହାର କରୁଥିଲେ। କେବଳ ମହିଳା କାହିଁକି, ପୁରୁଷବି ମଲ୍ଲୀ ଫୁଲକୁ ଭଲ ପାଆନ୍ତି। ନହେଲେ କାହିଁକି କବି ଲେଖିଥାନ୍ତେ -ମଲ୍ଲୀମାଳ ଶ୍ୟାମକୁ ଦେବି...। ଦୀର୍ଘ ଦିନର ଚିନ୍ତା,ଅନିଦ୍ରା ଏବଂ ସ୍ନାୟୁ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଲାଗି ବିଶେଷ କରି ମଲ୍ଲୀ ଫୁଲର ସୁଗନ୍ଧକୁ ବ୍ୟବହାର କରାଯାଏ। ଏଥିସହ ହଜମ ସମ୍ବନ୍ଧୀୟ ସମସ୍ୟା, ପେଟ ଯନ୍ତ୍ରଣା ଏବଂ ଡାଇରିଆ ଲାଗି ଏହି ଫୁଲକୁ ଆର୍ୟୁବେଦିକ ଚିକିତ୍ସାରେ ଉପଯୋଗ କରାଯାଏ।



*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*



ମୌଲାନା ଫଜଲ ହକ ଖାଁ

# ଯୁଦ୍ଧ ନୁହେଁ ଆମେ ଶାନ୍ତି ଚାହୁଁ



ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩। ଶିତୁଳା ସକାଳ। ଜୟଦେବ ବିହାର ଚଳଚଂଚଳ ହୋଇଉଠିଥାଏ। ସେହିଦିନ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି। ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି। ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଞ୍ଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ। ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ। ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା। ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହା ଦରକାର ? ସମସ୍ତଙ୍କୁ ଏହା ବିଚଳିତ କରିପକାଇଛି।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ। ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା। କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ। ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ। ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ। ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି। ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି। ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି। ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି। ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି। ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି। ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା। କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ। କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି। ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ। ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ସାମ୍ରାଜ୍ୟ ନିଶ୍ଚିତ ସମ୍ଭବ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା। ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି। ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି। ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଏ ସାମ୍ରାଜ୍ୟ ଓଡ଼ିଶା। ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି। ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି। ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗରୀ। ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ। ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ। ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ। ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ। ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ। (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ। (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି। ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି। ତାହା ହେଲା ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା। ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା। ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା। ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା। ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା। ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା। ଏବଂ ମାନବ ଜାତିର ସେବା କରିବା।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା।





*ମଙ୍ଗଳାବାଗ-କଟକ*
*ଦୂରଭାଷ : ୯୬୯୨୨୨୫୦୫୭*

# ମେ’ ୨୦ରେ ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ

**ଭୁବନେଶ୍ୱର :** ମେ’ ୨୦ରେ ଓଡ଼ିଶାରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ। ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ଓ ଏହି ସଂସଦୀୟ କ୍ଷେତ୍ରରେ ଥିବା ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ବରଗଡ଼ର ପଦ୍ମପୁରରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ ଗ୍ରହଣ ହେବ। ସେହିପରି ବରଗଡ଼ ଲୋକସଭା ଅନ୍ତର୍ଗତ ଅନ୍ୟ ୬ ବିଧାନସଭା କ୍ଷେତ୍ର ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର ଓ ଝାରସୁଗୁଡ଼ାରେ ସକାଳ ୭ଟାରୁ ସଂଧ୍ୟା ୬ଟା ଯାଏଁ ଭୋଟ ଗ୍ରହଣ ହେବ। ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରର ବଣାଇରେ ସକାଳ ୭ଟାରୁ ୪ଟା ଯାଏଁ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଅନ୍ୟ ସମସ୍ତ ୬ ବିଧାନସଭା କ୍ଷେତ୍ର ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁରରେ ସକାଳ ୭ଟାରୁ ସଂଧ୍ୟା ୬ଟା ଯାଏଁ ଭୋଟ ଗ୍ରହଣ ହେବ। ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ଥିବା ପାଟଣାଗଡ଼ ବିଧାନସଭା କ୍ଷେତ୍ରରେ ୧୭ ପୋଲିଂ ଷ୍ଟେସନରେ ସକାଳ ୭ଟାରୁ ୪ଟା ଓ ଅନ୍ୟ ପୋଲିଂ ବୁଥରେ ସକାଳ ୭ଟାରୁ ୫ଟା ଯାଏଁ ଭୋଟ ହେବ। ସେହିପରି କଣ୍ଟାବାଞ୍ଜିରେ ୧୩ ପୋଲିଂ ଷ୍ଟେସନରେ ସକାଳ ୭ଟାରୁ ୪ଟା ଓ ଅନ୍ୟ ପୋଲିଂ ଷ୍ଟେସନରେ ୭ଟାରୁ ୫ଟା ଯାଏଁ ଭୋଟ ହେବ। ତେବେ ଅନ୍ୟ ୫ ବିଧାନସଭା କ୍ଷେତ୍ର ବଲାଙ୍ଗିର, ଟିଟିଲାଗଡ଼, ବୀରମହାରାଜପୁର, ସୋନପୁର, ଲୋଇସିଂହାରେ ସକାଳ ୭ଟାରୁ ୬ଟା ଯାଏ ଭୋଟ ହେବ। କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭଞ୍ଜନଗରରେ ସକାଳ ୭ଟାରୁ ସଂଧ୍ୟା ୬ଟା ଯାଏଁ ଭୋଟ ହେବ। ସେହିପରି ଦଶପଲ୍ଲାରେ ସକାଳ ୭ଟାରୁ ଅପରାହ୍ଣ ୫ଟା, ବୌଦ୍ଧ ଓ କଣ୍ଟାମାଳରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟ ହେବ। ତେବେ ବାଲିଗୁଡ଼ାର ୧୫ ପୋଲିଂ ଷ୍ଟେସନରେ ସକାଳ ୭ଟାରୁ ୫ଟା ଓ ଅନ୍ୟ ପୋଲିଂ ବୁଥରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ଜି.ଉଦୟଗିରିର ୮ଟି ପୋଲିଂ ଷ୍ଟେସନରେ ସକାଳ ୭ଟାରୁ ୫ଟା ଓ ଅନ୍ୟ ବୁଥରେ ସକାଳ ୭ଟାରୁ ୪ଟା ଭୋଟ ଗ୍ରହଣ ହେବ। ଫୁଲବାଣୀରେ ୨୩ ପୋଲିଂ ଷ୍ଟେସନରେ ୭ଟାରୁ ୫ଟା ଓ ଅନ୍ୟ ପୋଲିଂ ବଥରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟ ହେବ। ତେବେ ଆସିକା ଲୋକସଭା କ୍ଷେତ୍ରର ସମସ୍ତ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସଂଧ୍ୟା ୬ଟା ଯାଏଁ ଭୋଟ ଗ୍ରହଣ ହେବ।

# ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳିତ



**ଭୁବନେଶ୍ୱର:** ବୁଦ୍ଧ ମନ୍ଦିର ଠାରେ ରକ୍ତତୀର୍ଥ ଇରମରେ ଜନ୍ମିତ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତାଙ୍କର ପ୍ରତିମୂର୍ତ୍ତି ରେ ପୂଜ୍ୟପୂଜାର ଏହି ଅବସରରେ ସକାଳେ ମାଲ୍ୟାର୍ପଣ କରାଯାଇଥିଲା। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ସନ୍ଧ୍ୟା ୫ଟାରୁ ଦେଶାତ୍ମବୋଧକ କବିତା ପାଠ ସହିତ ଅତିଥିମାନଙ୍କ ଦ୍ୱାରା ସ୍ମୃତିଚାରଣ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। କବିତା ପାଠୋତ୍ସବର ପ୍ରାରମ୍ଭରେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ଜାତୀୟ କବିଙ୍କ ନାମରେ ‘ବାଞ୍ଛାନିଧି ଚକଲା’ ନାମକ ଏକ ଦେଶ ଗଠନକୁ ଏକ ଅନନ୍ୟ ଘଟଣା,କବି ବାଞ୍ଛାନିଧିଙ୍କର କବିତା ଆବୃତ୍ତି ସହ ଇରମ ଗୁଳିକାଣ୍ଡ ଉପରେ ଆଲୋକପାତ କରିଥିଲେ। କବିତା ସଂଯୋଜନାରେ ସଭାପତିତ୍ୱ କରିଥିଲେ ସ୍ମୃତିସାନ୍ତ୍ୱନାର ସମ୍ପାଦିକା କବି ସବିତାରାଣୀ ବେହେରା, ସଂଯୋଜନାରେ କବି ମାନଗୋବିନ୍ଦ ବାରିକ, କବି ବିଜୟ ବହଳି। ସଭାରେ ସଭାପତିତ୍ୱ କରିଥିଲେ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି। ମୁଖ୍ୟ ଅତିଥି ଡ. ରବିନାରାୟଣ ସେନାପତି ବାଞ୍ଛାନିଧି ମହାନ୍ତିଙ୍କର ଜାତିପ୍ରୀତି ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ଗାନ୍ଧୀ ବାଦୀ ଏବଂ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ବାଞ୍ଛାନିଧି ମହାନ୍ତିଙ୍କର ବହୁମୁଖୀ ପ୍ରତିଭା ଏବଂ ଅଗ୍ନିବର୍ଷୀ କବିତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବରେ ସାହିତ୍ୟିକ ଡ. ରାମଚନ୍ଦ୍ର ପଲାଇ ଇରମ ଓ ବାଞ୍ଛାନିଧିଙ୍କ କବିତାଉପରେ ଆଲୋଚନା କରିଥିଲେ। ଏହି ସଭାରେ ପ୍ରଫେସର ହରେକୃଷ୍ଣ ଦାଶ, ଗବେଷକ ଡ. ଶିଶିର କୁମାର କର ଏବଂ ଡ. ଅରବିନ୍ଦ ଗିରିଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବେଦପାଠ କରିଥିଲେ ସଲିଳା ମହାନ୍ତି ଏବଂ ତରୁଣବାଳା ମହାପାତ୍ର। ସଭାରେ ଡ.ସୁରେନ୍ଦ୍ର ଦାସ, ଗୁରୁକଲ୍ୟାଣ ମହାପାତ୍ର, ଭାସ୍କର ଜେନା, ବିଭୂତି ପାଣିଗ୍ରାହୀ, ଉମାକାନ୍ତ ରାଉତ, ଡ.ବାସଂତୀ ମହାଂତି, ଡ ପ୍ରଭାତ କୁମାର ଆଦି ବହୁ ବିଶିଷ୍ଟ କବି, ସାହିତ୍ୟ ପ୍ରେମୀ ବ୍ୟକ୍ତି ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ନିରୋଦ କୁମାର ରାଉତ।

# ପାଣ୍ଡିଆନଙ୍କ କାର୍ଯ୍ୟକଳାପ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି କରୁଛି: ସମୀର ମହାନ୍ତି



**ଭୁବନେଶ୍ୱର :** କୌଣସି ସାମ୍ବିଧାନିକ ପଦ ପଦବୀରେ ନାହାନ୍ତି, ନା ସେ ସାଂସଦ, ନା ବିଧାୟକ। ଦଳୀୟ ନେତା ବି ନୁହନ୍ତି। ସେ ବିଜେଡିର ସାମାନ୍ୟ ସଦସ୍ୟ। ଶାସକ ବିଜେଡିର ସାମାନ୍ୟ ସଦସ୍ୟ ଭିକେ ପାଣ୍ଡିଆନଙ୍କୁ ପୋଲିସ ଛାଉଣିରେ ରଖିବା ସହ ତାଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ ନିର୍ମାଣ କରାଯାଉଛି। କେଉଁ ଆଧାରରେ ପାଣ୍ଡିଆନଙ୍କୁ ଏତେ ମାତ୍ରାରେ ଜେଡ୍ କାଟେଗୋରୀର ସୁରକ୍ଷା ଦିଆଯାଉଛି ? ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବ କାହିଁକି ଓ କାହା ନିର୍ଦ୍ଦେଶରେ ଜେଡ୍ କାଟେଗୋରୀ ସୁରକ୍ଷା ଦେଇଛନ୍ତି ? ନେତାଗିରି କରୁଥିବା ପାଣ୍ଡିଆନଙ୍କର ଲୋକଙ୍କୁ ଏତେ ଭୟ କାହିଁକି ? ବିଜେଡିର ସାମାନ୍ୟ କର୍ମୀ ପାଣ୍ଡିଆନଙ୍କୁ ଏଭଳି ସୁରକ୍ଷା ଯୋଗାଇ ଦେବା ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ। ଶ୍ରୀ ପାଣ୍ଡିଆନଙ୍କଠାରୁ ତୁରନ୍ତ ସୁରକ୍ଷା ପ୍ରତ୍ୟାହାର କରାଯିବା ଉଚିତ୍। ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ବିହୀତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦାବୀ କରିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଅଦୃଶ୍ୟ ହୋଇଯାଇଛନ୍ତି। ଭିଡିଓ କଲ୍ ଜରିଆରେ ଶାସନ ଚାଲିଛି । ମୁଖ୍ୟମନ୍ତ୍ରୀଙ୍କ ଗୁମାସ୍ତା ସାଜିଥିବା ଭିକେ ପାଣ୍ଡିଆନ ରିମୋର୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପରିଚାଳିତ କରୁଛନ୍ତି। ଶ୍ରୀ ପାଣ୍ଡିଆନଙ୍କ କାର୍ଯ୍ୟକଳାପ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। “ଶାସକ ବିଜେଡିକୁ ଭୋଟ ନଦେଲେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହିଙ୍କ ଭଳି ଦୁର୍ଦ୍ଦଶା ଭୋଗିବ। ମିଥ୍ୟା କେସରେ ଜେଲ ପଠାଯିବ।” ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଶେରଗଡ ଥାନା ଏଏସ୍ଆଇ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ଫୋନ କରି ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମା’ମାନଙ୍କୁ ଏଭଳି ଧମକ ଦେଉଛନ୍ତି । ଏଭଳି ହୀନ ଓ ଅଗଣତାନ୍ତ୍ରିକ ଘଟଣା ସଂପର୍କରେ ରାଜ୍ୟ ନିର୍ବାଚନ ଅଧିକାରିଙ୍କୁ ତଥ୍ୟ ସହ ଅଭିଯୋଗ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ଭାରତୀୟ ଜନତା ପାର୍ଟି ସର୍ବଦା ମୁକ୍ତ ଓ ଅବାଦ୍ଧ ନିର୍ବାଚନ ଚାହେଁ କିନ୍ତୁ ବିଜେଡିର ମୁଷ୍ଟିମେୟ ଅଧିକାରୀମାନେ ସରକାରୀ କଳ, ବଳ ପ୍ରୟୋଗ କରିବା ସହ ଲୋକଙ୍କୁ ଧମକାଇ ଭୋଟ ହାତେଇବାକୁ ଚାହାନ୍ତି। ବିଜେଡି ଏଭଳି ହୀନ କାର୍ଯ୍ୟରୁ ନିବୃତ ରହୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା, ସାଂସ୍କୃତିକ ପ୍ରକୋଷ୍ଠ ସଂଯୋଜିକା ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହୋମ ଭୋଟିଂ ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ହୋମ ଭୋଟିଂ ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ୮୫ ବୟସର ବରିଷ୍ଠ ନାଗରିକ ଭୋଟର ଓ ଭିନ୍ନକ୍ଷମ ଭୋଟର ମାନେ ନିଜ ଘରେ ରହି ଚଳିତ ସାଧାରଣ ନିର୍ବାଚନରେ ନିଜର ଭୋଟ ପୋଷ୍ଟାଲ ବ୍ୟାଲଟ ମାଧ୍ୟମରେ ଦେବେ। ଡାବୁଗାଁ ବ୍ଲକରେ ୮୫ ବୟସର ବରିଷ୍ଠ ନାଗରିକ ଭୋଟର ୨୭ ଜଣ ଓ ଭିନ୍ନକ୍ଷମ ଭୋଟର ୩୫ ଜଣ ମୋଟ ୬୨ ଜଣ ଭୋଟର ରହିଛନ୍ତି। ଏହି ହୋମ ଭୋଟିଂ ପାଇଁ ୬ଟି ଟିମ ଗଠନ କରାଯାଇଛି। ଏହି ୬ଟି ଟିମ୍ ତାଲିମ ନେଇଥିଲେ। ଏଥିରେ ବିଡିଓ ଶରତ ମାଝୀ ପୋଲିଂ ଅଧିକାରୀ ମାନଙ୍କୁ ତାଲିମ ଦେଇଥିଲେ। ଏଥିରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିଲେ।

# ପ୍ରାର୍ଥୀପତ୍ର ଦାଖଲ କଲେ କୈଳାସ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଆଜି ଯାଏଁ କଂଗ୍ରେସ ନଚେତ୍ ବିଜେଡ଼ି ଦଳ ଜିତିକି ଆସୁଥିଲେ। ହେଲେ ବିଜେପି ଦଳର ନାମ ନିଶାନ ନଥିଲା ବେଳେ ଏଠି ବିଜେପି ଦଳ ପ୍ରଥମ କରି ଏଇ ନିର୍ବାଚନ ମଣ୍ଡଳୀକୁ ଆକ୍ତିଆର କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଚଳିତ ନିର୍ବାଚନରେ କିନ୍ତୁ ଏକ ଐତିହାସିକ ଫେସଲା ଆସିବ ବୋଲି ଶୁଣିବାକୁ ମିଳୁଛି। ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ଦଳ ତରଫରୁ କୈଳାସ ଚନ୍ଦ୍ର କୁଲେସିକା ଏଥି ପ୍ରାର୍ଥୀ ହୋଇ ମାତ୍ର ୨୨୯ ଖଣ୍ଡ ଭୋଟରେ ପରାଜୟ ବହନ କରିଥିଲେ। ହେଲେ ସେହି ସମୟରେ ଗଣତିରେ କିଛି ଭୁଲ ଥିବା ଦର୍ଶାଇ ବିଜେଡ଼ି ଦଳ ବିପକ୍ଷରେ ଏକ ମାମଲା ରୁଜୁ କରିଥିଲେ। ଶାସକ ଦଳ ଅଡୁଆରେ ପଡ଼ିବା ଦେଖି କୈଳାସଙ୍କୁ ବିଜେଡ଼ି ଦଳର ଟିକେଟ ମୋହ ଦେଖାଇ ବିଜେଡ଼ି ଦଳରେ ସାମିଲ କରାଯାଇଥିଲା। ହେଲେ ଠିକ୍ ଟିକେଟ ବଣ୍ଟନ ସମୟରେ ଦଳ ପାଲଟି ମାରିଲା। ବୋହୂ ରୁପି ଏଣ୍ଡୁଅ ଭଳି ଦଳ ରଙ୍ଗ ବଦଳାଇ କୈଳାସଙ୍କ ବଦଳରେ ପ୍ରଭୁଙ୍କୁ ଟିକେଟ ଦେଲା। ଯାହାକି କୈଳାସଙ୍କ ରାଜନୀତି ଜୀବନୀ ଉପରେ ବଡ ପ୍ରଭାବ ପଡ଼ିଥିଲା। ଠିକ୍ ସେହି ସମୟରେ ବିଜେପି ଦଳ କୈଳାସଙ୍କ ଉପରେ ଭରସା କରି ନିଜ ଦଳରେ ସାମିଲ କରିଥିଲା। ସେହି ଭରସାକୁ ନେଇ ଦମ୍ ଦେଖାଇଛନ୍ତି କୈଳାସ। ହଜାର ହଜାର ସମର୍ଥକଙ୍କ ସହ କୋରାପୁଟ ମାଟିରେ ବିରାଟ ଶୋଭାଯାତ୍ରା କରି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ପାର୍ଥି ପତ୍ର ଦାଖଲ କରିଥିଲେ। ଏନେଇ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଥିବା ଚାରୋଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତରୁ ଏତେ ଲୋକ ତାଙ୍କର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଭିଡ ନିୟନ୍ତ୍ରଣ କରିବାରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ବାଜବାଯୋଣା ଢେମ୍ସା ନୃତ୍ୟରେ ଅଞ୍ଚଳ କମ୍ପି ଉଠିଥିଲା। ଏତେ ସମର୍ଥକଙ୍କୁ ଦେଖି ଏବେ ବିରୋଧୀଙ୍କ ରାତିର ନିଦ ହଜିଯାଇଛି। ଚଳିତ ନିର୍ବାଚନରେ କିନ୍ତୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବିଜେପି ଓ କଂଗ୍ରେସ ଦଳ ମଧ୍ୟରେ କଡା ଟକର୍ ହେବାକୁ ଯାଉଛି, ବିଜେଡ଼ି ଏଠି ତିନି ନମ୍ବରରେ ରହିବ ବୋଲି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଏବେ ଭୋଟର୍ ଏଇ ଦୁଇ ଦଳର ପ୍ରାର୍ଥୀଙ୍କ ମଧ୍ୟରୁ କାହାକୁ ସିଂହାସନରେ ବସାଇବେ କାହାକୁ ତିନି ନମ୍ବର ଦେବେ ତାହା ଜୁନ ଚାରି ତାରିଖ ଦିନ ଦେଖିବାକୁ ବାକି ରହିଲା।

# ଟୁକୁନି ସାହୁଙ୍କ ପାଇଁ ଅଟକିଛି ‘ପଦ୍ମପୁର’ ଜିଲ୍ଲା ମାନ୍ୟତା !

**ଭୁବନେଶ୍ୱର :** ପଦ୍ମପୁର କାହିଁକି ଜିଲ୍ଲା ହେଲାନାହିଁ? ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କାହିଁକି ପଦ୍ମପୁରକୁ ଜିଲ୍ଲା ମାନ୍ୟତା ମିଳିଲାନି ? ଏସବୁ ନାନା ଚର୍ଚ୍ଚା ଭିତରେ ନିର୍ବାଚନୀ ସଭାରେ କହୁ କହୁ ସାଙ୍ଘାତିକ କଥା କହିଦେଲେ ମନ୍ତ୍ରୀ ଟୁକୁନି ସାହୁ। ଜିଲ୍ଲା ଘୋଷଣାକୁ ସେ ଅଟକାଇ ଥିଲେ ବୋଲି କହିଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଛି। ଟିଟିଲାଗଡ଼ରେ ଆୟୋଜିତ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଯେଉଁମାନେ କହୁଛନ୍ତି, ଟୁକୁନି ସାହୁ ଜିଲ୍ଲା କରିପାରିଲେ ନାହିଁ, ମୁଁ ସେମାନଙ୍କୁ ଗୋଟିଏ କଥା ପଚାରୁଛି, ଓଡ଼ିଶାରେ ଜିଲ୍ଲା ଯଦି ହୋଇଥାଆନ୍ତା, ବୋଧହୁଏ ସେଦିନ ଇସ୍ତଫା ଦେଇଥାଆନ୍ତି। ସେ ଭାବନା ମୋ’ ମନ ଭିତରେ ଥିଲା। ମୁଁ ଭାବିଥିଲି ଯଦି ପଦ୍ମପୁର ଜିଲ୍ଲା ହେବ, ଆଉ ଟିଟିଲାଗଡ଼ ଜିଲ୍ଲା ଘୋଷଣା ନହେବ, ତାହାହେଲେ ମୁଁ ସିଧା ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଇସ୍ତଫା ଦେଇଦେବି। କିନ୍ତୁ ସେ କଥା ମୁଖ୍ୟମନ୍ତ୍ରୀ କରିବାକୁ ଦେଲେନି। ଟିଟିଲାଗଡ଼ ଜିଲ୍ଲା ହେଲେ ଆଗଧାଡ଼ିରେ ନାଁ ରହିବ। ଏକଥା ମୁଁ ଆପଣମାନଙ୍କ ଆଗରେ ଉପସ୍ଥାପନ କରୁଛି ବୋଲି ଟୁକୁନି ସାହୁ କହିଛନ୍ତି। ସୂଚନାରୁ ପ୍ରକାଶ, ଟିଟିଲାଗଡ଼କୁ ଜିଲ୍ଲା ମାନ୍ୟତା ପାଇଁ ୨୦୦୯ ମସିହାରୁ ଦାବି ହୋଇଆସୁଛି। ସେହି ଅଞ୍ଚଳର ବୁଦ୍ଧିଜୀବୀ ଦୀର୍ଘ ଦିନ ଧରି ଆନ୍ଦୋଳନ କରିଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେହି ଦାବି ପୂରଣ ହୋଇପାରୁ ନାହିଁ। ସେପରି ସ୍ଥିତିରେ ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାର ପାଇଁ ପଦ୍ମପୁରକୁ ଜିଲ୍ଲା କରାଯିବ ବୋଲି ଘୋଷଣା କରିଆସିଥିଲେ। ହେଲେ ପରବର୍ତ୍ତୀ ସମୟରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ମିଳିଲା ନାହିଁ। ଯାହାକୁ ନେଇ ପଦ୍ମପୁର ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲେ। ଏପରି ସ୍ଥିତିରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଭିଡିଓ ଏବେ ପଦ୍ମପୁରବାସୀଙ୍କ କଟା ଘାଆରେ ଚୂନ ସଦୃଶ ହୋଇଛି। ଏହାର ଜବାବ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହାଙ୍କୁ ଦେବାକୁ ପଡ଼ିବ। ନିର୍ବାଚନ ସମୟରେ ଏ ବିଷୟରେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ନିଶ୍ଚିତ ପ୍ରଶ୍ନ କରିବେ। କାରଣ ତାଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ମାନ୍ୟତାର ପ୍ରତିଶ୍ରୁତି ଦେଇଥିଲେ।




# କାଳିମେଳା ବନାଞ୍ଚଳ ପକ୍ଷରୁ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ସଚେତନତା



**ମାଲକାନଗିରି :** ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ କାଳିମେଳା ବନାଞ୍ଚଳ ପକ୍ଷରୁ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଜବାନପାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ କାଳିମେଳା ବନାଞ୍ଚଳ ଅଧିକାରୀ ଟଙ୍କଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜବାନପାଲୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ତେଲେରାଇ ସିଆରସିସି ଶିକ୍ଷକ ରାଜେନ୍ଦ୍ର ତ୍ରିପାଠୀ ଓ ଦେବା ମାଡକାମି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜବାନପାଲୀ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗ୍ରାମର ସମସ୍ତ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ସମସ୍ତ ଉପସ୍ଥିତ ଥିବା ଅତିଥି ମାନେ ଯୋଗଦେଇ ମହୁଳ ଫୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଥିବା ଯୋଗୁଁ ମୂଲ୍ୟବାନ ଗଛପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଉଛି। ଏଥି ସହିତ ବନ୍ୟଜନ୍ତୁମାନେ ଜନବସତି ମୁହଁ ହୋଉଛନ୍ତି ବୋଲି ଅଭିଭାଷଣ ରଖିଥିଲେ। ତେଣୁ ସମସ୍ତେ ସଚେତନତା ହେବା ଦରକାର ଯେମିତିକି ଜଙ୍ଗଲ ସୁରକ୍ଷା ହୋଇପାରିବା ସହିତ ବନ୍ୟଜନ୍ତୁମାନେ ମଧ୍ୟ ସୁରକ୍ଷିତ ଭାବେ ରହିବେ ବୋଲି ଉପସ୍ଥିତ ଅତିଥି ମାନେ ଉପସ୍ଥିତ ଗ୍ରାମବାସୀମାନଙ୍କୁ ବୁଝାଇବା ସହ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଳିମେଳା ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ସହ ପି ଏନଜିଓ ଷ୍ଟାଫ୍ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କାଳିମେଳା ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରୁଥିଲେ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**